


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୩ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 June 2026

Vol.No. 36 ■ No.155 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ମୋହନ ସରକାରଙ୍କୁ ପୁରିଲା ୨ ବର୍ଷ: ଏକାଧିକ ଜନମଙ୍ଗଳକାରୀ ଯୋଜନାର ଶୁଭାରମ୍ଭ

## ଗରିବଙ୍କୁ ମୁଣ୍ଡପିଛା ୧୦କିଲୋ ଚାଉଳ, 'କେଜିରୁ ପିଜି' ସମସ୍ତଙ୍କୁ ମାଗଣା ପାଠପଢ଼ା




ଭୁବନେଶ୍ୱର, ୧୨/୬ (ନି.ପ୍ର): ଦୁଇ ବର୍ଷର ହିସାବ ଦେଲେ, ଆଉ ବାକିଥିବା ୩ ବର୍ଷର ରୋଡ୍ ମ୍ୟାପ ବି ରଖିଲେ। ଦୁଇ ବର୍ଷ ଭିତରେ ରାଜ୍ୟରେ ବିଜେପି ସରକାର କିଭଳି ଦୁର୍ନୀତିମୁକ୍ତ ଭାବମୂର୍ତ୍ତି ସହ ବିକାଶର ସାରଥୀ ସାଜିଛି, ତାର ଚିତ୍ର ବି ରଖିଲେ। ଓଡ଼ିଶାରେ ବିଜେପି ଏକାକୀ ସରକାର ଗଢିବାକୁ ଆଜି ଦୁଇ ବର୍ଷ ପୂରଣ ଅବସରରେ ଭୁବନେଶ୍ୱର ଲୋକସେବା ଭବନରେ ସରକାରଙ୍କ ସଫଳତାର ଚିତ୍ର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଡବଲ ଇଂଜିନ ସରକାର ଡବଲ ଇମ୍ପାକ୍ଟର ଫାଇଦା କଥା କହି ପୂର୍ବ ସରକାରଙ୍କୁ ଧୋଇଛନ୍ତି। ଏପଟେ ବିରୋଧୀ କହିଛନ୍ତି, ବିଫଳତାର ପାହାଡ଼ ଉପରେ ବସି ସଫଳତାର କଥା କହୁଛି ବିଜେପି ସରକାର। ଦୁଇ ବର୍ଷରେ ସରକାରଙ୍କୁ ଛୁଇଁନି ଦୁର୍ନୀତି । ଛାଡ ପାଇବେନି ବିଗତ ସରକାରର ଦୁର୍ନୀତିଗ୍ରସ୍ତ । ସମସ୍ତଙ୍କ ଉପରେ ହେବ କଡ଼ା ଆକ୍ସନ। ଆରମ୍ଭ ହୋଇଛି ଅଭିଯାନ । ରାଜ୍ୟରେ ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ଅବସରରେ ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡିଶା ବିକାଶର ବିସ୍ତୃତ ମାନଚିତ୍ର ଦେଖାଇଛନ୍ତି ମୁଖ୍ୟମନ୍ତ୍ରୀ କହିଛନ୍ତି, ମାତ୍ର ୨ ବର୍ଷ ଶାସନରେ ୧୨୧ଟି ନୂଆ ଯୋଜନା କାର୍ଯ୍ୟକାରୀ ହୋଇଛି। ୯୦ ହଜାର କୋଟି ରେଳ ପ୍ରକଳ୍ପ, ୮୦ ହଜାର କୋଟିର ସଡ଼କ କ୍ଷେତ୍ରର ଅଗ୍ରଗତି ହୋଇଛି। ଶିଳ୍ପ, ଶିକ୍ଷା, କୃଷି ଭିତ୍ତିଭୂମି ବିସ୍ତାର ହେବା ସହ ମହିଳାଙ୍କ ଉନ୍ନତି ପାଇଁ ହାତକୁ ନେଇଥିବା କାର୍ଯ୍ୟକ୍ରମର ଲମ୍ବା ଚିଠା ଥୋଇଥିଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ କୋଷ୍ଟାଲ ହାଇୱେ, କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍ ସଡ଼କ ଭିତ୍ତିଭୂମିର ନୂଆ ପରିଚୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଅର୍ଥନୀତି କରିଡର ଗଠନ ପ୍ରସ୍ତାବ, ଗ୍ରେଟର୍ ଭୁବନେଶ୍ୱର ଗଠନ ଲକ୍ଷ୍ୟ ଡବଲ ଇଞ୍ଜିନ ସରକାର ବଡ଼ ସଫଳତା । ସେପଟେ କେନ୍ଦ୍ରରେ ବି ବିଜେପିର ସରକାର ଥିବାରୁ ଡବଲ ଇଂଜିନର ଇମ୍ପାକ୍ଟ ରାଜ୍ୟ ଉପରେ ପଡୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ବିଜେପିର ୨ ବର୍ଷ ପୂର୍ତ୍ତି ଉତ୍ସବରେ ପୂର୍ବ ବିଜେଡି ସରକାରକୁ ଧୋଇଥିଲେ ମୋହନ। ପାଣ୍ଡିଆନଙ୍କ ନାଁ ନନେଇ ଜଣେ ବ୍ୟକ୍ତି ହୁଇମ୍ସ ଆଣ୍ଡ ଫ୍ୟାନସିସ୍ ରେ ରାଜ୍ୟ ଚଳାଉଥିଲେ କହି ଟାର୍ଗେଟ୍ କରିଥିଲେ। ପୂର୍ବ ସରକାର ସମୟରେ ରାଜ୍ୟର ନାଗରିକମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଥିଲେ । ଚବିଶ ଘଣ୍ଟିଆ ବିଜୁଳି କି ସବୁ ଗାଁକୁ ସଡ଼କ ନଥିଲା। ୨୪ ବର୍ଷ ଧରି ଥିବା ସେ ସରକାରର ହାତ କିଏ ବାନ୍ଧିଥିଲା ବୋଲି ପ୍ରଶ୍ନ କରିଥିଲେ ମୁଖ୍ୟମନ୍ତ୍ରୀ। କିନ୍ତୁ ଏବେ ଆମ ସରକାର 'ମିଶନ ପାୱାର' ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଶିକ୍ଷାକୁ ସାର୍ବଜନୀନ ଓ ଦେୟମୁକ୍ତ କରିବା ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ସମସ୍ତଙ୍କୁ ଦେୟମୁକ୍ତ ଶିକ୍ଷା ମିଳିବା ନେଇ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି, ସାରା ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏଭଳି ନିଷ୍ପତି ନେଇଛି।

# ଓଡ଼ିଶାରେ ମୌସୁମୀ: ଉତ୍ତର ପଟୁ କଲା ପ୍ରବେଶ



ଭୁବନେଶ୍ୱର, ୧୨/୬ (ନି.ପ୍ର): ରଜ ପୂର୍ବରୁ ରାଜ୍ୟକୁ ପ୍ରବେଶ କରିଛି ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ। ଏହାର ପ୍ରଭାବରେ ଆସନ୍ତା ସପ୍ତାହେରେ ବର୍ଷା ସହ ଘଡ଼ଘଡ଼ି, ପବନ ହେବାର ସମ୍ଭାବନା ରହିଛି। ଯାହାଫଳରେ ତାପମାତ୍ରା କମିବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ରାଜ୍ୟର ଉତ୍ତର ଭାଗକୁ ଅଗ୍ରସର ହେଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ମୌସୁମୀ ଅଗ୍ରସର ରେଖା ଆଜି ଓଡ଼ିଶାର ପାରାଦ୍ୱୀପ ଓ ବାରିପଦା ଦେଇ ଗତିକରିବା ସହ ଆଗକୁ ବଢୁଛି । ମୌସୁମୀ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । କେରଳମ୍ ଛୁଇଁବାର ୮ ଦିନ ପରେ ଓଡ଼ିଶାରେ ପହଞ୍ଚିଛି ମୌସୁମୀ । ମୌସୁମୀ ନିମ୍ନ ଚାପ ରେଖା ସଂଗଠିତ ହେବାର ଅଛି । ୧୯ ଜୁନରୁ ୨୫ ଜୁନ ଭିତରେ ରାଜ୍ୟରେ ଭଲ ବର୍ଷା ହେବ । ଆସନ୍ତା ୨୪ ଘଣ୍ଟା ପାଇଁ ରାଜ୍ୟର ଅନେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ପ୍ରବଳ ବର୍ଷା ସହ ୪୦ରୁ ୫୦ କିମି ପ୍ରତି ଘଣ୍ଟା ଏବଂ କେତେକ ସ୍ଥାନରେ ୫୦ରୁ ୬୦ କିମି ପ୍ରତି ଘଣ୍ଟା ବେଗରେ ଝଡ଼ ପବନ ବହିବା ନେଇ ଆଶଙ୍କା ପ୍ରକାଶ ପାଇଛି। ପାଣିପାଗ ବିଭାଗ ପକ୍ଷରୁ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ,ଯାଜପୁର ,ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ସମେତ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଏହା ଛଡା ବାକି ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଆକଳନ ଅନୁଯାୟୀ ଚଳିତବର୍ଷ ସ୍ୱାଭାବିକ ଠାରୁ କମ ବର୍ଷା ହେବ। ଚଳିତ ବର୍ଷ ମୌସୁମୀ ଋତୁରେ ବର୍ଷା କମ୍ ହେବାର ସମ୍ଭାବନା ରହିଛି ।

◆◆ପୃଷ୍ଠା ୭

# ଚାମେଲି ମାଗିଲେ ନ୍ୟାୟ: ବିଧାୟକ ଓ ବିଡିଓଙ୍କ ବିରୋଧରେ କଲେ ସାଂଘାତିକ ଅଭିଯୋଗ



ଭୁବନେଶ୍ୱର, ୧୨/୬ (ନି.ପ୍ର): କିଛି ଦିନ ତଳେ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିବା ପ୍ରଶାସନିକ ଅଧିକାରୀଙ୍କୁ ଅଟକାଇ, ଚର୍ଚ୍ଚା ସାଉଁଟିଥିଲେ ମହାକାଳପଡ଼ା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା । ହେଲେ ଗତକାଲି ସରକାରୀ କାର୍ଯ୍ୟରେ ବାଧାଦେବା ଓ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ଅଟକ ହେବା ପରେ, ପାଲଟିଛନ୍ତି ବିବାଦର କେନ୍ଦ୍ରବିନ୍ଦୁ । ଆଜି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଚାମେଲି । ଅନ୍ୟପକ୍ଷରେ ତାଙ୍କ ବିରୋଧରେ ବି ଏତଲା ଦେଇଛି ପୁଲିସ । ଚର୍ଚ୍ଚାରେ ଥିଲେ ଚାମେଲି, ଏବେ ଚରମ ବିବାଦ ଘେରରେ । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାରେ ଘନେଇଲା ସରପଞ୍ଚ-ପୁଲିସ କଳି । ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଚିଠି ଲେଖି ନ୍ୟାୟ ମାଗିଛନ୍ତି ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା । ମହାକାଳପଡ଼ା ବିଧାୟକ ଓ ବିଡିଓଙ୍କ ବିରୋଧରେ ଆଣିଛନ୍ତି ସାଂଘାତିକ ଅଭିଯୋଗ । ଲେଖିଛନ୍ତି, ମୋ ପଞ୍ଚାୟତରେ ବ୍ଲକରୁ ଆସୁଥିବା ପାଣ୍ଠି ଓ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥର ବିନିଯୋଗକୁ ବନ୍ଦ କରିଦିଆଗଲା । ଗତକାଲି କିଛି ସରପଞ୍ଚଙ୍କୁ ଧରି ବିଡିଓଙ୍କ ପାଖକୁ ଯିବାରୁ, ବିଡିଓ କିଛି ଲୋକଙ୍କୁ ଡାକିଥିଲେ। ସେମାନେ ମୋ ଚରିତ୍ର ସଂହାର କରିବା ସହ ଦୁଷ୍କର୍ମ ଧମକ ଦେଇଥିଲେ। ଏନେଇ ଫୋନ୍‌ରେ ଲାଇଭ୍ କରିବାରୁ ପୁଲିସ କିଛି ନବୁଝି ଗାଡ଼ିରେ ବସାଇ ନେଇଥିଲା। ବାଟରେ ୩ ଜଣ କନେଷ୍ଟବଳ ମୋ ଛାତି ଓ ପିଠିକୁ ମାଡ଼ ମାରିଥିବା ଅଭିଯୋଗ ଆଣିଛନ୍ତି ଚାମେଲି। ଏଥିସହ ମିଛ କେସରେ ତାଙ୍କୁ ଓ ତାଙ୍କ ଭାଇଙ୍କୁ ଜେଲରେ ପୂରାଇବାକୁ ମହାକାଳପଡା ଆଇଆଇସି ଧମକ ଦେଇଥିବା ଚିଠିରେ ଲେଖିଛନ୍ତି ।

◆◆ପୃଷ୍ଠା ୭

## ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ କରିବାକୁ ଘନଘନ ବୈଠକ: ହେଲେ ହୋଇପାରୁନି ସଥଳ ନୀତି

ପୁରୀ, ୧୨/୬ (ନି.ପ୍ର): ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ଶୃଙ୍ଖଳିତ କରିବା ପାଇଁ ଘନଘନ ବୈଠକ। ଶୃଙ୍ଖଳିତ ନୀତି ସହ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ବିଭିନ୍ନ ନିଯୋଗଙ୍କ ସହଯୋଗ ଲୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଶୃଙ୍ଖଳିତ କରିବା ନେଇ ବିଭିନ୍ନ ନିଯୋଗ ସହ ବୈଠକ କରୁଛି ଶ୍ରୀମନ୍ଦିର ପ୍ରଶାସନ। ଚଳିତବର୍ଷ ହୋଇଥିବା ବ୍ୟବସ୍ଥାରେ ପୂର୍ବାପେକ୍ଷା ହୋଇଛି ସାମାନ୍ୟ ପରିବର୍ତ୍ତନ। ଶୃଙ୍ଖଳିତ ପହଣ୍ଡି ଉପରେ ଦିଆଯାଇଛି ଗୁରୁତ୍ୱ। ପହଣ୍ଡି ସମୟରେ ଆବଶ୍ୟକୀୟ ସେବାୟତ ରହିବେ।

◆◆ପୃଷ୍ଠା ୭

# ଆଖିବୁଜିଲେ ଏମଭି କନେଷ୍ଟବଳ ଆଶୁତୋଷ: ସପ୍ତାହେ ସଂଘର୍ଷ ପରେ ଏମ୍ସରେ ଦେହାନ୍ତ



ବ୍ରହ୍ମପୁର, ୧୨/୬ (ନି.ପ୍ର): ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ ବ୍ରହ୍ମପୁର ଏମଭି କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆ। ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୁବନେଶ୍ୱର ଏମ୍ସରେ ଆଖିବୁଜିଛନ୍ତି। ଗୁରୁତର ଥିବାବେଳେ ଶାଳକ ଓ ପୋଲିସ କନେଷ୍ଟବଳ ପତ୍ନୀଙ୍କ ବିରୋଧରେ ଅଭିଯୋଗ ଆଣି ସେମାନେ ନିଆଁ ଲଗାଇଥିବା କଥା କହୁଥିଲେ। ଦୁଇ ଦୁଇ ଥର ପୋଲିସ ବି ବୟାନ ରେକର୍ଡ କରିଛି। କିନ୍ତୁ ଏଯାଏଁ ତଦନ୍ତର ଆଳ କରି ଆକ୍ସନ ନେଇନଥିବାରୁ ସିବିଆଇ ତଦନ୍ତ ଦାବି କରିଛନ୍ତି ଆଶୁତୋଷଙ୍କ ପରିବାର। ଅପରପକ୍ଷେ ବ୍ରହ୍ମପୁର ଏସପି କହିଛନ୍ତି, ୨ଟି ମାମଲା ରୁଜୁ ସହ ଆଶୁତୋଷଙ୍କ ପତ୍ନୀ ଓ ଶାଳକଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯିବ। ସେଦିନ ବି ଥିଲା ଶୁକ୍ରବାର। ଆଜି ବି ଥିଲା ସେହି ଶୁକ୍ରବାର। ସେଦିନ ଶରୀର ଜଳିଥିଲା ସତ,

◆◆ପୃଷ୍ଠା ୭

# ଜୁନ୍ ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୧୨/୬ (ନି.ପ୍ର): ଆସନ୍ତା ସୋମବାର ଜୁନ୍ ୧୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ସରକାରୀ ଛୁଟି ଦିବସ ଯୋଗୁଁ ଆସନ୍ତା ସୋମବାର ୧୫.୦୬.୨୦୨୬ ରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନ ସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପୁଲିସ ଦେଉଛି ନିର୍ଯାତନା: ଏସ୍‌ପି ଅଫିସ୍ ସମ୍ମୁଖରେ ବାପ-ପୁଅଙ୍କ ଆତ୍ମାହୁତି ଉଦ୍ୟମ

ଢେଙ୍କାନାଳ, ୧୨/୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ବାପ-ପୁଅଙ୍କ ଆତ୍ମାହୁତି ଉଦ୍ୟମ। ପୁଲିସ ନିର୍ଯାତନା ଦେଉଥିବା ଅଭିଯୋଗ କରି ବାପ-ପୁଅ କରିଥିଲେ ଆତ୍ମାହୁତି ଉଦ୍ୟମ। ତେବେ କାର୍ଯ୍ୟାଳୟ ପରିସରରେ ଥିବା ପୁଲିସ କର୍ମଚାରୀ ଓ ଅନ୍ୟ କର୍ମଚାରୀମାନେ ସେମାନଙ୍କୁ ଠିକଣା ସମୟରେ କାବୁ କରି ଏଥିରୁ ନିବୃତ୍ତ କରିଥିଲେ ଓ ଏକ ବଡ଼ ଅଘଟଣ ଟଳି ଯାଇଥିଲା। ସେମାନଙ୍କ ମାମଲାରେ ଏସ୍‌ପି ହସ୍ତକ୍ଷେପ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଆତ୍ମାହୁତି ଉଦ୍ୟମ କରିଥିବା ବାପ-ପୁଅ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଭାପୁର ଫାଣ୍ଡି ରାଣୀପାଳ ଗାଁର ପଦ୍ମନାଭ ରାଉତ ଓ ସରୋଜ ରାଉତ। ମଧୁସୂଦନ ଲ'କଲେଜର ଦ୍ୱିତୀୟ ବର୍ଷ ଛାତ୍ର ହେଉଛନ୍ତି ସରୋଜ। ପୈତୃକ ଜମିକୁ ନେଇ ପଦ୍ମନାଭଙ୍କ ପରିବାରରେ ବିବାଦ ରହିଛି। ଉଭୟ ପକ୍ଷରୁ ଏ ସମ୍ପର୍କରେ ଭାପୁର ଫାଣ୍ଡି ପୁଲିସକୁ ଅବଗତ କରାଯାଇଥିଲା। ହେଲେ ପୁଲିସ ଏକ ପାଖିଆ ଭାବେ ବିଚାର କରି ପଦ୍ମନାଭ ଓ ସରୋଜଙ୍କ ନାଁରେ ମାମଲା ରୁଜୁ କରିଥିବା ଅଭିଯୋଗ ହୋଇଛି। ଏହା ତାଙ୍କ କ୍ୟାରିୟରକୁ ମଧ୍ୟ ପ୍ରଭାବିତ କରିଛି ବୋଲି କହିଛନ୍ତି ସରୋଜ। ପୁଲିସର ମାତ୍ରାଧିକ ନିର୍ଯାତନା ସହି ନ ପାରି ଆଜି ଢେଙ୍କାନାଳ ଏସ୍‌ପି ଅଫିସ୍ ସମ୍ମୁଖରେ ବାପ-ପୁଅ ଦେହରେ ପେଟ୍ରୋଲ ଢାଳି

◆◆ପୃଷ୍ଠା ୭

# ଆମେରିକାର ଅନୁରୋଧରେ ହିଁ ଭାରତ କିଣିଥିଲା ରୁଷିଆ ତେଲ : ଦୋମୁହାଁ ନୀତି ଉପରେ ବର୍ଷିଲେ ଏସ୍. ଜୟଶଙ୍କର



ନୂଆଦିଲ୍ଲୀ,୧୨/୬ : ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ପାଶ୍ଚାତ୍ୟ ଦେଶଗୁଡ଼ିକର ଦୋମୁହାଁ ନୀତି ଓ ଆମେରିକାର ବାରମ୍ବାର ବଦଳୁଥିବା ଆଭିମୁଖ୍ୟ ଉପରେ କଡ଼ା ପ୍ରହାର କରିଛନ୍ତି। ଫିନଲ୍ୟାଣ୍ଡ ଗସ୍ତ ସମୟରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ପରେ ଭାରତ ଦ୍ୱାରା ରୁଷିଆଠାରୁ ତେଲ କିଣିବା ନିର୍ଣ୍ଣୟକୁ ଜୋରଦାର ସମର୍ଥନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ବିଶ୍ୱ ବଜାରରେ ଅଶୋଧିତ ତେଲର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ସ୍ୱୟଂ ଆମେରିକା ହିଁ ଭାରତକୁ ରୁଷିଆଠାରୁ ତେଲ କିଣିବାକୁ ଅନୁରୋଧ କରିଥିଲା। କାର୍ଯ୍ୟକ୍ରମ ଅବସରରେ ଜଣେ ସାମ୍ବାଦିକ ଭାରତକୁ 'ରୁଷିଆ ପ୍ରତି ଅଧିକ ସହାନୁଭୂତିଶୀଳ' ବୋଲି ଆକ୍ଷେପ କରିବାରୁ ଜୟଶଙ୍କର ତାଙ୍କୁ ଦୃଢ଼ ଜବାବ ଦେଇ କହିଥିଲେ ଯେ, 'ମୁଁ ମୂଲ୍ୟ ଏବଂ ଉପଲବ୍ଧତାକୁ ଦେଖି ତେଲ କିଣିଥାଏ। ସେହି ସମୟରେ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟରୁ ମିଳୁଥିବା ତେଲକୁ ସମ୍ପୂର୍ଣ୍ଣ ଭାବେ ନିଜେ କିଣି ନେଇଥିଲେ, ଯାହା ଭାରତର ପାରମ୍ପରିକ ଉତ୍ସ ଥିଲା। ସ୍ଥିତି ଆମକୁ ସେହି ଦିଗକୁ ଯିବାକୁ ବାଧ କରିଥିଲା।' ଆମେରିକାର ପ୍ରତିବନ୍ଧକ ନୀତିକୁ ସମାଲୋଚନା କରି ସେ କହିଛନ୍ତି ଯେ ପ୍ରଥମେ ତେଲ କିଣିବା ପାଇଁ ଭାରତ ଉପରେ ଟାରିଫ୍ ଲଗାଗଲା ଏବଂ ପରେ ପୁଣି ନିଜେ ଆମେରିକା ଏହି କଟକଣା ହଟାଇ ଦେଲା, ତେଣୁ ଏଥିରେ କୌଣସି ମହାନ ନୀତିର ଆଦର୍ଶ ନାହିଁ ଏବଂ ଏହାକୁ ନେଇ ଅଯଥା ନୈତିକତାର ବାହାନା ଦେଖାଇବା ଉଚିତ୍ ନୁହେଁ। ଗତ ବର୍ଷ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ସୀମା ଶୁଳ୍କ ଲଗାଇବା ଯୋଗୁଁ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କରେ ସାମାନ୍ୟ ତିକ୍ତତା ଆସିଥିଲା, ଯେଉଁଥିରେ ରୁଷିଆ ତେଲ କିଣିବା ପାଇଁ ୨୫ ପ୍ରତିଶତ ଜରିମାନା ସାମିଲ ଥିଲା। ତେବେ ପରବର୍ତ୍ତୀ ସମୟରେ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଓ ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ଏହାକୁ କମାଇ ୧୦ ପ୍ରତିଶତ କରାଯାଇଥିଲା।

# ସରକାରୀ ବିଲଡିଂରେ ଲାଗିଲା ନିଆଁ: ଧ୍ୱଂସ ହେଇଗଲା ୪ ହଜାର ଇଭିଏମ



ନୂଆଦିଲ୍ଲୀ,୧୨/୬ : ପଶ୍ଚିମବଙ୍ଗର କୋଲକାତାରେ ଥିବା ଗୋଟିଏ ସରକାରୀ ବିଲଡିଂରେ ଭୟଙ୍କର ଅଗ୍ନିକାଣ୍ଡ। ବିଲଡିଂର ୮ମ ଓ ୯ମ ମହଲା ଅଗ୍ନିକାଣ୍ଡରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଥିବା ପ୍ରାୟ ୪ ହଜାର ଇଭିଏ ଅଗ୍ନିକାଣ୍ଡ ଯୋଗୁ ପୂରା ଧ୍ୱଂସ ହୋଇଯାଇଛି। ନିକଟରେ ପଶ୍ଚିମବଙ୍ଗ ବିଧାନସଭା ନର୍ବାଚନ ଶେଷ ହୋଇଥିଲା। ବେଙ୍ଗଲର ୧୦ଟି ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ଇଭିଏକୁ ଏହି ବିଲଡିଂରେ ରଖାଯାଇଥିଲା। ଅଗ୍ନିକାଣ୍ଡ ଯୋଗୁ ସେଗୁଡ଼ିକ ନଷ୍ଟ ହୋଇ ଯାଇଥିବା ଜଣାପଡ଼ିଛି। ବେଙ୍ଗଲର ଅଗ୍ନିଶମ ବିଭାଗ ମନ୍ତ୍ରୀ କୌଶିକ ଚୌଧୁରୀ କହିଛନ୍ତି ଯେ "ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଗ୍ନିକାଣ୍ଡ ବିଲଡିଂର ତୃତୀୟ କିମ୍ବା ୪ର୍ଥ ମହଲାରେ ଘଟିଥିଲା। କିନ୍ତୁ ହଠାତ୍ ଏହା ବିଲଡିଂର ୮ମ ଓ ୯ମ ମହଲାରେ ପହଞ୍ଚି ଯାଇଥିଲା। ୮ମ ଓ ୯ମ ମହଲା ପୂରା ନଷ୍ଟ ହୋଇଯାଇଛି।

◆◆ପୃଷ୍ଠା ୭

# ମଣ୍ଡିରୁ ଧାନ କ୍ରୟରେ ବିଳମ୍ବ, ପ୍ରତିବାଦରେ ପୋଡାପଦର ଚାଷୀଙ୍କ ଧାରଣା: ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଓହରିଲେ ଚାଷୀ

ଜୟପୁର, ୧୨/୦୬ (ନି.ପ୍ର): କୋରାପୁଟ ଜିଲାରେ ରବି ମଣ୍ଡି ଆରମ୍ଭ ହୋଇ ସାରିଲାଣି । ଚାଷୀଙ୍କ ନିକଟକୁ ଧାନ ବିକ୍ରୀ କିରିବାକୁ ଟୋକେନ ଆସି ପହଂଚି ଯାଇଛି । ଚାଷୀ ଧାନ ବିକ୍ରୀ କରିବାକୁ ମଣ୍ଡିରେ ପହଂଚିଲେ ଧାନ କ୍ରୟ କରୁ ନାହାନ୍ତି କ୍ରୟକାରୀ ସଂସ୍ଥା । ଏପରି ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀ ନିଜ ଟୋକନ ଅବଧି ସରିବା ଆଶଙ୍କାରେ ଧାନ ବିକ୍ରୀ କରି ପାରିବେ ନାହିଁ ବୋଲି ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଚାଷୀ ନେତା ଚିତ୍ରସେନ ମିଶ୍ରଙ୍କ ନେତୃତ୍ୱରେ ଶହ ଶହ ଶହ ଚାଷୀ ଧାରଣା ଦେବା ସହ ତୁରନ୍ତ ଧାନ କ୍ରୟ କରିବାକୁ ଉପଜିଲାପାଳ ରାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦାବୀ ପତ୍ରରେ ଦର୍ଶାଯାଇଛି ଯେ, ଜୁଲାଇ ପହିଲାରୁ ମଣ୍ଡି ଖୋଲିନ ପୁଷ୍ପରୁ ମଣ୍ଡିରେ ଧାନ ବିକ୍ରୀ କରିବାକୁ ମଇ ୨୬ ତାରିଖ ଠାରୁ ଚାଷୀଙ୍କ ଟୋକନ ଆସି ସାରି ଥିଲା । ମଣ୍ଡି ଆରମ୍ଭ ହେବା ଦିନ ଠାରୁ ମାତ୍ର ୧୦ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇପାରିଛି । ଇତିମଧ୍ୟରେ ମଣ୍ଡି ଆରମ୍ଭ ହୋଇ ୧୦ ଦିନ ବିତିଲାଣି ମାତ୍ର ଏକ ହଜାର ପ୍ରଶାସନର ନିଷ୍ପତି ପ୍ରକାରେ ଧାନ କ୍ରୟ କରା ଯାଇ ପାରିନି କ୍ରୟକାରୀ ସଂସ୍ଥା । ଟୋକନ ଅବଧି ସରିବାକୁ ଯାଉଛି । ପୁଣି ଚାଷୀଙ୍କ ଟୋକେନ ଆସି ପାରି ନାହିଁ । ଏଭଳି ସ୍ଥିତିରେ ଚାଷୀ ଚିନ୍ତାରେ ପଡି ଯାଇଛନ୍ତି ଛନ୍ତି । ଶହ ଶହ ଚାଷୀ ଧାନ ବିକ୍ରୀ କରିବାକୁ ମଣ୍ଡି ୟାର୍ଡରେ ରଖିଛନ୍ତି । ଏହି ସମୟରେ ବର୍ଷା ଆସି ଯାଇଛି । ବର୍ଷାରେ ଚାଷୀଙ୍କ ଧାନ ନଷ୍ଟ ହେଉଛି । ଏଭଳି ସ୍ଥିତିରେ ପ୍ରଶାସନ ତରଫରୁ ମିଲର୍ସ ମାନଙ୍କୁ ମାସ ( ମିଲର୍ସ ଅଥୋରିଟି ଗ୍ରୁପ ) ପର୍ଯ୍ୟାପ୍ତ ଦିଆ ଯାଇ ନାହିଁ । ମିଲ ମାଲିକଙ୍କୁ ମାସ ଯୋଗାଣ ବିଭାଗ ପର୍ଯ୍ୟାପ୍ତ ଦେଇ ନଥିବାରୁ ଟୋକେନ ଆସିଥିବା ଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ନିଜ ନିଜ ଭିତରେ ପ୍ରତିଯୋଗିତା କରୁଛନ୍ତି । ଯଦି ଆସନ୍ତା ଜୁନ ସୁଦ୍ଧା ଟୋକନ ଆସିଥିବା ଚାଷୀଙ୍କ ଧାନ କ୍ରୟ କରା ନ ଯାଏ ତାହା ହେଲେ ଚାଷୀ ଅସୁବିଧାର ସମ୍ମୁଖୀନ ହେବେ । ଟୋକେନ ପାଇଥିବା ଚାଷୀ ମାନେ ମଣ୍ଡିରେ ଧାନ ବିକ୍ରୀ କରିପାରିବେ ନାହିଁ । ଅଭାବ ବିକ୍ରୀର ଶୀକାର ହୋଇ ଅତି ଶାଗମାଛ ଦରରେ ଦଲାଲ ମାନଙ୍କ ହାତରେ ଧାନ ଟେକିଦେବେ ବୋଲି ଚାଷୀ ମାନେ ଧରଣା ଦେଇ ସ୍ଲୋଗାନ ଦେଇ ଚାଲିଛନ୍ତି । ଅପରାହ୍ନ ୪ଟା ପର ଠାରୁ ଚାଷୀଙ୍କ ଧାରଣା ଚାଲି ଥିବା ଦୀର୍ଘ ତିନି ଘଂଟା ଯାଏ କୌଣସି ପ୍ରଶାସନିକ ଅଧିକାରୀ ମାନେ ଆସି ଘଟଣା ସ୍ଥଳରେ ପହଂଚି ନ ଥିଲେ । ତେ ବିଜେଡିର ପୁର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଆସି ଚାଷୀଙ୍କ ଧାରଣାସ୍ଥଳରେ ପହିଚିଂ ସେମାନଙ୍କ ଯୁକ୍ତିକୁ ସମର୍ଥନ ଜଣାଇଥିଲେ । ପୋଡାପଦରର ମଣ୍ଡିରେ ୪୮୦ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି । ପ୍ରାୟ ୩୮ ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରୀ କରିବାକୁ ଚାଷୀ ଅପେକ୍ଷା କରିଛନ୍ତି । ଏଭଳି ସ୍ଥିତିରେ ମାତ୍ର ଏକ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ହାସ୍ୟସ୍ପଦ ବୋଲି ଚାଷୀ ନେତା ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ପ୍ରଶାସନ ତରଫରୁ କୌଣସି ପ୍ରକାର ଆଶ୍ୱସନା ନ ମିଳିବା ଯାଏ ରାତି ତମାମ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯିବ ବୋଲି ଚାଷୀ ମାନେ ମତ ପ୍ରକାଶ କରିଛନ୍ତି । ବାରମ୍ବାର ରବି ନନ୍ଦ ଉପଜିଲାପାଳଙ୍କୁ ଚାଷୀଙ୍କ ସମସ୍ୟା ଫୋନରେ ଜଣାଇବା ପରେ ପ୍ରଶାସନ ଅଧିକାରୀ ମାନେ ପହଂଚି ଥିଲେ । ଧାରଣାସ୍ଥଳରେ ଜୟପୁର ଉପଜିଲାପାଳ ଯଦୁମଣି ନାୟକ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ମାନସ ମହାପାତ୍ର ଓ ଡିଆରସିଏସ ମୋନିକା ରାୟ ପହଂଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଚାଷୀ ମାନେ ଟୋକନ ଅବଧି ସରିବା ଚିନ୍ତାରେ ରହୁଥିବା ଦର୍ଶାଇ ଥିଲେ । ତେବେ ସମସ୍ତ ଚାଷୀଙ୍କ ଠାରୁ ମଣ୍ଡି ସମସ୍ୟା ଶୁଣିବା ପରେ ଉପଜିଲାପାଳ ମଣ୍ଡି ଶେଷ ହେବା ପୂର୍ବରୁ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି କହିଛନ୍ତି । ଜୁନ ୩୦ ସୁଦ୍ଧା ପୋଡାପୋଦର ମଣ୍ଡିରେ ପଞ୍ଜିକୃତ ହୋଇଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଶ୍ରୀ ମହାପାତ୍ର କହିବା ପରେ ଚାଷୀ ମାନେ ଧାରଣାରୁ ଓହରି ଥିବା ଜଣାଯାଇଛି ।

# ଡିଜିଟାଲ ଯୁଗରେ ବି ନେଟୱର୍କରୁ ବଂଚିତ ଟେଙ୍ଗେନାମାଲ: ବଢୁଛି କ୍ଷୋଭ

ଝାରସୁଗୁଡା, ୧୨/୦୬ (ନି.ପ୍ର): ଡିଜିଟାଲ ଯୁଗରେ ଯୋଗାଯୋଗ ବ୍ୟବସ୍ଥା ଦୈନନ୍ଦିନ ଜୀବନର ଏକ ମୁଖ୍ୟ ଆବଶ୍ୟକତା ପାଲଟିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ସୀମାନ୍ତବର୍ତୀ ଟେଙ୍ଗେନାମାଲ ଗାଁର ଲୋକେ ଏବେ ମଧ୍ୟ ଦୁର୍ବଳ ମୋବାଇଲ ନେଟୱର୍କ ସମସ୍ୟାରେ ଜର୍ଜରିତ। ଗାଁରେ ମୋବାଇଲ ଟାୱାର ସ୍ଥାପନ ପାଇଁ ସରକାରୀ ସ୍ତରରେ ସର୍ଭେ ଓ ରିପୋର୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନା ଅନୁସାରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୁପାରିସ କ୍ରମେ ଟେଙ୍ଗେନାମାଲ ଗାଁରେ ମୋବାଇଲ ଟାୱାର ସ୍ଥାପନ ନିମନ୍ତେ ୨୦୨୪ ମସିହା ଜୁଲାଇ ୧୦ ତାରିଖରେ ଟେଲିକମ ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା। ଦୁଇ ଦିନ ପରେ ସର୍ଭେ ରିପୋର୍ଟ ମଧ୍ୟ ଦାଖଲ କରାଯାଇଥିଲା। ଏହି ରିପୋର୍ଟରେ ଟେଙ୍ଗେନାମାଲ ସମେତ ଆଖପାଖର ପ୍ରାୟ ୧୨ଟି ଗାଁକୁ ଉନ୍ନତ ମୋବାଇଲ ଓ ଇଣ୍ଟରନେଟ ସେବା ମିଳିବ ବୋଲି ଉଲ୍ଲେଖ ରହିଥିଲା। ତେବେ ସର୍ଭେ ରିପୋର୍ଟ ସମ୍ବଲପୁରସ୍ଥିତ ଏଜିଏମ କାର୍ଯ୍ୟାଳୟକୁ ପଠାଯିବା ପରେ ପ୍ରକଳ୍ପର ଅଗ୍ରଗତି ଠପ୍ ହୋଇଯାଇଥିବା ଅଭିଯୋଗ ହେଉଛି। ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଟାୱାର ସ୍ଥାପନ ଦିଗରେ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ। ନେଟୱର୍କ ସମସ୍ୟା ଯୋଗୁଁ ଅଂଚଳର ଛାତ୍ରଛାତ୍ରୀମାନେ ଅନଲାଇନ ଶିକ୍ଷା ଓ ବିଭିନ୍ନ ଡିଜିଟାଲ ସୁବିଧାରୁ ବଂଚିତ ହେଉଥିବା ବେଳେ ଜରୁରୀ ସମୟରେ ଫୋନ୍ ଯୋଗାଯୋଗ ପାଇଁ ଗ୍ରାମବାସୀଙ୍କୁ ଉଚ୍ଚ ସ୍ଥାନ କିମ୍ବା ଅନ୍ୟ ଅଂଚଳକୁ ଯିବାକୁ ପଡୁଛି। ଏହା ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ସୃଷ୍ଟି କରୁଛି। ପୂର୍ବତନ ସମିତି ସଭ୍ୟ ନରେନ୍ଦ୍ର ଗଡ଼ତିଆଙ୍କ ସହ ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି ଯେ, ଟାୱାର ସ୍ଥାପନ ପାଇଁ ହୋଇଥିବା ସର୍ଭେ କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସମାଧାନ ନକଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବର୍ତମାନ ଟେଙ୍ଗେନାମାଲ ଓ ପ୍ରଭାବିତ ୧୨ଟି ଗାଁର ଲୋକଙ୍କ ମନରେ ଏକମାତ୍ର ପ୍ରଶ୍ନ ଉଠୁଛି— ସର୍ଭେ ରିପୋର୍ଟ ପ୍ରସ୍ତୁତ ହେବା ପରେ ମଧ୍ୟ ଟାୱାର ସ୍ଥାପନ କାର୍ଯ୍ୟ କେବେ ଆରମ୍ଭ ହେବ ? ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରି ଅଂଚଳବାସୀଙ୍କୁ ଉନ୍ନତ ମୋବାଇଲ ଓ ଇଂଟରନେଟ ସେବା ଯୋଗାଇବାକୁ ସେମାନେ ଦାବି କରିଛନ୍ତି।

# କରାଟେ ଅର୍ଗାନାଇଜେସନ ଓ ଟାଇକଣ୍ଡୋ ସଂଘର ସମର କ୍ୟାମ୍ପ ଉଦ୍‌ଯାପିତ

ବଲାଙ୍ଗୀର, ୧୨/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନ ଏବଂ ବଲାଙ୍ଗୀର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା କରାଟେ ତଥା ଟାଇକଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ତରଣି ସୁନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ସୁନା କହିଥିଲେ ଯେ, ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କରାଟେ ଏବଂ ଟାଇକଣ୍ଡୋ ଭଳି ସମର କଳା ଅତ୍ୟନ୍ତ ଜରୁରୀ। ବିଶେଷ କରି ଆଜିର ସମୟରେ ଆତ୍ମରକ୍ଷାର ଶିକ୍ଷା ପ୍ରତ୍ୟେକ ପିଲା, ବିଶେଷ କରି ଛାତ୍ରୀମାନଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ସମ୍ମାନିତ ଅତିଥି ଡିପିଓ ମଧ୍ୟ ଆୟୋଜକମାନଙ୍କର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

# ଜୟପୁରଠାରେ ଉପ ଆରଟିଓ କାର୍ଯ୍ୟାଳୟ ଖୋଲିବାକୁ ଦାବି

ଜୟପୁର, ୧୨/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ଠାରେ ଉପ ଆରଟିଓ କାର୍ଯ୍ୟାଳୟ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସମାଜସେବି ବି ହରି ରାଓ ଦାବିପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ଠାରୁ କୋରାପୁଟ ୨୨ କି.ମି. ଦୂରରେ ରହିଛି । କୋରାପୁଟ ଜିଲାର ଜୟପୁର ଉପଖଣ୍ଡର ଲୋକ ମାନେ ୭୦ ରୁ ୮୦ କି.ମି. ଦୂରତାକୁ ଯାଇ ଆରଟିଓ ଅଫିସକୁ ଯାଇ କାର୍ଯ୍ୟ କରି ଆସୁଛନ୍ତି । ଜୟପୁର ସହର ଏକ କେନ୍ଦ୍ର ସ୍ଥଳି ହୋଇଥିବାରୁ ଏଠାରେ ଗୋଟିଏ ଉପ ଆରଟିଓ କାଯ୍ୟାଳୟ ଖୋଲିଲେ ଜୟପୁର ଉପଖଣ୍ଡ ବାସୀ ଉପକୃତ ହୋଇ ପାରିବେ । ଏନେଇ ତୁରନ୍ତ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଜୟପୁରରେ ଆରଟିଓ ଅଫିସର ଉପ କାଯ୍ୟାଳୟ ଖୋଲିବାକୁ ଦାବି କରାଯାଇଛି ।

# କୋଟିଆରେ ଆନ୍ଧ୍ର ମନ୍ତ୍ରୀଙ୍କ ଉଦ୍‌ଘାଟନ: ଉତ୍କଳ ସମ୍ମିଳନୀର ଉଦ୍‌ବେଗ

ଜୟପୁର, ୧୨/୦୬ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଆଜି ଉତ୍କଳ ସମ୍ମିଳନି କୋରାପୁଟ ଜିଲା ଶାଖାର ତରଫରୁ କୋଟିଆରେ ଆନ୍ଧ୍ର ମନ୍ତ୍ରୀଙ୍କ ଉଦଘାଟନ ଓ ଆନ୍ଧ୍ର ମିଶିବା ପାଇଁ ସଚେତନ କରୁଥିବାରୁ ଉଦବେଗ ପ୍ରକାଶ କରିଛି । ଏନେଇ ଆଜି ଉତ୍କଳ ସମ୍ମିଳନିର ବରିଷ୍ଠ ରାଜ୍ୟ ସଦସ୍ୟ ବିନୋଦ ମହାପାତ୍ର, ରାଜ୍ୟ ପରିଷଦ ସଦସ୍ୟ ବାଲା ରାୟ, ସଭାପତି ମଦନ ମୋହନ ନାୟକ, ସଂଗଠନ ସମ୍ପାଦକ ପରମେଶ୍ୱର ପାତ୍ର ଉପସ୍ଥିତ ଥିଲେ । ଆନ୍ଧ୍ରପ୍ରଦେଶର ଦାଣ୍ଡିଗାଁ ଠାରୁ ଓଡିଶା ପ୍ରଦେଶର ନେରେଡିବାଲସା ଗ୍ରାମ ରାସ୍ତା ଏକ କୋଟି ନଅ ଲକ୍ଷ ଟଙ୍କା ବ୍ୟାୟରେ ନିର୍ମିତ ରାସ୍ତା ଇଦଘାଟନ କରିଥିବା ଆନ୍ଧ୍ର ରାଜ୍ୟର ଶିଶୁ କଲ୍ୟାଣ ମନ୍ତ୍ରୀ ଜି. ସଂନ୍ଧ୍ୟାରାଣୀଙ୍କ ଦ୍ୱାରା ନେରିଡିବାଲସା ଠାରେ ଆୟୋଜିତ ସାଧାରଣ ସଭାରେ କୋଟିଆ ଗ୍ରାମ ପଂଚାୟତର ଗଞ୍ଜେଇପଦର, ଫାଟୁସିନେରି ଫଗୁଣ ସିନେରି ଏବଂ ତାଡି ବାଲସା ଗ୍ରାମବାସୀ ଯୋଗ ଦେଇଥିଲେ । ମନ୍ତ୍ରୀ ଉଦଘାଟନ କରି ଉପସ୍ଥିତ ଜନସାଧାରଣଙ୍କୁ ବହୁ ଲୋଭନିୟ ପ୍ରତିଶୃତି ଦେଇ ଆନ୍ଧ୍ରରେ ମିଶିବା ପାଇଁ ବୁଝାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ପାର୍ବତିପୁରମ, ସାଲୁରୁ ଅଞ୍ଚଳର ବିଡିଓ, ତହସିଲଦାର ପୋଲିସ ତଥା ଅନ୍ୟାନ୍ୟ ବିଭାଗୀୟ କର୍ମଚାରି ଉପସ୍ଥିତ ଥିଲେ । ଆନ୍ଧ୍ର ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ପଟାଙ୍ଗୀ ବ୍ଲକ, ତହସିଲ କିମ୍ବା ପୋଲିସ ପ୍ରଶାସନ ଖବର ନଥିବାକୁ ନେଇ ଉତ୍କଳ ସମ୍ମାଳନି ଉଦବେଗ ପ୍ରକାଶ କରିଛି । ଯଦି ଖବର ଥିବ ତେବେ କୌଣସି ପଦକ୍ଷେପ କାହିଁକି ନିଆଗଲା ନାହିଁ ବୋଲି ଉତ୍କଳ ସମ୍ମିଳନି ପ୍ରଶ୍ନ କରିଛି । ବର୍ତମାନ ଭୋଟର ଗଣନା ତଥା ଜନଗଣନା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆନ୍ଧ୍ରମନ୍ତ୍ରୀଙ୍କ କୋଟିଆ ଅଂଚଳ ଗସ୍ତ ଗୁରୁତ୍ୱ ପ୍ରଦାନ କରୁଛି । ତେଣୁ ଉତ୍କଳ ସମ୍ମିଳନି କୋରାପୁଟ ଜିଲା ଶାଖା ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଠାରେ କୋଟିଆକୁ ଆନ୍ଧ୍ର ପ୍ରଦେଶର ପ୍ରବେଶ ପଥରେ ଦିନ ରାତି ପୋଲିସ ମୁତୟନ କରାଯାଉ, କୋଟିଆ ଅଂଚଳର ଗ୍ରାମବାସୀଙ୍କୁ ଓଡିଶା ରାଜ୍ୟର ଭୋଟର ତାଲିକା ଏବଂ ଜନ ଗଣନା ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି । ଓଡ଼ିଶାର ସୀମାନ୍ତ ଗ୍ରାମରେ ପଡ଼ୋଶୀ ଆନ୍ଧ୍ର ରାଜ୍ୟର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଏବଂ ସରକାରୀ ଅଧିକାରୀ ଅନୁପ୍ରବେଶ କରି ସରକାରୀ କାର୍ଯ୍ୟକ୍ରମ କରିଥିଲେ ମଧ୍ୟ ଓଡ଼ିଶାର ପ୍ରଶାସନ ଉପରେ କୌଣସି ଫରକ ପଡ଼ି ନ ଥିବା ଦେଖିବାକୁ ମିଳିଛି ।

ସୂଚନାନୁଯାୟୀ, ଆନ୍ଧ୍ର ରାଜ୍ୟର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜି ସନ୍ଧ୍ୟାରାଣୀ ନିଜ ବିଭାଗୀୟ ଅଧିକାରୀ ଏବଂ ପୋଲିସ ଫୋର୍ସ ନେଇ ଓଡ଼ିଶାର ନେରିଡିବାଲସା ଗ୍ରାମରେ ଅନୁପ୍ରବେଶ ସୀମାନ୍ତ ଗ୍ରାମବାସୀଙ୍କୁ ଏକାଠି କରି ଗତକାଲି ବୈଠକ କରିଛନ୍ତି । ଏପରିକି ଗ୍ରାମବାସୀଙ୍କ ଦୀର୍ଘବର୍ଷର ଦାବି ଯଥା ଆନ୍ଧ୍ର ରାଜ୍ୟର ଗ୍ରାମ ଦାଣ୍ଡିଗାଁଠାରୁ ଓଡ଼ିଶାର ନେରିଡିବାଲସା ଗ୍ରାମ ପର୍ଯ୍ୟନ୍ତ ଆବଶ୍ୟକ ରହିଥିବା ରାସ୍ତାର ଉନ୍ନତିକରଣ ହୋଇଥିବା ସାଢ଼େ ୫ କିଲୋମିଟର ରାସ୍ତାକୁ ଉଦ୍ଘାଟନ କରି ଲୋକଙ୍କ ସ୍ୱପ୍ନ ଓ ଦାବିକୁ ପୂରଣ କରିଛନ୍ତି ବୋଲି ଉଦବୋଧନ ଦେଇଥିଲେ । ଯାହାକି ଉକ୍ତ ରାସ୍ତା ଉନ୍ନତିକରଣ ପାଇଁ ୧ କୋଟି ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି । ସେପଟେ ଉକ୍ତ ମନ୍ତ୍ରୀଙ୍କ ଏହିପରି ଉଦ୍ଘାଟନ ଓ ସହଯୋଗକୁ ଓଡ଼ିଶାର ଗଞ୍ଜେଇପଦର, ଫାଟୁସିନେରି, ଫଗୁଣସିନେରି, ତାଡିବାଲସା, ନେରିଡିବାଲସା ସମେତ ଅନ୍ୟ ଗ୍ରାମବାସୀ ପ୍ରଶଂସା କରିବା ସହ ଆମର ଏହି ଦାବି ପୂର୍ବ ସରକାରରେ ରହିଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ରାଜନା ଦୋରାଙ୍କୁ ଏନେଇ ଅନେକ ଦାବି ଜଣାଇଥିଲେ ମଧ୍ୟ ଆମ ଦାବି ପୂରଣ ହୋଇ ପାରି ନ ଥିଲା । ତେଣୁ ବର୍ତମାନ ରାସ୍ତା ନିର୍ମାଣ ହୋଇଥିବାରୁ ଆମେ ଅନେକ ସୁବିଧାରେ ଯାତାୟାତ କରି ପାରିବୁ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଗ୍ରାମରେ ଅନେକ ପରିବାରବର୍ଗ ସରକାରୀ ଘର ପାଇବାରୁ ବଂଚିତ ହୋଇଥିବା ବେଳେ ମନ୍ତ୍ରୀ ଏହା ଉପରେ ଦୃଷ୍ଟି ପକାଇ ପଦକ୍ଷେପ ନେବା ପାଇଁ ଉପରୋକ୍ତ ଗ୍ରାମବାସୀ ପ୍ରସ୍ତାବ ଦେଇଥିଲେ । ମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେପାର୍ବତୀପୁରମ ମାନ୍ୟମ ଜିଲାର ସାଲୁର ବିଡ଼ିଓ (ଏମ ପି ଡିଓ ) ଜି ପାର୍ବତୀ ଆମା, ତହସିଲଦାର ଏମ ଆର ଓ ଏମ ସୁରେଶ କୁମାର, ସିଡିପିଓ ମାଙ୍ଗାମାଁ ପ୍ରମୁଖଙ୍କ ସହ ପୋଲିସ ପ୍ରଶାସନ ଉପସ୍ଥିତ ରହିଥିଲେ । ସବୁଠାରୁ ବଡ଼ କଥା ହେଲା ଓଡ଼ିଶାର ମାଟିରେ ଉପସ୍ଥିତ ରହି ଓଡ଼ିଶାର ପ୍ରଶାସନକୁ ତାଚ୍ଛଲ୍ୟ କରି ସୀମାନ୍ତବାସୀ କ'ଣ ଚୋର କହି ଓଡ଼ିଶା ପୋଲିସ ଗିରଫ କରୁଛି କାହିଁକି । ଉଚ୍ଚ ନ୍ୟାୟାଳୟ ଟାଟସକୋ ମେନଟ୍ରେନ୍ କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଓଡ଼ିଶାର ସରକାରୀ ଅଧିକାରୀ ଏହାକୁ ମାନୁ ନାହାନ୍ତି । ଏଣୁ ଆସନ୍ତା ଦିନରେ ସୀମାନ୍ତବାସୀଙ୍କ ପ୍ରତି ଓଡ଼ିଶା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲେ ମୁଁ କାହାକୁ ଛାଡ଼ିବି ନାହିଁ ବୋଲି କଡ଼ା ଚେତାବନୀ ଦେଇ ନିଜ ରାଜ୍ୟର ପୋଲିସ ଅଧିକାରୀମାନଙ୍କୁ ଏହା ଉପରେ କଡ଼ାକଡ଼ି ଦୃଷ୍ଟି ରଖିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ମୋର ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ଗଣମାଧ୍ୟମ ପ୍ରତିନିଧିମାନେ କାହିଁକି ରହିଛନ୍ତି କହି ନିଜ ପୋଲିସ ପ୍ରଶାସନକୁ ପ୍ରଶ୍ନ କରିଥିଲେ ମନ୍ତ୍ରୀ ସନ୍ଧ୍ୟାରାଣୀ । ଅନ୍ୟପକ୍ଷରେ ଆନ୍ଧ୍ର ରାଜ୍ୟର ଉକ୍ତ ମନ୍ତ୍ରୀଓଡ଼ିଶା ପ୍ରତି କଟୁ ମନ୍ତବ୍ୟ ଦେଇଥିଲେ ମଧ୍ୟ ଏହାକୁ ପ୍ରତିବାଦ ଏବଂ ପ୍ରତିରୋଧ କରିବା ପାଇଁ ଓଡ଼ିଶାର କୌଣସି ପ୍ରଶାସନିକ ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା । ତେଣୁ ରାଜ୍ୟ ବିଜେପି ସରକାର କେନ୍ଦ୍ରରେ ବିଜେପି ସରକାର ଆନ୍ଧ୍ର ପ୍ରଦେଶର ମିଳିତ ବିଜେପି ସରକାରି ରହିଛି । ତ୍ରିପଲ ଇଞ୍ଜିନ ସରକାର ରହିଛି । କୋଟିଆ ହେଉଛି ଓଡିଶାର ଅବିଚ୍ଛନ୍ନ ଅଂଶ ତେଣୁ ସରକାର ସମାଧାନ କରିବାରେ ଅସୁବିଧା କେଉଁଠି ରହିଛି ବୋଲି ଉତ୍କଳ ସମ୍ମିଳନି ପ୍ରଶ୍ନ କରିଛି ।

# ବିକାଶ ଅବହେଳା ପ୍ରତିବାଦ: ଜୁନ୍ ୧୬ରେ 'କଂଟାବାଞ୍ଜି ବନ୍ଦ' ଡାକରା

ବଲାଙ୍ଗିର, ୧୧ ଜୁନ୍ ( ହି.ସ.)- ବଲାଙ୍ଗୀର ଜିଲ୍ଲା କଂଟାବାଞ୍ଜି ଅଂଚଳର ବିକାଶ କ୍ଷେତ୍ରରେ ଦୀର୍ଘ ଦିନରୁ ଚାଲିଆସୁଥିବା ପ୍ରଶାସନିକ ଅବହେଳା ଓ ଉଦାସୀନତା ବିରୋଧରେ ଏବେ ଜନଅସନ୍ତୋଷ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ଆସନ୍ତା ଜୁନ୍ ୧୬ ତାରିଖ (ମଙ୍ଗଳବାର) ଦିନ ସମ୍ପୂର୍ଣ୍ଣ କଂଟାବାଞ୍ଜି ବନ୍ଦ ଡାକରା ଦିଆଯାଇଛି। କଣ୍ଟାବାଞ୍ଜି ଟ୍ରକ୍ ମାଲିକ ସଂଘ (ଟ୍ରକ୍ ଓନର୍ସ ଆସୋସିଏସନ୍) ପକ୍ଷରୁ ଏହି ବୃହତ ଆନ୍ଦୋଳନର ଆହ୍ୱାନ କରାଯାଇଛି।ସଂଘର ଅଭିଯୋଗ ଅନୁଯାୟୀ, କଂଟାବାଞ୍ଜି ଅଂଚଳ ବର୍ଷ ବର୍ଷ ଧରି ବିଭିନ୍ନ ମୌଳିକ ସୁବିଧା ଓ ପ୍ରମୁଖ ବିକାଶମୂଳକ ପ୍ରକଳ୍ପରୁ ବଂଚିତ ହୋଇ ରହିଛି। ସ୍ଥାନୀୟ ଭିତିଭୂମିର ବିକାଶ ଏବଂ ଜନସାଧାରଣଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ତେଣୁ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବା ଏବଂ ଅଂଚଳର ସାମଗ୍ରିକ ଉନ୍ନତି ପାଇଁ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ବନ୍ଦ ପାଳନର ନିଷ୍ପତି ନିଆଯାଇଛି। ଏହି ବନ୍ଦ ପାଳନ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ, ଶାନ୍ତିପୂର୍ଣ୍ଣ ଏବଂ ଜନହିତକର ଢଙ୍ଗରେ କରାଯିବ ବୋଲି ଆସୋସିଏସନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଜନତାଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସଂଘ କହିଛି।"କଣ୍ଟାବାଞ୍ଜିର ବିକାଶ ହିଁ ଆମର ଏକମାତ୍ର ପ୍ରାଥମିକତା" — ଏହି ନାରାକୁ ସାମ୍ନାକୁ ରଖି ସଂଘ ପକ୍ଷରୁ ସମସ୍ତ ସ୍ଥାନୀୟ ବ୍ୟବସାୟୀ ସଂଗଠନ, ସାମାଜିକ ଅନୁଷ୍ଠାନ, ପରିବହନ ଓ ଶ୍ରମିକ ସଂଘ, ଯୁବ ସଂଗଠନ ସମେତ ସାଧାରଣ ଜନତାଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଆସନ୍ତା ୧୬ ତାରିଖ ଦିନ ସମସ୍ତେ ନିଜ ନିଜ ସ୍ତରରେ ସମର୍ଥନ ଜଣାଇ ଅଂଚଳର ସ୍ୱାର୍ଥ ରକ୍ଷା ପାଇଁ ଏକତା ପ୍ରଦର୍ଶନ କରିବାକୁ ସଂଘ ଆହ୍ୱାନ ଦେଇଛି।

# ଜିଲ୍ଲାର ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ

ମାଲକାନଗିରି, ୧୨/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ଏବଂ ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରଗତି ସମୀକ୍ଷା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରେ ସିଡିଏମ୍ ଓ ପିଏଚଓ ଡା. ନିହାର ରଞ୍ଜନ ପ୍ରହରାଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଚାଲିଥିବା ଜାତୀୟ ଗୁଣବତା ନିଶ୍ଚିତକରଣ କାର୍ଯ୍ୟକ୍ରମ ର ପ୍ରଗତି ସମୀକ୍ଷା କରିବା ସହ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ, ପରିଷ୍କାର-ପରିଚ୍ଛନ୍ନତା, ରୋଗୀ ସନ୍ତୁଷ୍ଟି ଏବଂ ଗୁଣବତା ମାନଦଣ୍ଡର ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଉନ୍ନୟନ କାର୍ଯ୍ୟଯୋଜନା, ନୂତନ ଭିତିଭୂମି ନିର୍ମାଣ, ରୋଗୀ ସୁବିଧା ବୃଦ୍ଧି, ଚିକିତ୍ସା ଉପକରଣର ଉପଲବ୍ଧତା ଏବଂ ମାନବ ସମ୍ବଳ ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଭିତିଭୂମିର ବିକାଶ ଓ ଉନ୍ନତି ପାଇଁ ଜିଲ୍ଲାପାଳ ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ମାଲେରିଆ, କ୍ଷୟରୋଗ , ଅଣ-ସଂକ୍ରାମକ ରୋଗ , ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ , ମାତୃ ସ୍ୱାସ୍ଥ୍ୟ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚକର ସମୀକ୍ଷା କରାଯାଇଥିଲା। ଗର୍ଭବତୀ ମହିଳାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସୁରକ୍ଷିତ ପ୍ରସବ, ଶିଶୁ ଟୀକାକରଣ, ରକ୍ତହୀନତା ନିୟନ୍ତ୍ରଣ ଏବଂ ଉଚ୍ଚ-ଝୁମ୍ପପୂର୍ଣ୍ଣ ମାତୃ ଓ ଶିଶୁଙ୍କ ଚିହ୍ନଟ ଓ ଅନୁଧ୍ୟାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। କ୍ଷୟରୋଗ ନିରାକରଣ କାର୍ଯ୍ୟକ୍ରମରେ ରୋଗୀ ଚିହ୍ନଟ, ଚିକିତ୍ସା ଓ ପୁଷ୍ଟିକର ସହାୟତା ସମ୍ପର୍କରେ ସମୀକ୍ଷା କରାଯାଇଥିବା ବେଳେ ମାଲେରିଆ ପ୍ରବଣ ଅଂଚଳଗୁଡ଼ିକରେ ସଚେତନତା, ପରୀକ୍ଷା ଓ ଚିକିତ୍ସା କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଏନସିଡି କାର୍ଯ୍ୟକ୍ରମ ଅଧୀନରେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ଅଣ-ସଂକ୍ରାମକ ରୋଗର ସ୍କ୍ରିନିଂ ଓ ଚିକିତ୍ସା ସେବାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଆସନ୍ତା ଡାଏରିଆ ନିୟନ୍ତ୍ରଣ ମାସ ପାଳନ ପାଇଁ ସମସ୍ତ ପ୍ରସ୍ତୁତି, ଓଆରଏସ୍ ଓ ଜିଙ୍କ ବଣ୍ଟନ, ସଚେତନତା କାର୍ଯ୍ୟକ୍ରମ ଏବଂ ଗ୍ରାମାଂଚଳରେ ବ୍ୟାପକ ପ୍ରଚାର-ପ୍ରସାର ଉପରେ ଆଲୋଚନା ହୋଇଥିଲା। ସେହିପରି ପଲ୍ସ ପୋଲିଓ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଆୟୁଷ୍ମାନ ଭାରତ କାର୍ଡ ବଂଟନର ପ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଯୋଗ୍ୟ ହିତାଧିକାରୀମାନଙ୍କ ନିକଟରେ କାର୍ଡ ପହଂଚାଇବା ଏବଂ ଯୋଜନାର ସର୍ବାଧିକ ସୁବିଧା ଲୋକଙ୍କୁ ଉପଲବ୍ଧ କରାଇବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର: ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ

କନ୍ଧମାଳ, ୧୨/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ପୋଲିସ୍ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସମେତ ଅନେକ ମାଓ ସାମଗ୍ରୀ ଜବତ କରିଛି। ଆଜି ଫୁଲବାଣୀ ରିଜର୍ଭ ପୋଲିସର କମ୍ୟୁନିଟି ହଲ ରେ ଏହି ସୂଚନା କନ୍ଧମାଳ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ଗଣମାଧ୍ୟମକୁ ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୨୦୨୫ ଜାନୁଆରି ଠାରୁ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ମଧ୍ୟରେ କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ଦ୍ୱାରା ଧାର୍ଯ୍ୟ, ଟାର୍ଗେଟ୍ ଅନୁଯାୟୀ କନ୍ଧମାଳ ଜିଲ୍ଲା ସମ୍ପୁର୍ଣ୍ଣ ଭାବରେ ମାଓମୁକ୍ତ ହୋଇଥିଲା । ଗତ ୨୦୨୫ ମସିହା ଡିସେମ୍ବର ମାସ ୨୫ ତାରିଖରେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ଯ ଗଣେଷ ୱିକେ ଓ ଅନ୍ୟ କ୍ୟାଡରର ନେତା ଜବାନଙ୍କ ଗୁଳିରେ ନିହତ ହେବା ପରେ ରାଜ୍ୟ କମିଟିର ମାଓ ନେତା ଶୁକ୍ରୁ ଓ ନୀତୁ ସମେତ ୨୪ ଜଣ ମାଓବାଦୀ ସେମାନଙ୍କ ଅସ୍ତ୍ରଶସ୍ତ୍ର ସମେତ ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କୁ ପଚରାଉଚରା ପରେ ପୋଲିସକୁ ମିଳିଥିବା ସୂଚନା ଅନୁସାରେ ଗତ ବୁଧବାର ଦିନ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଙ୍ଗାପଦର, କୋଡମାହା, ପାଜିମାହା, ଟେଙ୍ଗେରୀ ଓ ବାଲିମାହା ଆଦି ଅଂଚଳର ଜଙ୍ଗଲରେ, ମାଓବାଦୀ ମାନେ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସମେତ ଅନେକ ମାଓ ବ୍ୟବହୃତ ସାମଗ୍ରୀ ଜବତ କରିଛନ୍ତି। ଏହି ସର୍ଚ୍ଚ ଅପରେଶନରେ ବୋମା ନିଷ୍କ୍ରିୟକାରୀ ଦଳ ସମେତ ଅନ୍ୟାନ୍ୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା ପରେ ଏହି ସର୍ଚ୍ଚ ଅପରେଶନ ଜାରି ହୋଇଥିଲା। ଏଥିରେ ୯ ଟି ଏସ୍ ଓ ଜି ଏବଂ ଗୋଟିଏ ଡିଭିଏଫ ଟିମ୍ ସାମିଲ ହୋଇଥିଲେ। ଏହି ଅପରେସନରେ ଜବାନ୍ ମାନେ ଗୋଟିଏ ଏସ୍ ଏଲ୍ ଆର ବନ୍ଧୁକ,ଏସ୍ ବି ଜି ଏଲ୍ ୨ଟି,ଗୋଟିଏ ଦେଶୀ ବନ୍ଧୁକ,୩୦ ଟି ଡିଟୋନେଟର୍,୧୦ ଟି ଏସବିଜିଏଲ୍ ଗ୍ରେନେଡ, ଗୋଟିଏ ଏସ୍ ଏଲ୍ ଆର୍ ମାଗାଜିନ୍, ୧୬ ଟି ଜୀବନ୍ତ ଗୁଳି ସମେତ ସୋଲାର ପେନେଲ୍ ଏବଂ ବିପୁଳା ପରିମାଣର ମାଓ ସାମଗ୍ରୀ ଜବତ କରିଛନ୍ତି।

# ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ମହାନ୍ତିଙ୍କୁ 'ଆମ ଗାଁ ଯୁବ ପରିଷଦ' ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଜଳେଶ୍ୱର ୧୨/୬ (ନି.ପ୍ର) ଜଳେଶ୍ୱର ବ୍ଲକ ଆରୁହା ଗ୍ରାମ ପଞ୍ଚାୟତର ୧୯୬୧ ମସିହାରେ ପ୍ରତିଷ୍ଠିତ ନିମପୁର ଓ ଚକର୍ଜ୍ଜୁନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୁରୁଶ୍ରେଷ୍ଠ ପୂଜ୍ୟ ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାନ୍ତିଙ୍କୁ ଚକର୍ଜ୍ଜୁନୀ 'ଆମ ଗାଁ ଯୁବ ପରିଷଦ' ପକ୍ଷରୁ ବିଦାୟ କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଅଛି ।୨୯/୧/ ୧୯୯୭ ମସିହାରେ ବର୍ତ୍ତନା ପଞ୍ଚାୟତ ଖରିଦା ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶିକ୍ଷକତା କରି ମାତ୍ର ୮ ମାସ ପରେ ୧୬/୮/ ୧୯୯୭ ମସିହାରୁ ୩୧/୫/ ୨୦୨୬ ପର୍ଯ୍ୟନ୍ତ ନିମପୁର ଓ ଚକର୍ଜ୍ଜୁନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା କରି ଅବସର ଗ୍ରହଣ କରିଛନ୍ତି ।ଉକ୍ତ ସମ୍ବର୍ଦ୍ଧନା ସଭାରେ ବାଗେଶ୍ୱରି ସଂସ୍କୃତ ମହାବିଦ୍ୟାଳୟର ର ଇଂରାଜୀ ଅଧ୍ୟାପକ ତଥା ଗ୍ରାମ ସଭାପତି କାର୍ତ୍ତିକେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ ଉପ ସଭାପତି ଅନୁସୟା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସରପଞ୍ଚ ତପନୀ ଭୂୟାଁ, ଯୁବ ସମାଜ ସେବୀ ଶ୍ରୀକଣ୍ଠ ମାହାନ୍ତି, ଉପଦେଷ୍ଟା ଶ୍ରୀପତି ପ୍ରଧାନ, ଗଜେନ୍ଦ୍ର ମହାନ୍ତି ,ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ପଦ୍ମଲାଭ ପ୍ରଧାନ,ପ୍ରାକ୍ତନ ପଞ୍ଚାୟତ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର,ପ୍ରଧାନ ଶିକ୍ଷକ କେଶ୍ୱ ଚନ୍ଦ୍ର ପରିଡ଼ା,ସଂପାଦକ ରାଜେନ୍ଦ୍ର ନାରାୟଣ ଦାସ,ସାମ୍ବାଦିକ ମନୋଜ କୁମାର ଭୂୟାଁ,ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାବ ବିହ୍ୱଳ ବକ୍ତବ୍ୟ ପ୍ରଦାନ କରିଥିଲେ ।ୱାର୍ଡ଼ ସଭ୍ୟ ମଧୁସୁଦନ ପ୍ରଧାନ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଖରାଦିନରେ ଅଧିକାଂଶ ଲୋକ ଫଳ ଖାଇବାକୁ ଭାରି ପସନ୍ଦ କରନ୍ତି । ଖାସ୍ କରି ଅଙ୍ଗୁର, ଛୋଟପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବଜାରକୁ ଆସୁଥିବା ଅଙ୍ଗୁର ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ମନରେ ପ୍ରଶ୍ନ ଆସେ ଯେ ସତେଜ ଦେଖାଯାଉଥିବା ଏହି ଅଙ୍ଗୁର କ'ଣ ପ୍ରକୃତରେ ସ୍ୱାସ୍ଥ୍ୟକର ? ଅନେକ ସମୟରେ ବାହାରୁ ଏକଦମ୍ ଫ୍ରେଶ୍ , ଚମକଦାର ଦେଖାଯାଉଥିବା ଅଙ୍ଗୁର ଭିତରୁ ଆଦୌ ହିତକର ହୋଇନଥାଏ । କାରଣ ବର୍ତ୍ତମାନ ସମୟରେ ଫଳକୁ ଅଧିକ ଦିନ ଧରି ସତେଜ ରଖିବା ପାଇଁ ଚାଷବେଳେ ରାସାୟନିକ ପଦାର୍ଥର ବ୍ୟବହାର କରାଯାଏ । ବିଭିନ୍ନ କୀଟନାଶକ ଏବଂ ରାସାୟନିକ ପଦାର୍ଥ ବ୍ୟବହାର କରି ଅଙ୍ଗୁରକୁ ଚାଷ କରାଯାଏ ଯାହାଦ୍ୱାରା କ୍ୟାମିକାଲ୍ ଏହାକୁ ଶୀଘ୍ର ଖରାପ କରାଏ ନାହିଁ ।

ଆପଣ ଅନେକ ଲୋକଙ୍କୁ ଦେଖିଥିବେ ଅଙ୍ଗୁର କିଣିବା ସମୟରେ ସ୍ୱାଦିଷ୍ଟ ଅଛି କି ନାହିଁ ଟେଷ୍ଟ୍ କରିବାକୁ ସିଧା ପାଟିରେ ପକାଇ ଖାଆନ୍ତି କିନ୍ତୁ ଏହାଦ୍ୱାରା କେତେ କ୍ୟାମିକାଲ୍ ଆପଣଙ୍କ ପେଟକୁ ଯାଉଛି ତାହା ବୋଧହୁଏ ଆପଣ ଜାଣିନଥିବେ । ବିଶେଷଜ୍ଞଙ୍କ ମତରେ ସତେଜ, ସଫା ଦେଖାଯାଉଥିବା ଫଳଗୁଡ଼ିକ ମଧ୍ୟ ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ ହୋଇପାରେ । ଏହି ଅଙ୍ଗୁରଗୁଡ଼ିକରେ ପ୍ରାୟତଃ ଏପରି ରାସାୟନିକ ପଦାର୍ଥ ଥାଏ ଯାହା ଧୀରେ ଧୀରେ ଶରୀରରେ ପ୍ରବେଶ କରି କ୍ଷତି କରିପାରେ ଖାସ୍ କରି ଯଦି ସେଗୁଡ଼ିକୁ ଭଲ ଭାବରେ ସଫା ନ କରାଯାଏ । ତେବେ ଆପଣ ବି ଯଦି ଅଙ୍ଗୁର ପ୍ରିୟ ତେବେ ରାସାୟନିକ ପଦାର୍ଥ ଥିବା ଅଙ୍ଗୁରକୁ ଚିହ୍ନଟ କରିବା ନିହାତି ଜରୁରୀ ।

ଏକ୍ସପର୍ଟ କୁହନ୍ତି ଯେ ବଜାରରେ ଉପଲବ୍ଧ ଅନେକ ଅଙ୍ଗୁର ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ରାସାୟନିକ ଭାବରେ ପାଚିଥିବା ଅଙ୍ଗୁର ବିଷଠାରୁ କମ୍ ନୁହେଁ । ଅଙ୍ଗୁରକୁ ଅଧିକ ସମୟ ପାଇଁ ତାଜା ରଖିବା ପାଇଁ ମାନକୋଜେବ ଏବଂ ସାଇପରମେଥ୍ରିନ ବ୍ୟବହାର କରାଯାଏ । ପ୍ରାୟତଃ ଅଙ୍ଗୁରରୁ ସଲଫର ଡାଇଅକ୍ସାଇଡ ଗ୍ୟାସ୍ ମଧ୍ୟ ନିର୍ଗତ ହୁଏ । ଏହି ରାସାୟନିକ ପଦାର୍ଥ ଅଙ୍ଗୁର ଉପରେ ଧଳା ରଙ୍ଗର ପରଦା ସୃଷ୍ଟି କରେ । ତେଣୁ ଯଦି ଅଙ୍ଗୁରକୁ ଠିକ୍ ଭାବରେ ସଫା ନ କରି ଖାଇବେ ତେବେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଆପଣ ସହଜରେ ଏଭଳି ରାସାୟନଯୁକ୍ତ ଅଙ୍ଗୁରକୁ ଚିହ୍ନଟ କରିପାରିବେ । ଏଥିପାଇଁ ଅଙ୍ଗୁର ପେନ୍ଥାର କାଣ୍ଡରୁ ଭାଙ୍ଗି ପରୀକ୍ଷା କରିପାରିବେ । ଯଦି କାଣ୍ଡ ତାଜା ଏବଂ ସବୁଜ ଦେଖାଯାଏ ତା'ହେଲେ ଏହା ଫ୍ରେଶ୍ ଏବଂ ଖାଦ୍ୟଯୋଗ୍ୟ । ଯଦି ଶୁଖିଲା ଦେଖାଯାଏ ତେବେ ବୁଝିନିଅନ୍ତୁ ଯେ ସେଗୁଡ଼ିକୁ ରାସାୟନିକ ପ୍ରକ୍ରିୟାରେ ପଚାଯାଇଛି । ଏହା ଛଡ଼ା ଯଦି ଅଙ୍ଗୁର ଉପରେ ଅତ୍ୟଧିକ ଧଳା ଆବରଣ ଦେଖାଯାଏ କିମ୍ବା ଫଳକୁ ଛୁଇଁବା ମାତ୍ରେ ଅଜବ ଅନୁଭବ ହୁଏ ତେବେ ବୁଝିଯାଆନ୍ତୁ ଯେ ଅଙ୍ଗୁରକୁ ରାସାୟନିକ ପ୍ରକ୍ରିୟାରେ ପଚାଯାଇଛି । ସାଧାରଣତଃ ଲୋକମାନେ ଫଳ ଖାଇବା ପୂର୍ବରୁ ଏହାକୁ ଧୋଇ ଦିଅନ୍ତି । କିନ୍ତୁ ଅଙ୍ଗୁର ପାଚିବା ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥଗୁଡ଼ିକ କେବଳ ପାଣିରେ ଧୋଇବା ଯଥେଷ୍ଟ ନୁହେଁ । ଅଙ୍ଗୁର କିଣିବା ପରେ ଏହାକୁ ୧୫ ମିନିଟ୍ ପାଇଁ ବେକିଂ ସୋଡ଼ା ପାଣିରେ ବୁଡ଼ାଇ ରଖନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ । ଧୋଇବା ଦ୍ୱାରା ରାସାୟନିକ ପଦାର୍ଥ ଥିବା ଧଳା ସ୍ତର ବାହାରିଯିବ ଏବଂ ଅଙ୍ଗୁର ଖାଇବା ଉପଯୋଗୀ ହୋଇଯିବ ।

## ପାଣି ପିଇବା ପରେ ମଧ୍ୟ ଲାଗୁଛି କି ଶୋଷ ? ତେବେ ଜାଣନ୍ତୁ ଏହା ପଛରେ ଥିବା କାରଣ ...



ଆମ ଭିତରୁ ଅଧିକାଂଶ ଲୋକଙ୍କ ପାଇଁ ଦୈନିକ ଅଢ଼େଇରୁ ସାଢ଼େ ତିନି ଲିଟର ପାଣି ଦରକାର ହୋଇଥାଏ। ଏଥିରୁ ପ୍ରାୟ ୨୦% ଖାଦ୍ୟରୁ ମିଳିଥାଏ। ଏହା ସତ୍ତ୍ୱେ କେତେକ ଲୋକଙ୍କୁ ଶୋଷ ହୋଇ ଶରୀର ଜଳଶୂନ୍ୟ ହେଲା ପରି ଲାଗେ । ତେଣୁ ଅଧିକ ପାଣି ପିଇଲେ ଜଳଶୂନ୍ୟତା ଦେଖାଯାଏ ନାହିଁ ବୋଲି ଅନେକଙ୍କର ଧାରଣା। ହେଲେ ଯେତେ ପାଣି ପିଇଲେ ବି କିଛି ଲୋକଙ୍କୁ ଶୋଷହୁଏ ଓ ହାଲିଆ ଲାଗେ କାହିଁକି ? ସାଧାରଣତଃ ଗରମ ପାଗ ଓ କାର୍ଯ୍ୟବ୍ୟସ୍ତ ରହିଲେ ଏହିଭଳି ହୁଏ। ତେଣୁ ପିଉଥିବା ପାଣି ଉପରେ ଶୋଷ ବା ଜଳଶୂନ୍ୟତା ନିର୍ଭର କରେ ନାହିଁ।

କଥା ହେଉଛି, ପିଉଥିବା ପାଣିକୁ ଦେହ କିପରି ବିଶୋଷଣ କରି ବଣ୍ଟନ କରିବା ସହ ଦେହରେ ତାକୁ ଧରି ରଖୁଛି, ତାହା ବଡ଼କଥା। ବିଭିନ୍ନ ଜୀବନ ଶୈଳୀ, ଖାଦ୍ୟରୁଚି ଓ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦେହର ଜଳଶୂନ୍ୟତାକୁ ପ୍ରଭାବିତ କରିଥାଏ। ଫଳରେ ଯେତେ ପାଣି ପିଇଲେ ବି ଶୋଷହୁଏ। ମୁମ୍ବାଇସ୍ଥିତ ଫୋର୍ଟିସ୍ ହସ୍ପିଟାଲ୍‌ର ଡାକ୍ତର ଶୋଭା ଇଟୋଲିକର କହନ୍ତି, ଯଥେଷ୍ଟ ପାଣି ପିଇବା ସତ୍ତ୍ୱେ ଶୋଷ ଲାଗିବାର ବିଭିନ୍ନ କାରଣ ରହିଛି। ପିଇବା ପଦ୍ଧତି ଓ ସ୍ୱାସ୍ଥ୍ୟାବସ୍ଥା ଭଳି ଅନେକ କାରଣ ଏଥିପାଇଁ ଦାୟୀ।

ଥରକେ ବହୁତ ପାଣି ପିଇବା ପରେ ଅନେକ ସମୟ ଧରି ଆଉ ପାଣି ନ ପିଇଲେ ଶୋଷ ଲାଗେ। ତେଣୁ ଏକା ଥରକେ ବହୁତ ପାଣି ନ ପିଇ ଦିନସାରା ନିୟମିତ ବ୍ୟବଧାନରେ ଅଳ୍ପ ଅଳ୍ପ ପାଣି ପିଇବା ଉଚିତ। ଥରକେ ବହୁତ ପାଣି ପିଇଲେ ସ୍ୱାସ୍ଥ୍ୟ ମଧ୍ୟ ଖରାପ ହୋଇଥାଏ। କାରଣ ଶରୀରରେ ସୋଡିୟମ୍ ପତଳା ହୋଇ ୱାଟର ଇଣ୍ଟୋକ୍ସିକେସନ୍ ଭଳି ଅବସ୍ଥା ସୃଷ୍ଟି କରିଥାଏ। ଏଥିଯୋଗୁଁ ତଣ୍ଟି ଶୁଖିଯାଏ। ସେହିପରି ଚା, କଫି ଓ ମଦ ପିଇଲେ ବାରମ୍ବାର ପରିସ୍ରା ହୋଇ ଦେହରୁ ପାଣି କ୍ଷୟ ହୋଇଯାଏ।

ଏ ସମୟରେ ଯେତେ ପାଣି ପିଇଲେ ବି ଶୋଷ ଲାଗେ। ଭଲ ଭାବେ ପାଟି ଭିତର ପରିଷ୍କାର ନ କଲେ, ଧୂମପାନ କଲେ ଓ ତମାଖୁ ସେବନ କଲେ ମଧ୍ୟ ସବୁବେଳେ ଶୋଷହୁଏ । ଆମ ଖାଦ୍ୟ ଅନେକ ସମୟରେ ଶୋଷକୁ ପ୍ରଭାବିତ କରେ।

ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ହଜମ ଓ ବର୍ଜ୍ୟ ନିଷ୍କାସନ ପାଇଁ ଅଧିକ ପାଣି ପିଇବାକୁ ପଡ଼େ। ଅଧିକ ଲୁଣ, ଚିନି ଓ ମସଲା ଖାଦ୍ୟ ଖାଇଲେ ଶୋଷହୁଏ। କମ୍ ଫାଇବରଯୁକ୍ତ ଖାଦ୍ୟ ଯୋଗୁଁ ଦେହରେ ଜଳ ଧାରଣ କ୍ଷମତା କମିଯାଏ ବୋଲି ଡାକ୍ତର କହନ୍ତି। ସେହିପରି ଗରମ ପାଗରେ ବେଶି ବ୍ୟାୟାମ କଲେ ଓ ଝାଳ ବୋହିଲେ ଦେହରୁ ଅଧିକ ଜଳୀୟ ଅଂଶ ବାହାରିଯାଏ। ଫଳରେ ଶୋଷହୁଏ । ଏହାଛଡ଼ା ଜ୍ୱର, ବାନ୍ତି ବା ଡାଇରିଆ ହେଲେ ଏବଂ ହାଇ ବ୍ଲଡ୍ ସୁଗାର ଲେବଲ୍ ଶୋଷ ବଢ଼ାଇ ଥାଏ। ହରମୋନ୍ ସନ୍ତୁଳନ ଠିକ୍ ନ ରହିଲେ ଶୋଷହୁଏ ଓ ତାହା ମେଣ୍ଟେ ନାହିଁ। ନିଦ, ଚାପ ଓ ଉତ୍କଣ୍ଠା ବି ଶୋଷ ବଢ଼ାଇଥାଏ। ଏହା ପ୍ରକୃତ ଜଳଶୂନ୍ୟତା ନୁହେଁ। ଏହାଛଡ଼ା ଦେହରେ ସୋଡିୟମ୍ ଓ କ୍ଲୋରାଇଡ୍ ଭଳି ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳିତ ହେଲେ ଯେତେ ପାଣି ପିଇଲେ ବି ଶୋଷ ମରେ ନାହିଁ। ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ।

## ନିଦ୍ରା କାହିଁକି ସମ୍ପୂର୍ଣ୍ଣ ଥକ୍କାପଣ ଦୂର କରେ ନାହିଁ ? ଜାଣନ୍ତୁ କଣ କହୁଛି ରିପୋର୍ଟ ...



ଆଜିକାଲି ଲୋକମାନେ ପ୍ରବଳ ଥକ୍କା ଅନୁଭବ କରୁଛନ୍ତି, ଯାହା ଶୋଇବା କିମ୍ବା ବିଶ୍ରାମ ନେବା ପରେ ମଧ୍ୟ କମିଯାଏ ନାହିଁ। ଲୌହସାର ଅଭାବ ପ୍ରାୟତଃ ଏହାର କାରଣ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ପୁଷ୍ଟିସାର ହେତୁ ଆଇରନ୍ ର ଅଭାବର ଲକ୍ଷଣ ରହୁଛି। ଏହି ଖଣିଜ ଅଭାବ ରକ୍ତହୀନତାର ଆଶଙ୍କା ବଢ଼ାଇଥାଏ ଓ ଶରୀରକୁ ଅମ୍ଳଜାନ ଯୋଗାଣ ହ୍ରାସ କରିଥାଏ। ଲୁହା ଅଭାବର ଏହି ଲକ୍ଷଣକୁ ଶୀଘ୍ର ଚିହ୍ନି ପାରିଲେ ସ୍ୱାସ୍ଥ୍ୟରେ ତୁରନ୍ତ ଉନ୍ନତି ଆସିପାରେ।

କମ୍ ହିମୋଗ୍ଲୋବିନ କାରଣ

ରକ୍ତରେ ହିମୋଗ୍ଲୋବିନ୍ ଉତ୍ପାଦନ ପାଇଁ ଲୌହସାର ଅତ୍ୟାବଶ୍ୟକ। ହିମୋଗ୍ଲୋବିନ୍‌ର କାର୍ଯ୍ୟ ହେଉଛି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ପରିବହନ କରିବା। ଅଭାବ ହେଲେ ଥକ୍କାପଣ, ଫିକାପଣ ଓ ଶ୍ୱାସକ୍ରିୟା ଭଳି ଦଶଟି ଲକ୍ଷଣ ଦେଖାଯାଇପାରେ। ଏଗୁଡ଼ିକୁ ଅଣଦେଖା କଲେ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ।

*୧. ଲଗାତାର ଥକ୍କାପଣ*

କାମ ପରେ କ୍ଳାନ୍ତ ଅନୁଭବ କରିବା ସାଧାରଣ କଥା। ତଥାପି, ଯଦି ଆପଣ ଅଧିକ କାର୍ଯ୍ୟକଳାପ ବିନା ମଧ୍ୟ କ୍ଳାନ୍ତ ଅନୁଭବ କରନ୍ତି ଏବଂ ବିଶ୍ରାମ ନେବା ପରେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରନ୍ତି ନାହିଁ ତେବେ ଏହା ଲୌହ ଅଭାବର ଲକ୍ଷଣ ହୋଇପାରେ। ଏହା ପ୍ରାୟତଃ ସେତେବେଳେ ଘଟେ ଯେତେବେଳେ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଅମ୍ଳଜାନ ଗ୍ରହଣ ନ ଥିବାରୁ ଶକ୍ତିର ଅଭାବ ହୁଏ।

*୨. ଚର୍ମ ହଳଦିଆ ପଡ଼ିବା*

ଯଦି ଆପଣଙ୍କ ଚର୍ମ ଫିକା ପଡ଼ିବାକୁ ଲାଗେ ଏବଂ ଲୋକମାନେ ହଳଦିଆ ରଙ୍ଗ ଦେଖୁଛନ୍ତି ତେବେ ଏହା ଲୌହ ଅଭାବ ଯୋଗୁଁ ହୋଇପାରେ। ହିମୋଗ୍ଲୋବିନର ଅଭାବ ଆପଣଙ୍କ ଶରୀରରେ ରକ୍ତର ପରିମାଣକୁ ହ୍ରାସ କରିପାରେ, ଯାହା ଫଳରେ ଆପଣଙ୍କ ଶରୀର ଫିକା ଦେଖାଯିବ।

*୩. ନିଶ୍ୱାସ ନେବା*

କଠିନ ଶାରୀରିକ ପରିଶ୍ରମ ପରେ ନିଶ୍ୱାସ ନେବା କଷ୍ଟକର ହୁଏ। ତଥାପି, ଯଦି ଆପଣ ଅଳ୍ପ ଚାଲିବା କିମ୍ବା ସିଡ଼ି ଚଢ଼ିବା ପରେ ମଧ୍ୟ ଏହି ସମସ୍ୟା ଅନୁଭବ କରନ୍ତି, ତେବେ ସତର୍କ ରୁହନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ଶରୀର ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ୍ ପାଉନାହିଁ।

*୪. ହୃଦସ୍ପନ୍ଦନ*

ଲୁହା ଅଭାବରୁ ମଧ୍ୟ ହୃଦସ୍ପନ୍ଦନ ଦ୍ରୁତ ହୋଇପାରେ। କାରଣ ହୃଦୟକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହା ହୃଦସ୍ପନ୍ଦନ ବୃଦ୍ଧି କରେ। ଯଦି ଆପଣ ଏହି ଲକ୍ଷଣ ଲକ୍ଷ୍ୟ କରନ୍ତି, ତେବେ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଆବଶ୍ୟକୀୟ ପରୀକ୍ଷା କରାନ୍ତୁ।

*୫. ମୁଣ୍ଡ ବୁଲାଇବା ଏବଂ ମୁଣ୍ଡ ବିନ୍ଧା*

ଯେତେବେଳେ ମସ୍ତିଷ୍କ ଅମ୍ଳଜାନର ଅଭାବରେ ପ୍ରଭାବିତ ହୁଏ, ସେତେବେଳେ ଏହାର କାର୍ଯ୍ୟକ୍ଷମତା ମଧ୍ୟ ଖରାପ ହୋଇଯାଏ। ଏହା ମୁଣ୍ଡ ବୁଲାଇବା କିମ୍ବା ମୁଣ୍ଡ ବିନ୍ଧା ସୃଷ୍ଟି କରିପାରେ।

*୬. କେଶ ପଡ଼ିବା*

ଲୌହ ଅଭାବ କେଶ ମୂଳର ପୁଷ୍ଟିସାର ହ୍ରାସ କରେ, ଯାହା ଫଳରେ ହଠାତ୍ କେଶ ଝଡ଼ିଯାଏ। ଏହି ଲକ୍ଷଣ ବିଶେଷକରି ମହିଳାମାନଙ୍କଠାରେ ଦେଖାଯାଏ।

*୭. ଦୁର୍ବଳ ନଖ*

ନଖ ଦେଖି ମଧ୍ୟ ଲୁହା ଅଭାବ ଚିହ୍ନଟ କରାଯାଇପାରିବ। ଲୁହା ଅଭାବ ଯୋଗୁଁ ନଖ ପତଳା ଓ ଭାଙ୍ଗିଯାଏ।

*୮. ଶରୀର ଥଣ୍ଡା ହୋଇଯାଏ*

କମ ଲୌହ ସ୍ତର ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ, ଯାହା ଫଳରେ ଶରୀର ଥଣ୍ଡା ହୋଇଯାଏ, ବିଶେଷକରି ହାତ ଏବଂ ପାଦରେ, ଯାହା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ଥଣ୍ଡା ଅନୁଭବ କରିପାରେ।

ଲୁହା ଅଭାବୀ ଖାଦ୍ୟ

ଲୌହ ଅଭାବରୁ ରକ୍ଷା ପାଇବା ପାଇଁ, ନିୟମିତ ପରୀକ୍ଷା କରାଇବା ଓ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ମହିଳାମାନେ ବିଶେଷକରି ମାସିକ ଋତୁସ୍ରାବ ସମୟରେ ବିପଦରେ ଥାଆନ୍ତି, ତେଣୁ ଏହି ସମୟରେ ସେମାନେ ସେମାନଙ୍କ ଖାଦ୍ୟ ପ୍ରତି ବହୁତ ସତର୍କ ରହିବା ଉଚିତ। ପାଳଙ୍ଗ ପରି ସବୁଜ ପତ୍ରଯୁକ୍ତ ପନିପରିବା, ଗୁଡ଼, ବିନ୍ସ ଏବଂ ଡାଲି, ଆପଲ୍, ଖଜୁର ଏବଂ ଡାଳିମ୍ବ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଲୌହ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ।

## କେଉଁ ଲଙ୍କା ଖାଇବା ଦେହ ପାଇଁ ଭଲ ?

ଲଙ୍କା ବିନା ଭାରତୀୟଙ୍କ ଖାଦ୍ୟ ଅଧୁରା । ଆମ ଘରେ ସାଧାରଣତଃ ଦୁଇ ପ୍ରକାରର ଲଙ୍କା ବ୍ୟବହାର ହୋଇଥାଏ- କଞ୍ଚା ସବୁଜ ଲଙ୍କା ଓ ଲାଲ ଶୁଖିଲା ଲଙ୍କା । ଉଭୟର ସ୍ୱାଦ ଭିନ୍ନ ଓ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ କାମ କରିଥାନ୍ତି । ସବୁଜ ଲଙ୍କା ଶୁଖିଗଲେ ଲାଲ ହୋଇଯାଏ । କାରଣ ଏହା ସମସ୍ତ ଜଳୀୟ ଅଂଶ ହରାଇଥାଏ। ଆସନ୍ତୁ ଜାଣିବା, ଏହି ଦୁଇ ପ୍ରକାର ଲଙ୍କା ଭିତରେ କ'ଣ ରହିଛି ଫରକ ।



କେଉଁଟା ଭଲ: ଶୁଖିଲା ଲଙ୍କା ତୁଳନାରେ ସବୁଜ ଲଙ୍କା ଅଧିକ । ସବୁଜ ଲଙ୍କାରେ ଅଧିକ ଜଳୀୟ ଅଂଶ ଓ ଜିରୋ କ୍ୟାଲୋରି ଥାଏ । ଏହା ଓଜନ କମାଇବାରେ ସାହାଯ୍ୟ କରେ। ସବୁଜ ଲଙ୍କାରେ ବିଟା-କାରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ୍ ଓ ଏଣ୍ଡୋରଫିନ୍‌ର ଉତ୍ସ ରହିଥାଏ । ଅଧିକ ଶୁଖିଲା ଲଙ୍କା ଖାଇଲେ ଆଭ୍ୟନ୍ତରୀଣ ପ୍ରଦାହ ଦେଖାଯାଏ, ଯାହାଦ୍ୱାରା ପେପ୍‌ଟିକ୍ ଅଲ୍‌ସର ହୋଇପାରେ। ଇରିଟେବ୍ଲ ବାଓ୍ୱେଲ୍ ସିଣ୍ଡ୍ରୋମ୍ ବା ଇନ୍‌ଫ୍ଲାମେଟରି ବାଓ୍ୱେଲ୍ ଭଳି ରୋଗରେ ପୀଡ଼ିତ ବ୍ୟକ୍ତି ଲାଲ୍ ଲଙ୍କା ଖାଇଲେ ପେଟ ଯନ୍ତ୍ରଣା ଓ ଡାଇରିଆରେ ପଡ଼ିବା ଆଶଙ୍କା ରହିଛି। ଏହା ମଧ୍ୟ ଅସ୍ଥାୟୀ ଭାବେ ରକ୍ତଚାପ ବୃଦ୍ଧି କରିପାରେ।

କଞ୍ଚା ଲଙ୍କାର ଲାଭ: ନିୟମିତ କଞ୍ଚା ଲଙ୍କା ଖାଇଲେ ଇନ୍‌ସୁଲିନ୍ ସ୍ତର ନିୟନ୍ତ୍ରିତ ହୋଇ ଉଚ୍ଚ ରକ୍ତ ଶର୍କରା ସ୍ତର ସନ୍ତୁଳିତ ହୋଇଥାଏ। ଡାଏଟାରି ଫାଇବରରେ ପରିପୂର୍ଣ୍ଣ କଞ୍ଚା ଲଙ୍କା ଭଲ ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ। କଞ୍ଚା ଲଙ୍କା ଭିଟାମିନ୍-ଇ ଓ ଭିଟାମିନ୍-ସିର ଉତ୍ସ, ଯାହା ସୁସ୍ଥ ତ୍ୱଚା ପାଇଁ ବହୁତ ଭଲ। ଯଥେଷ୍ଟ ବିଟା-କାରୋଟିନ୍ ପରିମାଣ ହେତୁ କଞ୍ଚା ଲଙ୍କା ହୃତ୍‌ପିଣ୍ଡକୁ କାର୍ଯ୍ୟକ୍ଷମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ । କଞ୍ଚା ଲଙ୍କା କ୍ୟାଲୋରି ନଷ୍ଟ କରିବା ଓ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ମଧ୍ୟ ସାହାଯ୍ୟ କରେ। ତେଣୁ ଓଜନ ହ୍ରାସ ପାଇଁ ଏହା ଭଲ।

ଶୁଖିଲା ଲଙ୍କାର ଲାଭ: ଏଥିରେ ଅଧିକ ପୋଟାସିୟମ୍ ଥିବାରୁ ଏହା ରକ୍ତବାହୀ ନଳୀକୁ ସକ୍ରିୟ କରି ରକ୍ତଚାପ ନିୟନ୍ତ୍ରଣ କରେ। ନାଲି ଲଙ୍କାରେ ଥିବା କ୍ୟାପ୍‌ସାଇସିନ୍ ନାମକ ଯୌଗିକ ଶରୀରର ମେଟାବୋଲିଜିମ୍ ହାର ବୃଦ୍ଧି କରିଥାଏ। ଏହା ଭିଟାମିନ୍-ସିରେ ପରିପୂର୍ଣ୍ଣ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ଦୀର୍ଘକାଳୀନ ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ। ଶୁଖିଲା ଲଙ୍କାରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ୍ ରହିଛି, ଯାହା ରକ୍ତବାହୀ ନଳୀ ତଥା ଧମନୀରେ ଥିବା ଅବରୋଧକୁ ଦେଇଥାଏ।




କସମେଟିକ୍ ବ୍ୟବହାରରେ ଚେହେରା ତ ଚମକେ କିନ୍ତୁ ଏହା କେତେ ଘଣ୍ଟା ପାଇଁ ଲାଷ୍ଟିଙ୍ଗ୍ କରିବ ତାହା ବ୍ୟବହାରକାରୀ ହିଁ କହିପାରିବେ । କିନ୍ତୁ ବର୍ତ୍ତମାନ ବଜାରରେ କୋରିଆନ୍ ପ୍ରଡକ୍ଟର ଅଧିକ ଚାହିଦା ରହିଛି । ଖାସ୍ କରି ଯୁବତୀମାନେ କୋରିୟାନ୍ ପ୍ରଡକ୍ଟ କସମେଟିକ୍ ପାଇଁ ବାଇୟା । କିନ୍ତୁ କିଛି ଯୁବତୀ ପ୍ରାକୃତିକ ଉପାୟରେ କୋରିଆନ୍ ଗ୍ଲାସ୍ ସ୍କିନ୍ ପାଇବା ପାଇଁ ପସନ୍ଦ କରନ୍ତି । ଯଦି ଆପଣ ମଧ୍ୟ ଗ୍ରୀଷ୍ମରେ କୋରିଆନଙ୍କ ପରି ଚମକଦାର ତ୍ୱଚା ପାଇବାକୁ ଚାହୁଁଛନ୍ତି ସେ ବି ବିନା ରସାୟନଯୁକ୍ତ ତା'ହେଲେ ଆସନ୍ତୁ ଜାଣିବା କିଛି ଟିପ୍ସ । ଯଦି ଆପଣ ପ୍ରକୃତରେ ଆପଣଙ୍କ ତ୍ୱଚାକୁ ହେଲ୍ଦି କରିବାକୁ ଚାହୁଁଛନ୍ତି ତେବେ ରାତି ସମୟରେ ସ୍କିନ୍ ଧ୍ୟାନ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ । ଶୋଇବା ପୂର୍ବରୁ ମାତ୍ର ଗୋଟିଏ ଷ୍ଟେପ୍ ଆପଣଙ୍କ ଚର୍ମକୁ ଚମକଦାର କରିବାରେ ସାହାଯ୍ୟ କରିବ । ଏଥିପାଇଁ ଆପଣଙ୍କୁ ୩ ଟି ଉପାୟର ଆବଶ୍ୟକତା ପଡ଼ିବ । ଗୋଟିଏ ଚାମଚ କାକୁଡ଼ି ରସରେ ଗୋଟିଏ ଚାମଚ ଗୋଲାପ ଜଳ ଏବଂ ଅଳ୍ପ ଚନ୍ଦନ ପାଉଡର ପକାଇ ସ୍ମୁଥ୍ ପେଷ୍ଟ ତିଆରି କରନ୍ତୁ । ଶୋଇବା ପୂର୍ବରୁ ମୁହଁକୁ ଭଲରେ ଫେସୱାଶରେ ଧୋଇ ସଫା କରନ୍ତୁ । ସଫା ମୁହଁରେ ଏହି ପେଷ୍ଟ ଲଗାନ୍ତୁ ଏବଂ ୧୦ ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାପରେ ଓଦା ସଫା କପଡ଼ାରେ ମୁହଁକୁ ଧୀରେ ଧୀରେ ପୋଛି ଦିଅନ୍ତୁ । ଶେଷରେ ଅଳ୍ପ ବାଦାମ ତେଲ ମୁହଁରେ ଧୀରେ ଧୀରେ ମାଲିସ୍ କରନ୍ତୁ । ଏହି ଗୋଟିଏ ପେଷ୍ଟ ଏବଂ ତେଲ ମାଲିସ୍ ଆପଣଙ୍କ ଚେହେରାକୁ ଚମକ ଦେବାରେ ସାହାଯ୍ୟ କରିବ । କାକୁଡ଼ି ରସ ଚର୍ମକୁ ଥଣ୍ଡା କରିବାରେ ସାହାଯ୍ୟ କରେ ଏବଂ ହାଇଡ୍ରେସନ୍ ବୃଦ୍ଧି କରେ । ଏହା ମୁହଁକୁ ସତେଜ ଏବଂ ଆରାମଦାୟକ କରେ । ତ୍ୱଚା ମରାମତିର କାମ କରେ ଗୋଲାପ ଜଳ । ଏହା ତ୍ୱଚାର ପ୍ରାକୃତିକ ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ । ସରଳ ଭାଷାରେ କହିଲେ ଗୋଲାପ ଜଳ ଟୋନରର କାମ କରେ । ଚନ୍ଦନ ତ୍ୱଚାକୁ ଥଣ୍ଡା କରାଏ ଏବଂ ଭିତରର ମଇଳା ବାହାର କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ଚେହେରା ସଫା ଦେଖାଯାଏ । ମନେ ରଖନ୍ତୁ ଶୋଇବା ପୂର୍ବରୁ ସବୁବେଳେ ଆପଣଙ୍କ ମୁହଁକୁ ସଫା କରନ୍ତୁ । ଦିନସାରା ପ୍ରଚୁର ପାଣି ପିଅନ୍ତୁ । ଅତ୍ୟଧିକ ରାସାୟନିକ ପଦାର୍ଥ ଥିବା କସମେଟିକ୍ ବ୍ୟବହାର କରନ୍ତୁ ନାହିଁ । ସପ୍ତାହରେ ୨ ଥର ଏହି ଉପଚାର କରନ୍ତୁ ଏବଂ ମୁହଁକୁ ଅତ୍ୟଧିକ ସ୍କ୍ରବ୍ କରନ୍ତୁ ନାହିଁ । ଯଦି ଆପଣ ଏହାକୁ ନିୟମିତ ଭାବରେ କରୁଛନ୍ତି ତେବେ କିଛି ଦିନ ମଧ୍ୟରେ ଆପଣଙ୍କ ସ୍କିନ୍ ନରମ ଏବଂ ସୁସ୍ଥ ଦେଖାଯିବ । ଧୀରେ ଧୀରେ ଆପଣ ପ୍ରାକୃତିକ ଚମକ ମଧ୍ୟ ଲକ୍ଷ୍ୟ କରିବା ଆରମ୍ଭ କରିବେ ।

# ନ୍ୟୁଜ୍‌କ୍ଲିକ୍ ମାମଲାରେ ଇଡି ଓ ପୋଲିସକୁ ଝଟକା

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ପରିଚିତ ଗଣମାଧ୍ୟମର ସ୍ୱାଧୀନତା ଉପରେ ଯେତେବେଳେ ରାଷ୍ଟ୍ରୀୟ କ୍ଷମତାର ଅପବ୍ୟବହାର ହୁଏ, ସେତେବେଳେ ନ୍ୟାୟପାଳିକା ହିଁ ନାଗରିକ ଏବଂ ଅନୁଷ୍ଠାନଗୁଡ଼ିକ ପାଇଁ ଏକମାତ୍ର ଆଶ୍ରୟସ୍ଥଳ ପାଲଟିଥାଏ । ନିକଟରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଡିଜିଟାଲ୍ ନ୍ୟୁଜ୍ ପୋର୍ଟାଲ୍ 'ନ୍ୟୁଜ୍‌କ୍ଲିକ୍' ଏବଂ ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କ ବିରୋଧରେ ରୁଜୁ ହୋଇଥିବା ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ମାମଲାକୁ ସମ୍ପୂର୍ଣ୍ଣ ଭାବରେ ଖାରଜ କରିଦେଇଛନ୍ତି । ବିଚାରପତି ନୀନା ବଂଶଲ କ୍ରିଷ୍ଣାଙ୍କ ଦ୍ୱାରା ପ୍ରଦତ୍ତ ଏହି ଐତିହାସିକ ରାୟ କେବଳ ଗୋଟିଏ ଗଣମାଧ୍ୟମ ସଂସ୍ଥାର ବିଜୟ ନୁହେଁ, ବରଂ ଏହା ସରକାରୀ ତଦନ୍ତକାରୀ ସଂସ୍ଥାଗୁଡ଼ିକର ମନମୁଖୀ କାର୍ଯ୍ୟକଳାପ ଉପରେ ଏକ ଶକ୍ତ ଚାପୁଡ଼ା । ଅଦାଲତ ନିଜ ରାୟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ନ୍ୟୁଜ୍ ?କ୍ଲିକ୍ ବିରୋଧରେ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନ ହେଉଛି ଆଇନଗତ ପ୍ରକ୍ରିୟାର ଘୋର ଅପବ୍ୟବହାର ଏବଂ ମୁକ୍ତ ତଥା ନିରପେକ୍ଷ ସାମ୍ବାଦିକତା ଉପରେ ଏକ ଉଦ୍ଦେଶ୍ୟମୂଳକ ଆକ୍ରମଣ । ଦୀର୍ଘ ଛଅ ବର୍ଷ ଧରି ଚାଲିଥିବା ଏହି ଆଇନଗତ ଲଢ଼େଇ ଏବଂ ସାମ୍ବାଦିକମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ପରେ ଅଦାଲତଙ୍କ ଏହି ଟିପ୍ପଣୀ ଭାରତୀୟ ଗଣମାଧ୍ୟମ ଜଗତ ପାଇଁ ଏକ ବଡ଼ ଆଶ୍ୱାସନା ଆଣିଦେଇଛି । ଏହି ଘଟଣାଟି କେବଳ କୌଣସି ଆଇନଗତ ତ୍ରୁଟିର ପରିଣାମ ନଥିଲା, ବରଂ ସରକାରୀ ନୀତିର ସମାଲୋଚନା କରୁଥିବା ସ୍ୱାଧୀନ ସ୍ୱରକୁ ଚାପି ଦେବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ଅନେକ ବୁଦ୍ଧିଜୀବୀ ଯେଉଁ ମତ ପୋଷଣ କରୁଥିଲେ, ତାହା ଏବେ ନ୍ୟାୟିକ ମୋହର ପାଇଛି । କ୍ଷମତାସୀନ ବର୍ଗଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରୁଥିବା ଯେ କୌଣସି ସ୍ୱରକୁ ଦେଶଦ୍ରୋହ କିମ୍ବା ଅର୍ଥନୈତିକ ଅପରାଧର ରୂପ ଦେଇ ଦବାଇ ଦେବାର ଯେଉଁ ପ୍ରୟାସ ଦେଶରେ ଆରମ୍ଭ ହୋଇଛି, ତାହାକୁ ଏହି ରାୟ ଏକ ବଡ଼ ଧକ୍କା ଦେଇଛି ।

ଏହି ବିବାଦର ମୂଳଦୁଆ ଏବଂ ତଥ୍ୟଗତ ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଅଗଷ୍ଟ ୨୦୨୦ ମସିହାରେ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ଅଭିଯୋଗକୁ ଭିତ୍ତି କରି ନ୍ୟୁଜ୍‌କ୍ଲିକ୍ ବିରୋଧରେ ପ୍ରଥମେ ଏକ ଏଫଆଇଆର୍ ରୁଜୁ କରିଥିଲା । ଅଭିଯୋଗ ଥିଲା ଯେ ନ୍ୟୁଜ୍‌କ୍ଲିକ୍‌ର ମୂଳ କମ୍ପାନୀ ୨୦୧୮-୧୯ ଆର୍ଥିକ ବର୍ଷରେ ଆମେରିକା ସ୍ଥିତ ୱାର୍ଲ୍ଡୱାଇଡ୍ ମିଡିଆ ହୋଲ୍ଡିଂସ୍ ନାମକ ଏକ ସଂସ୍ଥା ଠାରୁ ପ୍ରାୟ ନଅ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ଗ୍ରହଣ କରିଥିଲା । ତଦନ୍ତକାରୀ ସଂସ୍ଥାର ଦାବି ଥିଲା ଯେ ଡିଜିଟାଲ୍ ଗଣମାଧ୍ୟମରେ ଥିବା ୨୬ ପ୍ରତିଶତ ବିଦେଶୀ ପୁଞ୍ଜିନିବେଶ ସୀମାକୁ ଏଡ଼ାଇବା ପାଇଁ କମ୍ପାନୀ ନିଜ ଶେୟାରର ମୂଲ୍ୟକୁ ଅତ୍ୟଧିକ ବଢ଼ାଇ ଦେଖାଇଥିଲା ଏବଂ ଏହି ଅର୍ଥରୁ ଏକ ବଡ଼ ଅଂଶ ଦରମା ତଥା ପରାମର୍ଶଦାତା ଫି ବାହାନାରେ ବାଟମାରଣା କରାଯାଇଥିଲା । ଏହି ଏଫଆଇଆ ?କୁ ଭିତ୍ତି କରି ମାତ୍ର ସପ୍ତାହେ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ଆଇନ ଅଧୀନରେ ଏକ ମାମଲା ରୁଜୁ କରିଥିଲା । ଏହା ପରେ ଆରମ୍ଭ ହୋଇଥିଲା ବ୍ୟାପକ ଛାପାମାରି, ସାମ୍ବାଦିକମାନଙ୍କ ମୋବାଇଲ୍ ଓ ଲାପଟପ୍ ଜବତ କରିବା ଏବଂ ଘଣ୍ଟା ଘଣ୍ଟା ଧରି ଜେରା କରିବାର ପର୍ବ । ମାତ୍ର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏହି ସମସ୍ତ ଅଭିଯୋଗକୁ ତଥ୍ୟ ଏବଂ ଆଇନର କଷଟି ପଥରରେ ପରଖିବା ପରେ ସମ୍ପୂର୍ଣ୍ଣ ଭିତ୍ତିହୀନ ଦର୍ଶାଇଛନ୍ତି । ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଯେଉଁ ସମୟରେ ଅର୍ଥାତ୍ ଏପ୍ରିଲ୍ ୨୦୧୮ ମସିହାରେ ନ୍ୟୁଜ୍‌କ୍ଲିକ୍ ଏହି ବିଦେଶୀ ପୁଞ୍ଜି ଗ୍ରହଣ କରିଥିଲା, ସେତେବେଳେ ଭାରତରେ ଡିଜିଟାଲ୍ ଗଣମାଧ୍ୟମ କ୍ଷେତ୍ରରେ ଏଫଡିଆଇ ଉପରେ ୨୬ ପ୍ରତିଶତର କୌଣସି କଟକଣା ନଥିଲା । ଡିଜିଟାଲ୍ ମିଡିଆରେ ୨୬ ପ୍ରତିଶତ ଏଫଡିଆଇ କଟକଣା ନିୟମ କେବଳ ସେପ୍ଟେମ୍ବର ୨୦୧୯ ମସିହାରେ କେନ୍ଦ୍ର ସରକାରଙ୍କ ଏକ ପ୍ରେସ୍ ନୋଟ୍ ଦ୍ୱାରା ଲାଗୁ କରାଯାଇଥିଲା । ଆଇନଗତ ଦୃଷ୍ଟିକୋଣରୁ କୌଣସି ନୂଆ ନିୟମକୁ ପଛୁଆ ତାରିଖରୁ ଲାଗୁ କରାଯାଇ କାହାକୁ ଅପରାଧୀ ସଜାଇବା ସମ୍ପୂର୍ଣ୍ଣ ବେଆଇନ ଅଟେ । ଶେୟାର ମୂଲ୍ୟ ବୃଦ୍ଧି ଅଭିଯୋଗ ଉପରେ ମଧ୍ୟ ଅଦାଲତ ଏକ ଯୁକ୍ତିଯୁକ୍ତ ବିଶ୍ଳେଷଣ ପ୍ରଦାନ କରିଛନ୍ତି । ନ୍ୟାୟାଳୟ ଦର୍ଶାଇଛନ୍ତି ଯେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା କରାଯାଇଥିବା ସ୍ୱାଧୀନ ମୂଲ୍ୟାୟନ ଅନୁଯାୟୀ ପ୍ରତି ଶେୟାରର ପ୍ରକୃତ ମୂଲ୍ୟ ଯାହା ଧାର୍ଯ୍ୟ କରାଯାଇଥିଲା, ଭାରତୀୟ ବୈଦେଶିକ ମୁଦ୍ରା ବିନିମୟ ନିୟମ ଅନୁଯାୟୀ କୌଣସି କମ୍ପାନୀ ସେହି ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ଦାମ୍‌ରେ ବିଦେଶୀ ନିବେଶକଙ୍କୁ ଶେୟାର ବିକ୍ରି କରିପାରିବ ନାହିଁ । ତେଣୁ ଦୁଇ କମ୍ପାନୀ ମଧ୍ୟରେ ଆଲୋଚନା ମାଧ୍ୟମରେ ଉଚ୍ଚ ମୂଲ୍ୟରେ ଶେୟାର ବିକ୍ରି କରିବା ଏକ ସାଧାରଣ ବ୍ୟବସାୟିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ଅପରାଧିକ ଷଡ଼ଯନ୍ତ୍ର ନାହିଁ । ଏହା ସହିତ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଭାରତୀୟ ପିଙ୍ଗଳ କୋଡ୍‌ର ଠକେଇ ଏବଂ ବିଶ୍ୱାସଘାତକତା ଅଧୀନରେ ମାମଲା ରୁଜୁ କରିବା ପାଇଁ ଜଣେ ପୀଡ଼ିତ ବ୍ୟକ୍ତି ବା ସଂସ୍ଥା ରହିବା ଆବଶ୍ୟକ, ଯାହାଙ୍କ ସହ ପ୍ରକୃତରେ ଠକେଇ ହୋଇଥିବ ଏବଂ ତାଙ୍କର ମୂଲ୍ୟବାନ ସମ୍ପତ୍ତି ନଷ୍ଟ ହୋଇଥିବ । ମାତ୍ର ଏହି ମାମଲାରେ ପୁଞ୍ଜିନିବେଶ କରିଥିବା ଆମେରିକୀୟ ସଂସ୍ଥା କେବେହେଲେ କୌଣସି ଅଭିଯୋଗ ଆଣିନଥିଲା । ଯେଉଁ ଅର୍ଥ ଦରମା ବା ଘରଭଡ଼ା ଆକାରରେ ଖର୍ଚ୍ଚ ହୋଇଥିଲା ବୋଲି ପୋଲିସ ଦାବି କରୁଥିଲା, ତାହାକୁ ଅଦାଲତ ଏକ ଡିଜିଟାଲ୍ ମିଡିଆ କମ୍ପାନୀ ପାଇଁ ସ୍ୱାଭାବିକ ପରିଚାଳନାଗତ ଖର୍ଚ୍ଚ ବୋଲି ଗ୍ରହଣ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିର୍ଦ୍ଦେଶାବଳୀକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଯେତେବେଳେ ମୂଳ ଅପରାଧ ହିଁ ପ୍ରମାଣିତ ହୋଇପାରିଲା ନାହିଁ, ସେତେବେଳେ ମନି ଲଣ୍ଡରିଂ ବା କଳାଧନକୁ ଧଳା କରିବା ଅଭିଯୋଗର କୌଣସି ଆଇନଗତ ଆଧାର ରହୁନାହିଁ । ଇଡିର ତଦନ୍ତକୁ ଅଦାଲତ ଏକ ଉଦ୍ଦେଶ୍ୟହୀନ ତଥା ଅନୁମାନଭିତ୍ତିକ ତଥ୍ୟ ଖୋଜିବା ପ୍ରକ୍ରିୟା ବୋଲି ବର୍ଣ୍ଣନା କରିଛନ୍ତି । ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ପୋଲିସକୁ ଜଣାଇଥିଲା ଯେ ଏହି ବିଦେଶୀ ନିବେଶରେ କୌଣସି ନିୟମର ଉଲ୍ଲଂଘନ ହୋଇନାହିଁ । ଏସବୁ ସତ୍ତ୍ୱେ ବର୍ଷ ବର୍ଷ ଧରି ଇଡି ବ୍ୟାପକ ତଦନ୍ତ କରିବା ଏବଂ କର୍ମଚାରୀମାନଙ୍କୁ ବାରମ୍ବାର ଡାକି ଜେରା କରିବା ପ୍ରମାଣିତ କରେ ଯେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଆଇନର ରକ୍ଷକ ବଦଳରେ କ୍ଷମତାସୀନ ବ୍ୟକ୍ତିବିଶେଷଙ୍କ ରାଜନୈତିକ ହତିଆର ଭାବରେ ଅଧିକ କାର୍ଯ୍ୟ କରୁଛନ୍ତି ।

ନ୍ୟୁଜ୍‌କ୍ଲିକ୍ ମାମଲାକୁ କେବଳ ଏକ ଆର୍ଥିକ ଅନିୟମିତତା ଅଭିଯୋଗ ଭାବରେ ଦେଖିବା ଏକ ସଂକୀର୍ଣ୍ଣ ଦୃଷ୍ଟିକୋଣ ହେବ, ବାସ୍ତବରେ ଏହା ହେଉଛି ଭାରତରେ ସ୍ୱାଧୀନ ଗଣମାଧ୍ୟମର କଣ୍ଠରୋଧ କରିବାର ଏକ ବୃହତ୍ତର ଚିତ୍ରର ଅଂଶବିଶେଷ । ଆଜିର ସମୟରେ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତର ସ୍ଥାନ ଲଗାତାର ଭାବରେ ତଳକୁ ଖସିବାରେ ଲାଗିଛି । ରିପୋର୍ଟର୍ସ ବିଦାଉଟ୍ ବର୍ଡର୍ସ ଦ୍ୱାରା ପ୍ରକାଶିତ ସର୍ବଶେଷ 'ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ ୨୦୨୬'ର ତଥ୍ୟ ଅନୁଯାୟୀ, ଗଣମାଧ୍ୟମ ସ୍ୱାଧୀନତା କ୍ଷେତ୍ରରେ ଭାରତର ମାନ୍ୟତା ୧୮୦ଟି ଦେଶ ମଧ୍ୟରୁ ୧୫୭ତମ ସ୍ଥାନରେ ରହିଛି । ଗତ ୨୦୨୫ ମସିହାରେ ଭାରତ ଏହି ସୂଚକାଙ୍କରେ ୧୫୧ତମ ସ୍ଥାନରେ ଥିବା ବେଳେ ଚଳିତ ବର୍ଷ ଏହା ଆହୁରି ୬ ସ୍ଥାନ ତଳକୁ ଖସିଯାଇଛି । ଏହି ସୂଚକାଙ୍କରେ ଭାରତକୁ ଅତ୍ୟନ୍ତ ଗମ୍ଭୀର ଶ୍ରେଣୀରେ ରଖାଯିବା ସହ ପାକିସ୍ତାନ (୧୫୩), ବାଂଲାଦେଶ (୧୫୨) ଏବଂ ଶ୍ରୀଲଙ୍କା (୧୩୪) ଭଳି ପଡ଼ୋଶୀ ଦେଶମାନଙ୍କ ଠାରୁ ମଧ୍ୟ ତଳେ ରଖାଯାଇଛି, ଯାହାକି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ବୋଲାଉଥିବା ଏକ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ । ରିପୋର୍ଟ ଅନୁଯାୟୀ, ସାମ୍ବାଦିକମାନଙ୍କ ଉପରେ ବଢ଼ୁଥିବା ହିଂସା, ସାମ୍ବାଦିକତାକୁ ଅପରାଧୀକରଣ କରିବା ପାଇଁ ଜାତୀୟ ସୁରକ୍ଷା ଆଇନର ଅପବ୍ୟବହାର ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ ରାଜନୈତିକ ତଥା କର୍ପୋରେଟ୍ ନିୟନ୍ତ୍ରଣ ବୃଦ୍ଧି ପାଇବା ଯୋଗୁଁ ଭାରତର ସ୍ଥିତି ବିଗିଡ଼ିଛି । ସରକାରୀ ନୀତିର ସମାଲୋଚନା କରୁଥିବା କିମ୍ବା ଶାସକ ଗୋଷ୍ଠୀର ଦୁର୍ନୀତି ପଦାରେ ପକାଉଥିବା ସାମ୍ବାଦିକ ଏବଂ ସମ୍ପାଦକମାନଙ୍କୁ ନିୟମିତ ଭାବରେ ଟାର୍ଗେଟ କରାଯାଉଛି । କେବଳ ଇଡି ବା ଅର୍ଥନୈତିକ ଅପରାଧ ଶାଖା ନୁହେଁ, ବରଂ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଭଳି କଠୋର ଆତଙ୍କବାଦ ବିରୋଧୀ ଆଇନର ବ୍ୟବହାର ମଧ୍ୟ ସାମ୍ବାଦିକମାନଙ୍କ ବିରୋଧରେ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ନ୍ୟୁଜ୍‌କ୍ଲିକ୍ ମାମଲାରେ ମଧ୍ୟ ପ୍ରବୀର ପୁରକାୟସ୍ଥଙ୍କୁ ୟୁଏପିଏ ଅଧୀନରେ ଗିରଫ କରାଯାଇଥିଲା ଏବଂ ମାସ ମାସ ଧରି ଜେଲରେ ରଖାଯାଇଥିଲା । ଯଦିଓ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ଗିରଫଦାରୀକୁ ବେଆଇନ ଦର୍ଶାଇ ତାଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ତଥାପି ଏହି ସମୟ ମଧ୍ୟରେ ତାଙ୍କର ଯେଉଁ ମାନସିକ ଓ ଶାରୀରିକ କ୍ଷତି ହେଲା ତାହାର ଭରଣା କିଏ କରିବ ତାହା ଏକ ବଡ଼ ପ୍ରଶ୍ନ । ଗିରଫଦାରୀର କାରଣ ସମ୍ପର୍କରେ ଲିଖିତ ତଥ୍ୟ ପ୍ରଦାନ ନକରିବା ଏବଂ ମୌଳିକ ଅଧିକାରର ଉଲ୍ଲଂଘନ କରିବା ପୋଲିସର ଏକ ସାଧାରଣ ପ୍ରକ୍ରିୟା ପାଲଟିଯାଇଛି । କଠୋର ଆଇନ ବ୍ୟବସ୍ଥାଗୁଡ଼ିକ ଯୋଗୁଁ ଅଭିଯୁକ୍ତମାନଙ୍କୁ ଜାମିନ ମିଳିବା କଷ୍ଟକର ହୋଇପଡୁଛି ଏବଂ ସେମାନଙ୍କୁ ବର୍ଷ ବର୍ଷ ଧରି ବିନା ବିଚାରରେ ଜେଲରେ ରହିବାକୁ ପଡୁଛି । ସରକାରୀ ସଂସ୍ଥାଗୁଡ଼ିକ ଭଲ ଭାବରେ ଜାଣନ୍ତି ଯେ ଅଦାଲତରେ ଏହି ଦୁର୍ବଳ ମାମଲାଗୁଡ଼ିକ ଶେଷରେ ଖାରଜ ହୋଇଯିବ, କିନ୍ତୁ ସେମାନଙ୍କର ମୂଳ ଉଦ୍ଦେଶ୍ୟ ହେଉଛି ଆଇନଗତ ପ୍ରକ୍ରିୟାକୁ ହିଁ ଏକ ଦଣ୍ଡ ଭାବରେ ବ୍ୟବହାର କରିବା । ସାମ୍ବାଦିକମାନଙ୍କର ଲାପଟପ୍ ଏବଂ ମୋବାଇଲ୍ ଫୋନ୍ ଜବତ କରି ସେମାନଙ୍କର ବୃତ୍ତିଗତ ଗୋପନୀୟତାକୁ ନଷ୍ଟ କରିବା ଏବଂ ସେମାନଙ୍କୁ ଆର୍ଥିକ ତଥା ମାନସିକ ସ୍ତରରେ ପଙ୍ଗୁ କରିଦେବା ଏହି ଷଡ଼ଯନ୍ତ୍ରର ଏକ ମୁଖ୍ୟ ଅଂଶ ।

ଏହି ଘଟଣାକ୍ରମର ଅର୍ଥନୈତିକ ଏବଂ ଆନ୍ତର୍ଜାତିକ ପ୍ରଭାବ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ କୌଣସି ଦେଶରେ ସରକାରୀ ସଂସ୍ଥାଗୁଡ଼ିକ ବିଦେଶୀ ପୁଞ୍ଜିନିବେଶକୁ ଅସ୍ତ୍ର କରି ସ୍ଥାନୀୟ ବ୍ୟବସାୟ କିମ୍ବା ଗଣମାଧ୍ୟମକୁ ହଇରାଣ କରନ୍ତି, ସେତେବେଳେ ଆନ୍ତର୍ଜାତିକ ସ୍ତରରେ ଦେଶର ବ୍ୟବସାୟିକ ପରିବେଶ ଉପରେ ଏକ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ନ୍ୟୁଜ୍ ?କ୍ଲିକ୍ କ୍ଷେତ୍ରରେ, ଆମେରିକୀୟ ସଂସ୍ଥା ନିଜର ପୁଞ୍ଜି ବିଧିବଦ୍ଧ ଭାବରେ ବ୍ୟାଙ୍କିଂ ଚ୍ୟାନେଲ୍ ମାଧ୍ୟମରେ ଭାରତକୁ ଆଣିଥିଲା ଏବଂ ଏଥିପାଇଁ ଆବଶ୍ୟକୀୟ ଟିକସ ମଧ୍ୟ ପୈଠ କରାଯାଇଥିଲା । କମ୍ପାନୀର ବାଲାନ୍ସ ସିଟ୍ ଏବଂ ଅଡିଟ୍ ରିପୋର୍ଟରେ ଏହି ସମସ୍ତ ତଥ୍ୟ ସ୍ୱଚ୍ଛତାର ସହ ଉପଲବ୍ଧ ଥିଲା । ତଥାପି, ଇଡି ଏବଂ ଅର୍ଥନୈତିକ ଅପରାଧ ଶାଖା ଏହାକୁ ବେଆଇନ ଅର୍ଥ କାରବାର ବୋଲି ଚିତ୍ରଣ କରିବା କେବଳ ସାମ୍ବାଦିକତା ଉପରେ ଆକ୍ରମଣ ନୁହେଁ, ବରଂ ଦେଶର ଆର୍ଥିକ ନିୟନ୍ତ୍ରଣ ବ୍ୟବସ୍ଥାରେ ଥିବା ତ୍ରୁଟିପୂର୍ଣ୍ଣ ଆଭିମୁଖ୍ୟକୁ ମଧ୍ୟ ପଦାରେ ପକାଉଛି । ବିଦେଶୀ ନିବେଶକାରୀମାନେ ଏଭଳି ଘଟଣା ଦେଖିଲେ ଭାରତରେ ପୁଞ୍ଜିନିବେଶ କରିବାକୁ ପଛଘୁଞ୍ଚା ଦେଇପାରନ୍ତି, କାରଣ ଯେ କୌଣସି ସମୟରେ ସରକାରୀ ସଂସ୍ଥାଗୁଡ଼ିକ ନିୟମକୁ ପଛୁଆ ତାରିଖରୁ ଲାଗୁ କରି ସେମାନଙ୍କୁ ଅପରାଧୀ ସଜାଇ ଦେବାର ଆଶଙ୍କା ରହିବ । ଏହା ଦେଶର ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ ।

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଆଶାର କିରଣ ସଦୃଶ ଅଟେ । ଏହା ପ୍ରମାଣିତ କରେ ଯେ ଯେତେବେଳେ କାର୍ଯ୍ୟପାଳିକା ନିଜର ସୀମା ଲଙ୍ଘନ କରେ ଏବଂ ସମ୍ବିଧାନ ପ୍ରଦତ୍ତ ଅଧିକାରଗୁଡ଼ିକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରେ, ସେତେବେଳେ ନ୍ୟାୟପାଳିକା ହିଁ ନାଗରିକଙ୍କ ଅଧିକାରର ସୁରକ୍ଷା ପାଇଁ ଏକମାତ୍ର ପ୍ରାଚୀର ହୋଇ ଠିଆହୁଏ । ତେବେ, ଏହି ପ୍ରସଙ୍ଗରେ କେବଳ ମାମଲା ଖାରଜ କରିଦେବା ଯଥେଷ୍ଟ ନୁହେଁ, ଯେଉଁ ତଦନ୍ତକାରୀ ଅଧିକାରୀମାନେ ରାଜନୈତିକ ଚାପରେ ବା ଜାଣିଶୁଣି ଏଭଳି ମିଥ୍ୟା ମାମଲା ରୁଜୁ କରୁଛନ୍ତି ଏବଂ ବର୍ଷ ବର୍ଷ ଧରି ରାଷ୍ଟ୍ରୀୟ ସମ୍ବଳର ଅପଚୟ କରୁଛନ୍ତି, ସେମାନଙ୍କର ଉତ୍ତରଦାୟିତ୍ୱ ମଧ୍ୟ ସୁନିଶ୍ଚିତ ହେବା ନିହାତି ଆବଶ୍ୟକ । ଏକ ସଶକ୍ତ ତଥା ନିରପେକ୍ଷ ଗଣମାଧ୍ୟମ ବିନା ଗଣତନ୍ତ୍ର କେବଳ ଏକ ଖୋଳପା ହୋଇ ରହିଯିବ । ସରକାରଙ୍କୁ ପ୍ରଶ୍ନ କରିବା, ଶାସନ ବ୍ୟବସ୍ଥାର ତ୍ରୁଟି ଦର୍ଶାଇବା ଏବଂ ଜନସାଧାରଣଙ୍କ ସମ୍ମୁଖରେ ନିର୍ଭୀକ ଭାବରେ ସତ୍ୟ ଉପସ୍ଥାପନ କରିବା ହେଉଛି ସାମ୍ବାଦିକତାର ମୂଳ ଧର୍ମ । ଏହାକୁ ଅପରାଧର ଆଖ୍ୟା ଦେଇ ଦବାଇ ଦେବାର ପ୍ରୟାସ ଦେଶର ସାମ୍ବିଧାନିକ ମୂଲ୍ୟବୋଧ ପାଇଁ ଅତ୍ୟନ୍ତ ବିପଜ୍ଜନକ । ନ୍ୟୁଜ୍‌କ୍ଲିକ୍ ମାମଲାରେ ଅଦାଲତଙ୍କ ଏହି ସ୍ପଷ୍ଟ ଏବଂ ଦୃଢ଼ ନିଷ୍ପତ୍ତି ଆଗାମୀ ଦିନରେ ଅନ୍ୟ ସ୍ୱାଧୀନ ଗଣମାଧ୍ୟମ ସଂସ୍ଥା ଏବଂ ସାମ୍ବାଦିକମାନଙ୍କୁ ସରକାରୀ ଶୋଷଣ ବିରୋଧରେ ଲଢ଼ିବା ପାଇଁ ଅଶେଷ ସାହସ ଯୋଗାଇବ । ଆଇନର ଶାସନ ଏବଂ ସାମ୍ବିଧାନିକ ସ୍ୱାଧୀନତା ଯେ କୌଣସି ସରକାରୀ ଅହଂକାର କିମ୍ବା କ୍ଷମତାର ଅପବ୍ୟବହାର ଠାରୁ ଉର୍ଦ୍ଧ୍ୱରେ, ତାହା ଏହି ରାୟ ମାଧ୍ୟମରେ ପୁନର୍ବାର ପ୍ରତିଷ୍ଠିତ ହୋଇପାରିଛି । ଗଣମାଧ୍ୟମକୁ ଭୟଭୀତ କରାଇ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ଶକ୍ତିମାନଙ୍କ ପାଇଁ ଏହା ଏକ ସ୍ପଷ୍ଟ ବାର୍ତ୍ତା ଯେ ସତ୍ୟକୁ କିଛି ସମୟ ପାଇଁ ହଇରାଣ କରାଯାଇପାରେ, ମାତ୍ର କଦାପି ପରାଜିତ କରାଯାଇପାରିବ ନାହିଁ । ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଏଭଳି ନ୍ୟାୟିକ ହସ୍ତକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଜରୁରୀ ଅଟେ ।

# ଦୁର୍ନୀତି ମୁକ୍ତ ଭାରତର ସଂକଳ୍ପ



## ଅଧ୍ୟାପକ ଗୋପବନ୍ଧୁ

ଭାରତୀୟ ରାଜନୀତିରେ ଆମେ ଅନେକ କିଛିକୁ ମୁକ୍ତ କରିବା କଥା ଶୁଣୁ । ଯେମିତି ବିଜେପି ଡାକରା ଦିଏ କଂଗ୍ରେସ ମୁକ୍ତ ଭାରତ, ବିରୋଧି ଦଳମାନେ ଡାକରା ଦିଅନ୍ତି ବିଜେପି ମୁକ୍ତ ଭାରତ, ପୁଣି କେତେବେଳେ ଗରୀବି ମୁକ୍ତ ଭାରତର ଡାକରା ଦିଅନ୍ତି ତ କେତେବେଳେ ବେକାରୀ ମୁକ୍ତ ଭାରତ କଥା କୁହନ୍ତି । ଏହା ସହିତ ବିଦ୍ୟୁତ୍ ଦେୟ ମୁକ୍ତ, ପାଣି ଦେୟ ମୁକ୍ତ ପରି କଥା ମଧ୍ୟ ଆସେ । ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳରୁ ମୁକ୍ତି ପାଇବା କଥାବି ଆସେ । ହେଲେ ଭ୍ରଷ୍ଟାଚାରରୁ ମୁକ୍ତି ପାଇବା କଥା ରାଜନୈତିକ ଦଳମାନଙ୍କ ପକ୍ଷରୁ ଶୁଣିବାକୁ ମିଳେନାହିଁ । ଏହାକୁ ମୁଖ୍ୟ ବିନ୍ଦୁଭାବେ ଗ୍ରହଣ କରିବା କଥା ଶୁଣା ଯାଏ ନାହିଁ । ରାଜନୈତିକ ଦଳମାନେ ଆନ୍ଦୋଳନ ଓ ସାଧାରଣ ଲୋକଙ୍କ ଚାପରେ ପଡି ଯଦିଓ ଏହାକୁ ନିଜ ଇସ୍ତାହାରର ଅନ୍ତର୍ଗତ କରିଥାନ୍ତି, କିନ୍ତୁ ଏହାକୁ ଏତେ ଗୁରୁତ୍ୱର ସହିତ ନିଅନ୍ତି ନାହିଁ । ଉପରେ ଭ୍ରଷ୍ଟାଚାର ହଟାଇବା କଥା ଜୋରରେ କହନ୍ତି, କାମ ବେଳକୁ ଉପାଦେୟ ପଦକ୍ଷେପ ନିଅନ୍ତି ନାହିଁ ।

ଭ୍ରଷ୍ଟାଚାରର ପରିଭାଷା ଭିନ୍ନଭିନ୍ନ ପ୍ରକାରର । ବ୍ୟାପକ ଅର୍ଥରେ ଦୁର୍ନୀତି, ଅନୀତି, ଅନିୟମିତତା, ଅସାଧୁତା, ଅବ୍ୟବସ୍ଥା ଇତ୍ୟାଦିକୁ ଏହି ଅର୍ଥରେ ନିଆଯାଏ । ତେବେ ସଂକୀର୍ଣ୍ଣ ଅର୍ଥରେ ସାଧାରଣ ଜନତା ଏହାକୁ ଉତ୍କୋଚ ନେବା ଓ ଦେବା ଅର୍ଥରେ ଗ୍ରହଣ କରନ୍ତି । କାରଣ ପ୍ରତ୍ୟକ୍ଷଭାବେ ସେମାନେ ଘୋଷଖୋରୀ କାରବାରର ଶୀକାର ହୁଅନ୍ତି । କୌଣସି ସରକାରୀ ଦପ୍ତରକୁ ଗଲେ ସେଠାରେ କିଛି ଉତ୍କୋଚ ନଦେଲେ କିଛି କାମ ହେବନାହିଁ ବୋଲି ତାଙ୍କ ବିଶ୍ୱାସ । ଏପ୍ରକାର ବିଶ୍ୱାସ ଅକସ୍ମାତ୍ ନୁହେଁ । ଏହା ସମାଜର ସାଧାରଣ ଅଭିଜ୍ଞତାରୁ ପ୍ରାପ୍ତ । ଏହା ପଛରେ ସତ୍ୟତା ମଧ୍ୟ ରହିଛି । ଏବେବି ଭ୍ରଷ୍ଟାଚାର ଜନିତ ଅନେକ ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି । ଜନ୍ମ ପ୍ରମାଣ ପତ୍ରପାଇଁ ଉତ୍କୋଚ, ମୃତ୍ୟୁ ପ୍ରମାଣପତ୍ର ପାଇଁ ଉତ୍କୋଚ, ଚାକିରୀ ପାଇଁ ଉତ୍କୋଚ, ବିଭିନ୍ନ କାମପାଇଁ ଉତ୍କୋଚ, ବିଭିନ୍ନ ଅଫିସରେ ଉତ୍କୋଚ, ଏହିପରି ଅନେକ ଉତ୍କୋଚ ନେବାର ସମ୍ବାଦ ପ୍ରକାଶ ପାଉଛି । କୌଣସି କାମପାଇଁ ଫାଇଲ ବିନା ଉତ୍କୋଚରେ ଆଗକୁ ଯିବନାହିଁ । ଉତ୍କୋଚ ସମ୍ବନ୍ଧୀୟ ଯେଉଁ କେତୋଟି ଖବର ସମ୍ମୁଖକୁ ଆସୁଛି ତାହା ପୋଖରୀ ପାଣିରୁ ଆଞ୍ଜୁଳାଏ ମାତ୍ର । ପରଦା ତଳେ ଅସଂଖ୍ୟ ଘଟଣା ଲୁଚିଯାଉଛି ।

ଦେଶରେ ଯେତେସବୁ ବିକାଶମୂଳକ କାର୍ଯ୍ୟ ହେଉଛି, ସେ ଗୁଡିକରେ ମଧ୍ୟ ଦୁର୍ନୀତିର ଅଭିଯୋଗ କିଛି କମ ନୁହେଁ । ରାସ୍ତା କାମରେ ଦୁର୍ନୀତି, ପୋଲ ତିଆରିରେ ଦୁର୍ନୀତି, କୋଠା ତିଆରିରେ ଦୁର୍ନୀତି, ନିର୍ମାଣ କାର୍ଯ୍ୟରେ ନିମ୍ନମାନ ଉପକରଣର ବ୍ୟବହାର, ଟେଣ୍ଡରରେ ଦୁର୍ନୀତି, ସରକାରୀ କିଣା ବିକାରେ ଦୁର୍ନୀତି, ଏପରି ଦୁର୍ନୀତି ଅଭିଯୋଗର ଲମ୍ବା ଧାଡ଼ି ରହିଛି । ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଅନେକ ଅନିୟମିତତାର ଅଭିଯୋଗ ଆସେ । କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ନଆସିବା, କାମ ନକରି ଲୋକଙ୍କୁ ବାରମ୍ବାର ଫେରାଇବା, ହିତାଧିକାରୀ ତାଲିକାରେ ହେରଫେର କରିବା, ଖାତାପେନରେ ଦର୍ଶାଇ କାମ ନକରି ବିଲ ଉଠାଇନେବା, ହାତଗୁଞ୍ଜା ନଦେଲେ କାମ ନକରିବା, ସମସ୍ତ ପ୍ରକାର ଜାଲିଆତି, ପରୀକ୍ଷାରେ କପି କରିବା ଓ କରାଇବା, ଫାଇଲକୁ ମାସ ମାସଧରି କେତେକ କ୍ଷେତ୍ରରେ ବର୍ଷ ବର୍ଷଧରି ପକାଇ ରଖିବା ଅଭିଯୋଗ କାହାକୁ ଅଛପା ନାହିଁ । ଶାସନ ଓ ପ୍ରଶାସନିକ ସ୍ତରରେ ଜାଣିଶୁଣି ଭୁଲ ସିଦ୍ଧାନ୍ତ ନେବା ମଧ୍ୟ ଏକ ପ୍ରକାରର ଭ୍ରଷ୍ଟାଚାର ଅଟେ । ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଓ ସାଧାରଣ ଜନତାଙ୍କୁ ଶୋଷଣ କଲାଭଳି ନିୟମ ପାରିତ କରିବା, ନିୟମର ଗୋଳା ବାଟଦେଇ କାହାକୁ ଅଯଥା ଅନୁଗ୍ରହ ଦେଖାଇବା, ଲୋକମାନଙ୍କୁ ମିଛରେ ଭ୍ରମିତ କରିବା ଇତ୍ୟାଦି ଏହାର ଅନ୍ତର୍ଗତ ଅଟେ । ସମ୍ବିଧାନ ଅନୁସାରେ ଆମ ଶାସନ ଚାଲେ । ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ ପାଇଁ ବ୍ୟବସ୍ଥା ରହିଛି । ସମ୍ବିଧାନର ଅବମାନନା ହେଉଛି ସବୁଠାରୁ ବଡ ଭ୍ରଷ୍ଟାଚାର । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ନଦେବା ଏକ ପ୍ରକାରର ଭ୍ରଷ୍ଟାଚାର ।

ଭ୍ରଷ୍ଟାଚାର ଭାରତବର୍ଷର ଏକ ପ୍ରମୁଖ ସମସ୍ୟା । ଏହାକୁ ହଟାଇବା ପାଇଁ ରାଜନୈତିକ ଦଳମାନଙ୍କ ନିକଟରେ ବିଧିବଦ୍ଧ ଯୋଜନା ଓ ଆନ୍ତରୀକତା ଥିବାପରି ମନେହୁଏ ନାହିଁ । ଭ୍ରଷ୍ଟାଚାର ଯୋଗୁଁ ସାଧାରଣ ଜନତା ଅସ୍ତବ୍ୟସ୍ତ । ସାଧାରଣ ଜନତା ଏବେ ନିରୁପାୟ । ଭ୍ରଷ୍ଟାଚାର ବିରୋଧରେ ତାଙ୍କର ଦୃଢ଼ ସମର୍ଥନ ରହିଛି । ତେଣୁ ଯେତେବେଳେ ବି ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ଯୋଗ ଦେଇଛନ୍ତି । ଏହା ସହିତ ରାଜନୈତିକ ପରିବର୍ତ୍ତନକୁ ମଧ୍ୟ ଖୋଲା ହୃଦୟରେ ସମର୍ଥନ କରିଛନ୍ତି । ତା' ବିରୁଦ୍ଧରେ ୧୯୭୫ ମସିହାରେ ଆରମ୍ଭ ହୋଇଥିବା ଲୋକନାୟକ ଜୟପ୍ରକାଶ (ଜେପି) ଆନ୍ଦୋଳନ ଅଭୂତପୂର୍ବ ଥିଲା । ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ କ୍ରାନ୍ତିକୁ ରୂପାନ୍ତରିତ ହୋଇଥିଲା । ଏହାର ଆଧାରରେ ସେ ସମୟରେ ଯେଉଁ ରାଜନୈତିକ ଦଳ ଗଠିତ ହୋଇଥିଲା ତାହାକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା । ଯେଉଁ ଦଳର ନାମଥିଲା ଜନତା ପାର୍ଟି ଏବଂ ଏ ପାର୍ଟି ୧୯୭୭ ମସିହାରେ ପୂର୍ଣ୍ଣ ବହୁମତ ସହିତ କେନ୍ଦ୍ରରେ କ୍ଷମତାସୀନ ହୋଇଥିଲା । ସେହିପରି ଶ୍ରୀ ଭି ପି ସିଂ ବୋଫର୍ସ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ୧୯୮୯ ମସିହାରେ ଜନତା ଦଳ ଗଠନକରି କେନ୍ଦ୍ର କ୍ଷମତାକୁ ଆସିଥିଲେ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ନାହିଁ ନଥିବା ଜନ ସମର୍ଥନ ମିଳିଥିଲା । ଫଳରେ ତତକାଳୀନ କେନ୍ଦ୍ର କ୍ଷମତାସୀନ ୟୁପିଏ ସରକାର ୨୦୧୪ ସାଧାରଣ ନିର୍ବାଚନରେ ପରାଜିତ ହେଲା । ଏହା ସମ୍ଭବ ହେଲା ଲୋକଙ୍କ ମଧ୍ୟରେ ଭ୍ରଷ୍ଟାଚାର ବିରୋଧୀ ଜାଗରଣ ଯୋଗୁଁ । ଭ୍ରଷ୍ଟାଚାର କେବଳ ଏକ ପ୍ରମୁଖ ସମସ୍ୟା ନୁହେଁ, ଏହା ଏକ ମୁଖ୍ୟ ରାଜନୈତିକ ଇସ୍ୟୁ ମଧ୍ୟ । ଏହାକୁ ମୁଖ୍ୟ ରାଜନୈତିକ ପ୍ରସଙ୍ଗରୂପେ ଗ୍ରହଣକରି ଯେଉଁ ରାଜନୈତିକ ଦଳ ନିର୍ବାଚନକୁ ଓହ୍ଲାଇବ ସେ ସଫଳତା ପାଇବାର ଯଥେଷ୍ଟ ସମ୍ଭାବନା ରହିଛି, ଯାହା ଅତୀତରେ ହୋଇଛି ।

ଭ୍ରଷ୍ଟାଚାର ବିକାଶର ପରିପନ୍ଥୀ । ଏହା ଜନସାଧାରଣଙ୍କ ଦୁଃଖ ଓ ଦୁର୍ଗତିର କାରଣ । ଯେଉଁମାନେ ଭ୍ରଷ୍ଟାଚାରୀ ସେମାନେ ଚାହିଁବେ ନାହିଁ ଏହା ହଟୁବୋଲି । ଦୁଃଖର କଥା କିଛି ରାଜନୈତିକ ଦଳ ଭ୍ରଷ୍ଟାଚାରର ଦୃଢ଼ ସମର୍ଥକ । ଉପରେ ଭ୍ରଷ୍ଟାଚାର ବିରୋଧୀ ଭାବମୂର୍ତ୍ତି, କିନ୍ତୁ ଭିତରେ ଭିତରେ ଦେଶକୁ ଖୋଳ କରିସାରିଲେଣି । ରାଜନୀତିରେ ଭ୍ରଷ୍ଟାଚାରୀ ନେତାଙ୍କ ଭିଡ଼ ଜମୁଛି । ଗୋଟିଏ ଦଳର ଭ୍ରଷ୍ଟାଚାରୀ ନେତାଙ୍କୁ ଅନ୍ୟ ଦଳ ଖୁସିରେ ଗ୍ରହଣ କରିନେଇଛି । ଜଣେ ଭ୍ରଷ୍ଟାଚାରୀ ନେତା ଯାହା ବିରୁଦ୍ଧରେ ଅଭିଯୋଗର ଫର୍ଦ୍ଦ ରହିଛି ଓ ସେ ତଦନ୍ତର ପରିସରଭୁକ୍ତ ରହିଛି, ସେ ଯେତେବେଳେ ଶାସକ ଦଳକୁ ଚାଲିଯାଉଛି, ସେ ଗୋଟାପଣେ ସଚ୍ଚୋଟ ହୋଇଯାଉଛି । ତା ବିରୁଦ୍ଧରେ ଥିବା ସମସ୍ତ ଅଭିଯୋଗ ବାଏଁ ବାଏଁ ଉଡ଼ିଯାଉଛି, ସମସ୍ତ ତଦନ୍ତ ବନ୍ଦ ହୋଇଯାଉଛି । ରାଜନୀତି ଆଉ ସ୍ୱଚ୍ଚୋଟ ଲୋକଙ୍କ ପାଇଁ ନୁହେଁ । ଏଥିରେ ଭ୍ରଷ୍ଟାଚାରୀଙ୍କ ଭିଡ଼ ଜମୁଛି । ସବୁଠାରୁ ଅଧିକ ବିପଦଜନକ ବିଷୟ ହେଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ଦୁର୍ନୀତିଗ୍ରସ୍ତ ହୋଇଯାଉଛି । ଉପରେ ଭ୍ରଷ୍ଟାଚାର ଦମନର ସଲ୍‌ହାକୁଣ୍ଡି ହେଉଛି, କିନ୍ତୁ ଭିତରେ ବୁଝାମଣାରେ ସବୁ ଚାଲିଛି ।

ଏପରି ପରିସ୍ଥିତିରେ ସାଧାରଣ ଜନତାଙ୍କୁ ଜାଗିବାକୁ ପଡିବ । ଯେ କୌଣସି ସରକାରକୁ ବାଧ କରିବାକୁ ପଡିବ ଭ୍ରଷ୍ଟାଚାର ହଟାଇବା ପାଇଁ ଓ ଫଳପ୍ରଦ ପଦକ୍ଷେପ ନେବାକୁ । ଏହା ନହେଲେ ତାଙ୍କୁ ପରାଜୟର ଦ୍ୱାର ଦେଖାଇବାକୁ ପଡିବ । ରାଜନୈତିକ ଦଳମାନଙ୍କୁ ମଧ୍ୟ ନିଜର ଆଭିମୁଖ୍ୟ ବଦଳାଇବାକୁ ପଡିବ । ରାଜନୈତିକ ଦଳମାନେ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ବିଦା କରିବା ଓ ଏପରି ବ୍ୟକ୍ତିଙ୍କୁ ଦଳ ମଧ୍ୟରେ ପୁରାଇ ନଦେବା ପରି ପଦକ୍ଷେପ ନେବାକୁ ହେବ । 'ଭ୍ରଷ୍ଟାଚାର ମୁକ୍ତ ଭାରତ'କୁ ମୁଖ୍ୟ ସ୍ଲୋଗାନଭାବେ ଗ୍ରହଣକରି ଆନ୍ତରିକତା ପ୍ରଦର୍ଶନ କଲେ ନିଶ୍ଚୟ ସଫଳତା ମିଳିବ । ଭ୍ରଷ୍ଟାଚାର ମୁକ୍ତ ଭାରତ ପାଇଁ ସାମଗ୍ରୀକ ରାଜନୈତିକ ଉଦ୍ୟମ ଲୋଡ଼ା । ଏପରି ସଂକଳ୍ପ ଅନେକ ପରିବର୍ତ୍ତନ ଆଣିବ ।

+ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ମାଟିରେ କବର ନେଲା : ଲାଲବାଗ କୋଠୀର 'ପୁରୁଣା ଲାଲବାଗ ଥାନା'



## ବିକ୍ରମ ମହାପାତ୍ର

ହାଇକୋର୍ଟ ଆଡୁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଯିବା ପୂର୍ବରୁ ଡାହାଣ ପଟେ ଅର୍ଥାତ୍ ଚାନ୍ଦିନୀଚୌକ ଡାକଘରକୁ ଲାଗିଛି କଟକ ସହରର ଅନ୍ୟତମ ପୁରୁଣା ଥାନା 'ଲାଲବାଗ ଥାନା' । ଏହି ଥାନାର ସାମ୍ନାରେ ହିଁ ଶିଶୁଭବନ । ଯଦିଓ ବର୍ତ୍ତମାନ ଥାନା ସାମ୍ନାର ଶିଶୁଭବନ ଗେଟ ବନ୍ଦ ରହିଛି ତେବେ ଏ ଥାନା ହେଉଛି କଟକ ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ଥାନା । କାରଣ ଏହା ଅଧୀନରେ ଓଡ଼ିଶା ହାଇକୋର୍ଟ, ଶିଶୁଭବନ, ଆରଡିସିଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଦୌରାଜର୍ଜଙ୍କ କାର୍ଯ୍ୟାଳୟ, ନିମ୍ନ ଅଦାଲତ, ରେଭେନ୍ସା କଲିଜିଏଟ ସ୍କୁଲ, ରାଧାନାଥ ଟ୍ରେନିଂ କଲେଜ, ଡିଆରଡିଏ କାର୍ଯ୍ୟାଳୟ ଓ କଟକ ଗ୍ରାମାଞ୍ଚଳ ଏସପିଙ୍କ କାର୍ଯ୍ୟାଳୟ ମଧ୍ୟ ରହୁଛି । ସେହିପରି ସେପଟ ଅଞ୍ଚଳକୁ ଦେଖିଲେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଓ ସାଂସଦଙ୍କ ବାସଭବନ ପରି ଅଞ୍ଚଳ ରହୁଛି । ତେଣୁ ଏଇଥିରୁ ବୁଝିହୁଏ ଯେ ଲାଲବାଗ ଥାନାର ଗୁରୁତ୍ୱ ଓ ଦାୟିତ୍ୱ ଚାପ କେତେ ? ହଜାର ବର୍ଷର ସହର କଟକ । ବାଉନ ବଜାର ତେପନ ଗଳିକୁ ନେଇ ଏହାର ପରିଚିତ । କଟକ ସହରରେ ଅନେକ ସାହି, ବସ୍ତୀ, ଗଳି ସବୁ ରହିଛି । ନିକଟରେ ଲାଲାବାଗ କୋଠିର ଶେଷ ସ୍ମୃତି କୁହାଯାଉଥିବା 'ପୁରୁଣା ଲାଲବାଗ ଥାନା' ମାଟିରେ ମିଶିଲା । କହିବାକୁଗଲେ ହଜାର ବର୍ଷର ପୁରାତନ କଟକର ଏକ ଐତିହ୍ୟ ମୁଖସାକ୍ଷୀ କବର ନେଲା । ଏହା ପୂର୍ବରୁ ଶିଶୁ ଭବନ ସମ୍ପ୍ରସାରଣ ବେଳେ ମୂଳ ଲାଲବାଗ କୋଠି ଭାଙ୍ଗିଥିଲା । ଲାଲବାଗ ଶବ୍ଦଟି ଅନେକ ଓଡ଼ିଆଙ୍କ ପାଇଁ ଏକ ପରିଚିତ ଶବ୍ଦ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଯବନ ଭକ୍ତ ସାଲବେଗଙ୍କ ବାପା ହେଉଛନ୍ତି ଲାଲବାଗ । ପାଖାପାଖି ଶହେଦୁଇ ବର୍ଷ ଧରି ଲାଲବାଗ ଥାନା ଏହି ସ୍ମାରକୀରେ ପରିଚିତ ହୋଇଥିଲା ।

କଟକର ସମୃଦ୍ଧ ହଜାର ବର୍ଷର ଇତିହାସରେ ଲାଲବାଗ କୋଠୀର ସ୍ଥାନ ସ୍ୱତନ୍ତ୍ର । ଐତିହାସିକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୁସଲିମ ଶାସନ ଆରମ୍ଭ ହେବାର ୬୫ ବର୍ଷ ପରେ ମୁସଲମାନ ଶାସକମାନେ କଟକ ଠାରେ ଗୋଟିଏ ରାଜପ୍ରସାଦ ନିର୍ମାଣ କରିବାକୁ ସ୍ଥିର କରିଥିଲେ । ଏ ସମ୍ପର୍କରେ ସମସ୍ତ ବିବରଣୀ ଲିପିବଦ୍ଧ ରହିଛି । ୧୬୩୩ ଖ୍ରୀଷ୍ଟାବ୍ଦରେ ଉଇଲିୟମ ବ୍ରୁଟନ, କ୍ୟାପଟେନ କାର୍ଟରାଇଟ ଓ ଜନ ଡାବରିନ ନାମକ ତିନି ଜଣ ଇଂରେଜ ବଣିକ ଓଡ଼ିଶାରେ ଇଂରେଜମାନଙ୍କ ବ୍ୟବସାୟ ଆରମ୍ଭ କରିବା ପାଇଁ ଅନୁମତି ପତ୍ର ହାସଲ ଉଦ୍ଦେଶ୍ୟରେ କଟକର ମୋଗଲ ସୁବେଦାରଙ୍କ ପାଖକୁ ଆସିଥିଲେ । ସେମାନଙ୍କର ବିବରଣୀ ବ୍ରୁଟନ ବିଶଦ ଭାବରେ ଲେଖି ଯାଇଛନ୍ତି । ସେ ସମୟରେ କାଠଯୋଡ଼ି ନଦୀ କୂଳରେ ଯେଉଁ ରାଜପ୍ରସାଦ ନିର୍ମାଣ ହୋଇଥିଲା ତାହା ଥିଲା 'ଲାଲବାଗ କୋଠୀ' । ଲାଲବାଗ କୋଠୀର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ମୋଗଲ ସୁବେଦାରଙ୍କ ଠାରୁ ମରହଟ୍ଟା, ଇଂରେଜ ଅମଳର ପ୍ରାଦେଶିକ ଶାସନକର୍ତ୍ତାଗଣ ଏହିଠି ଅବସ୍ଥାନ କରୁଥିଲେ । କାଠଯୋଡ଼ି କୂଳର ସୁପ୍ରଶସ୍ତ କ୍ଷେତ୍ର ଉପରେ ତତ୍କାଳୀନ ସୁବେଦାର ମୁତାକ୍ୱାତ୍ ଖାନ ଆଖପାଖ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇଥିଲେ । ଯାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଏଠାରେ ପ୍ରାଦେଶିକ ଶାସନର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସବୁ ନିର୍ମାଣ ହୋଇଥିଲା । ଅନେକ ସରକାରୀ କାର୍ଯ୍ୟାଳୟ ଗଢ଼ି ଉଠିଥିଲା ପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ, ରାଜସ୍ୱ ପରିଷଦ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା ।

କଟକରେ ମୁସଲମାନ କୀର୍ତ୍ତି ସମ୍ପର୍କରେ ଗବେଷଣା କରିଥିବା ପ୍ରଫେସର ଆଲଫତ୍ ହୁସେନଙ୍କ ତଥ୍ୟ ଅନୁଯାୟୀ 'କଟକର ଲାଲବାଗ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳଙ୍କ ବାସସ୍ଥାନ ରୂପରେ ବ୍ୟବହୃତ ହେଉଥିଲା । ୧୬୩୩ ଖ୍ରୀଷ୍ଟାବ୍ଦରେ ବ୍ରୁଟନ ନାମକ ଜଣେ ଇଂରେଜ ବଣିକ କଟକ ଆସିଥିଲେ । ସେତେବେଳେ ନବାବ ଗୋଟିଏ ପ୍ରାସାଦ ନିର୍ମାଣ କରୁଥାଆନ୍ତି । ସମ୍ଭବତଃ ନବାବଙ୍କ ନାମ ଥିଲା ବାକିର ଖାଁ । ତାଙ୍କରି ନାମାନୁସାରେ କଟକର ଏକ ଅଞ୍ଚଳର ନାମ 'ବାଖରାବାଦ' ରଖାଯାଇଛି । ଆଲିବର୍ଦ୍ଦିନ ଖାଁଙ୍କର ପୁତୁରା ସାଉଲତ୍ ଜଙ୍ଗ ଲାଲବାଗ ଜେଲରେ ବନ୍ଦୀ ଥିଲେ । ସେ ଯେତେବେଳେ ସେଠାରୁ ମୁକ୍ତ ହେଲେ ସେତେବେଳେ ରିଆଜ୍‌ସ ସାଲିତିନ ୧୭୪୨ ଖ୍ରୀଷ୍ଟାବ୍ଦରେ ଏହି ଅଞ୍ଚଳକୁ 'ଲାଲବାଗ' ବୋଲି କହିଥିଲେ । ସେହି ଦିନରୁ ଏହା ଲାଲବାଗ ରୂପେ ପରିଚିତ ।

୧୯୪୮ ମସିହାରେ ଏହି କୋଠାର ଏକ ଅଂଶରେ ଶିଶୁରୋଗର ଉନ୍ନତ ଚିକିତ୍ସା ନିମିତ୍ତ 'ଶିଶୁଭବନ' ନିର୍ମାଣ ହୋଇଥିଲା । ତେବେ ଲାଲବାଗ ନାମକରଣକୁ ନେଇ ଐତିହାସିକ ଓ ଗବେଷକମାନଙ୍କ ତଥ୍ୟ ଭିତରେ ଅମେଳ ରହିଛି । ୧୬୧୭ରେ ଅବିଭକ୍ତ ବଙ୍ଗ ଓଡ଼ିଶାର ଶାସନକର୍ତ୍ତା ଥିବା ଲାଲାବେଗଙ୍କ ସ୍ମୃତିରେ ଲାଲବାଗ କୋଠା ତିଆରି ହୋଇଥିଲା ବୋଲି କେହି କେହି କୁହନ୍ତି । ତେବେ ଉଇଲିୟମ ବ୍ରୁଟନ ସାହେବଙ୍କ ଲିପିବଦ୍ଧ ବିବରଣୀ ଅନୁଯାୟୀ ୧୫୬୮ ମସିହାରେ ମୁକୁନ୍ଦ ଦେବଙ୍କ ପରଠାରୁ ବାରବାଟୀ ଦୁର୍ଗର ପତନ ଆରମ୍ଭ ହୋଇଯାଇଥିଲା । ତତ୍କାଳୀନ ମୋଗଲ ସୁବେଦାରମାନେ ନିଜ ଇଛାନୁଯାୟୀ ଏହି ଭବନର ନାମକରଣ କରିଥିଲେ । ଓଡ଼ିଶାର ଗୌରବପୂର୍ଣ୍ଣ ଇତିହାସରେ ଲାଲବାଗ କୋଠୀର ସ୍ମୃତି ଅନେକ । ଲାଲବାଗ କୋଠୀର ଶେଷ ସ୍ମୃତି ଏହି ଲାଲବାଗ ଥାନା ଥିଲା । ଆଜି ସମୟର ଆହ୍ୱାନ ଓ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅନେକ ପୁରାତନ ଐତିହ୍ୟ ଓ ସ୍ମୃତିଜଡ଼ିତ ବଡ଼ ବଡ଼ ସ୍ମାରକୀ ସବୁ ଭଙ୍ଗାଯାଇ ନୂଆ ନିର୍ମାଣ ଚାଲିଛି । କିନ୍ତୁ ହଜାର ବର୍ଷର ଭାଇଚାରାର କଟକ ସହରରେ ଲାଲବାଗ ନିଶ୍ଚିତ ଭାବେ ଏକ ଆବେଗ, ସ୍ମୃତି ଓ ସ୍ମାରକୀର ସ୍ଥାନ ହୋଇ ପ୍ରତିଟି କଟକିଆଙ୍କ ହୃଦୟରେ ରହିବ ।

+ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋ:୯୪୩୭୦୨୧୬୧୫

କବିତା କୋଣାର୍କ

## ମେଘା ଓ ମେଘ ରାତି

## ଡ. ଶୁଭେନ୍ଦୁ ମେହେର

ମେଘ ଆକାଶର ଛାତି ଚିରେ,
ଗର୍ଜନ କରେ....ବିଜୁଳି ମାରେ.....!
ପାଖରେ ଅସୀମ ଶକ୍ତି,
କିନ୍ତୁ ଲକ୍ଷ୍ୟ ହୀନ ।
ସେ' କାନ୍ଦେ, ବରଷେ, ଭସାଇଦିଏ,
କ୍ଷଣକେ ହଜିଯାଏ ଶୂନ୍ୟରେ,
ସ୍ମୃତି କି ଅନୁତାପ କିଛି ନଥାଏ ।
ମେଘା......!
ଦୁନିଆଁକୁ ଆସିଲା ଦିନରୁ,
ସଂଘର୍ଷ ହିଁ ସଂଘର୍ଷ,
ନିଃଶବ୍ଦରେ, ବିନା କୋଳାହଳରେ !
ପାଖରେ ନାହିଁ ବିଜୁଳିର ତେଜ,
ଅଛି କେବଳ ଜିଦ୍‌ର ନିଆଁ ।
ସେ' କାନ୍ଦେନି.....ଗଢ଼େ,
ଭସାଏନି.........ବଞ୍ଚାଏ ।
ଅତୀତର ଅଜସ୍ର କ୍ଷତ,
ବର୍ତ୍ତମାନର ଯୁଦ୍ଧ...ଭବିଷ୍ୟତର ସ୍ୱପ୍ନ ।
ମେଘ ଯେବେ ଗର୍ଜେ,
ଦୁନିଆଁ ଡରେ...ଘର ଭିତରେ ଲୁଚେ !
ମେଘା ଯେବେ ନିରବ ହୁଏ,
ଦୁନିଆଁ କୁହେ ହାରିଗଲା ।
ହେଲେ ନୀରବତା ଭିତରେ ହିଁ
ସେ' ଗର୍ଜନ କରେ,
ନିଜକୁ କହେ....
ମୁଁ ଡରିକିବି ନାହିଁ, ମୁଁ ତିଆରି ହେବି ।
ମେଘର ବର୍ଷା ଛାତ ଗଳାଏ,
ଛାତି ଭିଜାଏ, ଛାଇ ଛଡ଼ାଏ !
ମେଘାର ଲୁହ ଘା' ଶୁଖାଏ,
ଚୁଲି ଜାଳେ......ଅନ୍ଧାରକୁ
ଅଣଦେଖା କରେ ।
ମେଘ ପାଇଁ ଲୁହ ବୃଷ୍ଟି
ନିଜକୁ ଖାଲି କରି ଶେଷ ହୁଏ !
ମେଘା ପାଇଁ ଲୁହ ହେଉଛି ସୃଷ୍ଟି,
ସେ' ନିଜକୁ ଖାଲି କରି ସଂପୂର୍ଣ୍ଣା ହୁଏ ।
ମେଘ ଚାଲିଯାଏ,
ପଛରେ ଛାଡ଼ିଯାଏ ପଚ ପଚ କାଦୁଅ,
ଭଙ୍ଗା ଡାଳ.........ଦଦରା ଘର !
ମେଘା ରହିଯାଏ,
ଅଭାବକୁ ପିଠିରେ ପିଠେଇ,
ଛାତ ମୁଣ୍ଡେଇ
ପାଠଶାଳା......ଗାଈ ଗୁହାଳ ।
ମେଘ ପ୍ରକୃତିର ଖେଳ,
ଯାହାର ହୃଦୟ ନାହିଁ ।
ମେଘା ଥିଲା ପ୍ରକୃତି ସହ
ଲଢ଼ିବାର କୌଶଳ,
ହୃଦୟରେ ହୃଦୟେ ବୋଝ ।
ମେଘ ପ୍ରଳୟ....ଆଉ ମେଘା.....
ପ୍ରଳୟ ପରର ସକାଳ !
ଆକାଶରେ ମେଘ,
ମାଟିକୁ ଚାହିଁଲେ ମେଘା,
ଗୋଟିଏ ଶୂନ୍ୟରେ ମିଳାଏ,
ଅନ୍ୟଟି ଶୂନ୍ୟରୁ ପୁଣ୍ୟ ଖୋଜେ ।।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

## ସନ୍ଦେହ

## ଅର୍ଚ୍ଚନା ରଥ



ଶୈଶବର ସେଦିନ ବିଶ୍ୱାସେ,
ତବନାମେ ଗଢ଼ା ଯେ ମନ୍ଦିରେ
ଯାଇ ସେଠି ବାରମ୍ବାର ନୁଆଇଁଛି ଶିର,
କଳ୍ପନାର ସଫଳତା ପାଇଁ
ଶୃଙ୍ଖଳିତ ବାଧ୍ୟ ଶିଶୁ ପରି କରି କର୍ମ
ଆବେଗର ଆୟୋଜନ ଖାଲି
ପାରିଲିନି ବୁଝି,
ମନେହେଲା ଜୀବନଟା
କେବଳ ବ୍ୟର୍ଥତା, ବିଫଳତା,
ଶୋକ, ଦୁଃଖ, ଦୁର୍ବିପାକ,
ନୈରାଶ୍ୟର ଜାଲେ ବୁଣା ଏ ଜୀବନ ।
ତଥାପି ଉଡି ଉଡ଼ି କ୍ଳାନ୍ତହୋଇ ପଡିଛି ମୁଁ
ଯେବେ, ଭଗ୍ନ ଡେଣା -
ପାଇନାହିଁ ସହାୟ କାହାରି,
ବା ସମାଧାନର ବାଟ,
ସେଦିନବି ଭାବିଛି ତୁମକୁ --
କିଏ ତୁମେ ? ଅଛ କାହିଁ ?
ପାଇବି କେଉଁଠି ?
ତମ ପାଇଁ ହୃଦୟରେ
କେଉଁ ସ୍ଥାନ ଅଛି ?
ତୁମକୁ ପାଇଲେବା ହେବକଣ ?
ସେତ ଏକ ଅଦ୍ଭୁତ
ନିଜସ୍ୱ ନିଆରା ଅନୁଭୂତି ।

+ବିଶ୍ୱଶ୍ରୀ ପ୍ରେସ୍, ବାଲେଶ୍ୱର



# ଫୁଲଝରି







## ସନ୍ତୁ ଓ ଚିକେନ ଲଲିପପ୍



### ଶୁଭନାରାୟଣ ଶତପଥୀ

ସିଲି ଓ ତାର ଭାଇ ସନ୍ତୁ ବଜାର ଯାଇଥିଲେ । ସାଙ୍ଗରେ ତାଙ୍କର ବାପା ବି ଥିଲେ । ସେମାନେ ପଢାପଢି ପାଇଁ କିଛି ବହି କିଣିଲେ ଆଉ ପେନ୍, ପେନସିଲ ଇତ୍ୟାଦି କିଣି ଫେରୁଥାନ୍ତି। ଏହି ସମୟରେ ସନ୍ତୁ କହିଲା ବାପା ଭୋକ ଲାଗିଲାଣି । ବାପା



କହିଲେ ତୁ ଯେତେବେଳେ ବଜାର ଆସିଲୁ ତୋତେ ସେତେବେଳେ ଭୋକ ହେଲା । ବାହାର ଖାଦ୍ୟ ଦେଖିଲେ ଜୋରରେ ଭୋକ ହୁଏ ମୁଁ ଜଣିଛି । ଏଇ ଘରୁ ଆସିଲା ବେଳେ ତୋର ମାଆ କଣ ଦେଲେ ତୋତେ ଖାଇବାକୁ ପରା। ସନ୍ତୁ କହିଲା ହଁ ଅଳ୍ପ ମୁଢି ନଡିଆ ଖାଇଥିଲି । ବାପା ପୁଣି ପଚାରିଲେ ସତରେ ତୋତେ ଭୋକ ହେଉଛି ନା ଲୋଭରେ କହୁଛୁ । ସନ୍ତୁ ଏବେ ମୁହଁ ଶୁଖାଇ ଦେଇ କହିଲା ହଉ ନ ଦିଅ । ବାପା ଜାଣିଛନ୍ତି ସନ୍ତୁ ବଜାର ଗଲେ ନିଶ୍ଚୟ କିଛି ନା କିଛି ଖାଇବ । ସିଲି କହିଲା ବାପା ଆଗ ସବୁ କାମ ସାରିବା ତାପରେ ଖାଇବା କଥା ଚିନ୍ତା କରିବା । ସନ୍ତୁ କଟକଟ କରି ଚାହିଁଲା ସିଲି ଆଡକୁ।

ବଜାରରୁ ସବୁ କାମ ସାରି ଏକ ରେଷ୍ଟୁରାଂଟ ଭିତରେ ପଶିଲେ ସିଲି, ସନ୍ତୁ ଓ ତାର ବାପା। ରେଷ୍ଟୁରାଂଟ ଭିତରେ ବସିଥିବା ମାଲିକକୁ କହିଲେ ଏ ଦୁଇଜଣ କଣ ଇଛା କରୁଛନ୍ତି ତାଙ୍କୁ ଖାଇବାକୁ ଦିଅ । ସନ୍ତୁ ତ ଚିକେନ ପ୍ରିୟ। ସେ କହିଲା ମୋତେ ଚିକେନ ଲଲିପପ୍ ଦେବ। ଆଉ ସିଲି କହିଲା ମୋତେ ଦୋସା । ସମସ୍ତେ ଡାଇନିଂ ଟେବୁଲ ପାଖରେ ବସିଲେ। ଏହି ସମୟରେ ଗୋଟିଏ ବାର କି ତେର ବର୍ଷର ବାଳକ ଆସି ସେହି ଟେବୁଲ ଭଲକରି ପୋଛି ଦେଲା। ସଙ୍ଗେ ସଙ୍ଗେ ସନ୍ତୁ ସେହି ରେଷ୍ଟୁରାଂଟରେ ବସିଥିବା ମାଲିକକୁ ଡକାଇ କହିଲା ମୋର ଖାଇବା ଅର୍ଡର କ୍ୟାନସଲ କରିଦିଅ । ସିଲି ବି ସେଇଆ କଲା । ବାପା ଓ ସେ ରେଷ୍ଟୁରାଂଟ ମାଲିକ ଏହା ଦେଖି ଆଶ୍ଚର୍ଯ୍ୟ । ମାଲିକ ପଚାରିଲା କିଛି ଆସୁବିଧା ହେଲାକି ସାର୍ ସନ୍ତୁ କହିଲା ହଁ ବହୁତ ଅସୁବିଧା ହୋଇଛି । ମୁଁ ଏବେ ତୁମ ନାଁରେ ଚାଇଲ୍ଡ ହେଲ୍ପଲାଇନ ନିଶୁଳ୍କ ନମ୍ବର ୧୦୯୮ରେ ଫୋନ କରୁଛି । ରେଷ୍ଟୁରାଂଟ ମାଲିକ କହିଲା ମୋର ଭୁଲ କଣ କୁହ ତ ? ସନ୍ତୁ କହିଲା ତୁମେ ଗୋଟିଏ ଶିଶୁକୁ ପାଠପଢାରୁ ବଂଚତ କରି ଶ୍ରମରେ ଲାଗାଉଛ ଆଉ କହୁଛ ମୋର ଭୁଲ କଣ କୁହ ? ସିଲି କହିଲା ଆମ ବିଦ୍ୟାଳୟର ପିଲାମାନେ ଶପଥ କରିଛନ୍ତି ଯେ ଯେଉଁ ହୋଟେଲ, ଢାବା, ରେଷ୍ଟୁରାଂଟରେ ଶିଶୁମାନଙ୍କୁ କାମରେ ଲଗାଯାଉଛି ସେଠାରେ କିଛି ଖାଇବୁ ନାହିଁ । ଏଥର ସେହି ରେଷ୍ଟୁରାଂଟ ମାଲିକ ନିଜର ଭୁଲ ବୁଝିପାରିଲା। କାମ କରୁଥିବା ଶିଶୁଟି ସେହିଠାରେ ଠିଆ ହୋଇ ସବୁ ଶୁଣୁଥିଲା । ତାର ବାପାଙ୍କୁ ଡକାଇଲେ ରେଷ୍ଟୁରାଂଟ ମାଲିକ । ସେହି ଶିଶୁଟିକୁ ପାଠ ପଢାଇବାକୁ କହିଲେ ସନ୍ତୁ ଓ ସିଲି । ଶିଶୁଙ୍କୁ ଶ୍ରମରେ ଲାଗାଇଲେ ସେମାନଙ୍କର ମାନସିକ ଶାରିରୀକ କ୍ଷତି ହୁଏ ବୋଲି ବୁଝାଇଲେ । ରେଷ୍ଟୁରାଂଟ ମାଲିକ କହିଲା ମୁଁ କେବେ ଆଉ ଏପରି ଭୁଲ କରିବି ନାହିଁ । ସେତିକିବେଳକୁ ରେଷ୍ଟୁରାଂଟ ୱେଟର ଚିକେନ ଲଲିପପ୍ ଓ ଦୋସା ଆଣି ଆସିଲା । କାମ କରୁଥିବା ସେହି ପିଲାଟି ବି ସନ୍ତୁ ଓ ସିଲି ସହିତ ଖାଇଲା । ବାପା ପଚାରୁଥିଲେ ଏଥର ମନଖୁସି ତ ସନ୍ତୁ ? ସନ୍ତୁ ହସିଦେଲା । ସମସ୍ତେ ଖୁସିରେ ଘରକୁ ଫେରିଲେ । ଶିଶୁଟି ତା ବାପାଙ୍କ ସହିତ ଘରକୁ ଗଲାବେଳେ ପଛକୁ ଫେରି ଚାହୁଁଥାଏ ଓ ମୁରୁକି ମୁରୁକି ହାସି ସନ୍ତୁ ଓ ସିଲିକୁ ଧନ୍ୟବାଦ ଦେଉଥାଏ ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩



## ସେନେହ ଶରଧା ଦିଅ

### ପ୍ରଶାନ୍ତ କୁମାର ଦାଶ

ହେବୁ ଦିନେ ଗାନ୍ଧୀ ଗୋପବନ୍ଧୁ ପରି
ଆମକୁ ଟିକିଏ ସେନେହ ଦିଅ
ଆଖି ଦୁଇଟିରୁ ପୋଛି ଦେଇ ଲୁହ
ଶରଧାରେ ଥରେ କୋଳକୁ ନିଅ ।।

ଆକଟର ଛାଟ ପିଠିରେ ବସାଇ
ଫଟାଇ ଦିଅନା କଅଁଳ ପିଠି
ଆଜି ଟିକି କଢ଼ି ଦିନେ ଯିବୁ ବଢ଼ି
ଫୁଲପରି ଯିବୁ ଗଛରେ ଫୁଟି ।।

ଫୁଟିବୁ ଦୁନିଆ ବଗିଚାର କୋଳେ
ବାସ ବାଣ୍ଟିଦେବୁ ଦଉଡୁ କଥା
ହିଂସା ବାଦ ତେଜି ଆମେରେ ମନରୁ
ଗୁରୁଜନ ପାଦେ ନୋଇଁବୁ ମଥା ।।

ମିଛ ନୁହେଁ ସତ ପଥରେ ଚଳିବୁ
କାଢ଼ିନେବୁ ଦୁଃଖ କଷଣ ଯେତେ
ନିତି ଆଖିକୋଣେ ସପନର ଢେଉ
ନାଚି ନାଚି ଦିଶିଯାଏ ରେ କେତେ ।।

କୁନିପାଦ ଥାପି ମାଟିର ଛାତିରେ
ଆଗେଇ ଯିବୁତ କାମରେ ଆମେ
ଅଶେଷ ଅମାପ ଶକତି ଖଟାଇ
ସଫଳତା ଦେବୁ ଏ ଧରା ଧାମେ ।।

ତିଆରିବୁ ହାତେ ସ୍ୱଚ୍ଛ ପରିବେଶ
ଜାତି ଜାତି ଗଛ ମାଟିରେ ପୋତି
ଗଛଟିଏ ସେତ କରିଦେବ ହିତ
ସେ ପରା ମାଣିକ ମୁକୁତା ମୋତି ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ଖରା ଛୁଟି ସରିଲା

### ସୁନୀଲ କୁମାର ପ୍ରଧାନ

ଖରା ଛୁଟି ସରିଲା
ବିଦ୍ୟାଳୟ ମୋ ଖୋଲିଲା
ରୁନା ଇସ୍କୁଲ ଚାଲିଲା ।

ଖରା ଛୁଟି ସରିଲା
ଖେଳ କୁଦ ଯେ ସରିଲା
ପାଠ ଆରମ୍ଭ ହୋଇଲା ।

ଖରା ଛୁଟି ସରିଲା
ଗୁରୁଙ୍କ ପାଖକୁ ଗଲା
ଭକତି ପ୍ରଣାମ ହେଲା ।

ଖରା ଛୁଟି ସରିଲା
ଗୁରୁଙ୍କ ପାଟି ଖୋଲିଲା
କେମିତି ଛୁଟି କଟିଲା ।

ଖରା ଛୁଟି ସରିଲା
ଟୁନାଟି ଧୀରେ କହିଲା
ପାଠ, ଖେଳେ ଦିନ ଗଲା ।

ଖରା ଛୁଟି ସରିଲା
ଗଛଟିଏ ସେ ପୋତିଲା
ପ୍ରାଣୀଙ୍କ ଜୀବ ରହିଲା ।

+ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

## ଆସିଛି ପହିଲି ରଜ

### ରାମଚନ୍ଦ୍ର ବେହେରା

ଜ୍ୟୈଷ୍ଠ ଯାଉଅଛି ସରି
ହୋଇ ସଜବାଜ ଆସିଅଛି ରଜ
ବରଷା ବାଦଲ ଧରି।

ସୁଆଦିଆ ପୋଡପିଠା
ଆରିସା କାକରା ସାଥେ ଆଣିଅଛି
ପାଟିକୁ ଲାଗଇ ମିଠା।

ପଣସ ଆମ୍ବ ସପୁରି
ସୁଆଦରେ ଭରା ଜାମୁ ତାଳସଜ
ମୋହୁଛି ମନ ସବୁରି।

ଆସିଛି ପହିଲି ରଜ
ତିନି ଦିନ ଧରି ଚାଲିବ ଏ ପର୍ବ
କୁଆଁରୀ ହୋଇବେ ସଜ।

ନୂତନ ପୋଷାକ ପିନ୍ଧି
ରଜପାନ ଖାଇ ଦୋଳିରେ ଝୁଲିବେ
ମଲ୍ଲୀକୁ ବେଣୀରେ ବାନ୍ଧି।

ଚଷାପୁଅ ମନ ଜାଣି
ମାଟି ଓ ମେଘର ହୋଇବ ମିଳନ
ଆକାଶୁ ଝରିବ ପାଣି।

ରଜ ଆମ ଗଉରବ
ସାଥିମେଳ ହୋଇ ଆସରେ ପାଳିବା
ଭୁଲି ମନୁ ଭେଦଭାବ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ବିଜ୍ଞାନ ଗବାକ୍ଷ-୬

### କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ବର୍ମୁଡାର ସତ୍ୟ

ମୋ ପିଲାଦିନ କଥା। ଗାଁ ପାଖ କାଶୀ ନଦୀରେ ବଢ଼ି ଆସେ। ପାଣି ଏ କୂଳ ସେ କୂଳ ଛୁଏଁ। ସେଇ ସମୟରେ ଏ ଘଟଣା ଘଟୁଥିଲା। ବେଳେ ବେଳେ ନଦୀକୁ ଗାଧୋଇବାକୁ ଯାଇଥିବା କିଛି ଲୋକ ନିଖୋଜ ହୋଇଯାଆନ୍ତି। ଏପରି କି ମୋ ସାଂଗରେ ପଢୁଥିବା ଜଣେ ପିଲା ନିଖୋଜ ହୋଇଯାଇଥିଲେ। ଆଶ୍ଚର୍ଯ୍ୟ କଥା ଥିଲା ତାଙ୍କ ଶବ ମିଳୁନଥିଲା।

ଲୋକମାନେ କହୁଥିଲେ ନଦୀର ଗୋଟେ ଅଂଶରେ ଦେବୀ ରୁହନ୍ତି, ସେଠାକୁ ଗଲେ ସେ ତାଙ୍କୁ ଟାଣି ନିଅନ୍ତି ପାତଳ ଲୋକକୁ। ଏ ସବୁ କଥା ଶୁଣି ବଡ଼ ଡର ଲାଗୁଥିଲା। ଏପରିକି ଆମ ଗାଁ ପାଖରେ ଥିବା ଦେବୀ ନଦୀରେ ମଧ୍ୟ ବେଳେ ବେଳେ ଏ ଅଘଟଣ ଘଟୁଥିଲା। ଆଜି ପର୍ଯ୍ୟନ୍ତ ବି ସେ ସବୁ ଘଟଣା ରହସ୍ୟାବୃତ୍ତ ହୋଇରହିଛି।

ଏବେ ଅବଶ୍ୟ କାଶୀ ନଦୀ ଶୁଖିଯିବାର ଏବଂ ଦେବୀ ନଦୀରେ କମ୍ ପାଣି ଆସିବାରୁ ସେପରି ଘଟଣା ଘଟୁନି।

ଓଡ଼ିଶା, ଭାରତ ଓ ପୃଥିବୀର ବିଭିନ୍ନ ଅଂଚଳ ଅଛି ଯାହାକୁ ନେଇ ପୃଥିବୀର ଲୋକଙ୍କର ଯଥେଷ୍ଟ କୌତୂହଳ ରହିଛି। ସେଥିମଧ୍ୟରୁ ଆମେରିକା ପାଖ ଆଟ୍ଲାଣ୍ଟିକ ମହାସାଗର ବର୍ମୁଡ଼ଶ ତ୍ରିଭୁଜ ବା 'ବର୍ମୁଡ଼ା ଟ୍ରାଙ୍ଗେଲ' ଅନ୍ୟତମ।

ଜନଶ୍ରୁତି, ଲୋକ କାହାଣୀ ଓ କିମ୍ବଦନ୍ତୀ ମୂଳକ କାହାଣୀରେ ବର୍ମୁଡ଼ା ତ୍ରିଭୁଜ ଭିତରେ ଥିବା ଅଂଚଳ ବେଶ୍ ରହସ୍ୟମୟ ଓ ଭୟଙ୍କର ହୋଇ ରହିଛି। ତାର ପୃଷ୍ଠ ଭୂମିରେ ରହିଛି ଅନେକ ଲୋକକଥା। ଚାଲନ୍ତୁ ସେ ଅଂଚଳରେ ପ୍ରଚଳିତ କିଛି ଲୋକକଥା ଏବଂ ରହସ୍ୟ ସମ୍ପର୍କରେ ଜାଣିବା।

(କ) ଓଡ଼ିଶାରେ ପିଲାଙ୍କୁ ଡରାଇବାକୁ ଭୂତ, ପ୍ରେତ, ପିଲାଚୋର ବାବା ଇତ୍ୟାଦି କଥା କୁହାଯାଏ। ସେହିପରି ବର୍ମୁଡ଼ା ଅଂଚଳରେ ପିଲାଙ୍କ ଭୟଭୀତ କରିବାକୁ 'ଲାଲ ମୁଣ୍ଡ' ଓ 'ରକ୍ତାକ୍ତ ହାଡ଼' ଥିବା ରାକ୍ଷସଙ୍କ କଥା କୁହାଯାଇଥାଏ।

(ଖ) ବର୍ମୁଡ଼ା ଅଂଚଳରେ ସମୁଦ୍ରରେ ଭୟଙ୍କର ରାକ୍ଷସ ରହୁଥିବାର ଲୋକକଥା ପ୍ରଚଳିତ। ତେଣୁ ଗଭୀର ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ମତ୍ସ୍ୟଜୀବୀମାନେ କରୁଥିଲେ।

(ଗ) ୧୯୧୮ ମସିହାରେ ଆମେରିକା ନୌସେନାର ଏକ ଜାହଜ ଯେଉଁଥିରେ ୩୦୦ରୁ ଅଧିକ ଲୋକଥିଲେ । ଏହି ଅଂଚଳରେ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ତାର ପତା ମିଳିନଥିଲା।

(ଘ) ସେହିପରି ୧୯୪୫ ମସିହାରେ ଆମେରିକା ନୌସେନାର ଏକ ବମର ଉଡ଼ାଜାହାଜ ସେହି ଅଂଚଳରେ ଅଦୃଶ୍ୟ ହୋଇଯାଇଥିଲା। କେବଳ ସେତିକି ନୁହେଁ, ସେ ଅଂଚଳରେ ଅନେକ ପାଢ଼ଣି ଜାହଜ ଓ ଉପଜାହାଜ ହଜି ଯାଇଥିବାର ସୂଚନା ମିଳେ।

ବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଅନେକ ବୈଜ୍ଞାନିକ ଦଳ ବର୍ମୁଡାର ସତ୍ୟ ଜାଣିବାକୁ ଚେଷ୍ଟା କରିଥିଲେ ଏବଂ ଅନେକ ପର୍ଯ୍ୟବେକ୍ଷଣ କରିଥିଲେ। ସେମାନଙ୍କ ପର୍ଯ୍ୟବେକ୍ଷଣ ଓ ଅନୁଶୀଳନ ଅନେକ ସତ୍ୟର ଉଦ୍‌ଘାଟନ କରିଛି ଯାହା ବର୍ମୁଡ଼ା ତ୍ରିଭୁଜକୁ ନେଇଥିବା ରହସ୍ୟର ଉନ୍ମୋଚନ କରିଛି।

(୧)ଏହି ଅଂଚଳ ବିଷୁବରେଖା ପାଖାପାଖି ହୋଇଥିବାରୁ ଏଠାରେ ଭୟଙ୍କର ଝଡ଼ ଏବଂ ହରିକେନ୍ ହୋଇଥାଏ ଯାହା ଜାହଜଙ୍କୁ ଦୁର୍ଘଟଣାରେ ପକାଇଥାଏ।

(୨) ଏଠାରେ ଥିବା ଉପସାଗରୀୟ ଓ ଉଷ୍ମ ସାମୁଦ୍ରିକ ସ୍ରୋତ ଅତ୍ୟନ୍ତ ବେଗରେ ବୋହୁଥିବାରୁ ଏଠାରେ ପଡୁଥିବା କିଛି ଜିନିଷକୁ ଦୂର ଗଭୀର ମହାସମୁଦ୍ର ତଳକୁ ନେଇଯାଏ। ତେଣୁ ଦୁର୍ଘଟଣା ଗ୍ରସ୍ତ ପାଣିଜାହାଜ ଓ ଉଡ଼ା ଜାହାଜଙ୍କ ପତା ମିଳେନି।

(୩) ବର୍ମୁଡ଼ା ଅଂଚଳରେ ସମୁଦ୍ର ତଳ ଭାଗରୁ ବେଳେବେଳେ ମିଥେନ ଗ୍ୟାସ ବାହାରେ ଯାହା ସେଠାର ଜଳର ସାନ୍ଦ୍ରତା କମାଇଦିଏ। ତେଣୁ ସେ ସମୟରେ ସେଠାରେ ଯାତ୍ରା କରୁଥିବା ଜାହଜ ବୁଡ଼ି ଯାଆନ୍ତି।

(୪) ବର୍ମୁଡ଼ା ଦ୍ୱୀପର ଗଠନ ମଧ୍ୟ ଏ ଅଂଚଳକୁ ପ୍ରଭାବିତ କରେ। ଏବେ ଆଉ ବର୍ମୁଡ଼ା ତ୍ରିଭୁଜ କାହାଲାଗି ରହସ୍ୟ ହୋଇରହିନି।

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮



## ପୀତାମ୍ବର ଦାସ

# ରଜ ମଉଜ



ପିଙ୍କିର ବାପା ଦିଲ୍ଲୀରେ ଚାକିରି କରନ୍ତି। ପିଙ୍କିକୁ ଏବେ ଦଶ ବରଷ ପୁରିଲା। ଦିଲ୍ଲୀରେ ରହିଲେ ମଧ ବାପାମାଆଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓଡ଼ିଆ ଭଲଭାବେ ଲେଖିପାରେ ଓ କହିପାରେ। ବାପା ମଧ ଓଡ଼ିଆ ସମାଚାର ପତ୍ର ଆଣିବା ସଙ୍ଗେ ସଙ୍ଗେ ଓଡ଼ିଶାରୁ ପ୍ରକାଶ ପାଉଥିବା ଓଡ଼ିଆରେ ବିଭିନ୍ନ ଶିଶୁପତ୍ରିକା ମଗାଇ ଗେହ୍ଲି ଝିଅ ପିଙ୍କିକୁ ପଢ଼ିବାକୁ ଦେଇ ଥାଆନ୍ତି। ପିଙ୍କି ମଧ ଅନର୍ଗଳ ଗୀତ ମୁଖସ୍ଥ କରି ତାକୁ ଗାଇ ବହୁତ ଆନନ୍ଦ ପାଏ। ସେ ଦଶ ବରଷ ଭିତରେ ପାଞ୍ଚ କି ଛଅଥର ସୁଦୂର ନଗରୀରୁ ନିପଟ ମଫସଲର ଗାଆଁକୁ ଆସିଛି। ହେଲେ ଛଅ/ସାତ ଦିନ ରହଣି ପରେ ବାପାମାଆଙ୍କ ସହିତ ଫେରିଯାଏ ସେଇ ରାଜଧାନୀ ଦିଲ୍ଲୀକୁ। ହେଲେ ତା' ଗାଆଁର ପାଣି ପବନ, ଗଛଲତା, ନଈନାଳ, ଗାଆଁ ନିକଟସ୍ଥ ଜଙ୍ଗଲର ଶୋଭା ତା' ଆଖି ଆଗରେ ନାଚିଉଠେ। ଘରେ କକା, ଖୁଡ଼ୀ, ତାଙ୍କର ପୁଅ ଝିଅ, ଜେଜେ, ଜେଜୀ ରହନ୍ତି। ରଜ ସମୟରେ ସେ କେବେ ଗାଆଁକୁ ଆସି ନାହିଁ। ହେଲେ ପତ୍ରିକାରୁ କବିଙ୍କର ରଜ ମଉଜର ଗୀତ ଶୁଣି ସେ ଏଥର ଜିଦ୍ ଧରିଲା ଏଇବର୍ଷ ରଜ ପରବରେ ଗାଆଁକୁ ଯିବ। ଜେଜେ, ଜେଜୀ ମଧ ଅନେକବାର ଫୋନ୍ କରି ରଜରେ ଗାଆଁକୁ ଆସିବା ପାଇଁ କହିଲେଣି। ତେଣୁ ପିଙ୍କିର ଜିଦ୍ ଅନୁସାରେ ବାପା ଛୁଟି ଆଣି ରଜ ପୂର୍ବରୁ ସମସ୍ତେ ଗାଆଁରେ ଆସି ପହଞ୍ଚିଲେ।

ମଉସୁମୀ ରଜ ପରବ ସହିତ ଝୁମିଝୁମି ଆସିଛି। ଆଜି ରଜର ପହିଲି ଦିନ। ପିଙ୍କିର ଆନନ୍ଦ କହିଲେ ନସରେ। ସକାଳେ ଅନେକ ପିଲା ନୂଆଲୁଗା ପିନ୍ଧି ପିଙ୍କି ପାଖରେ ପହଞ୍ଚିଗଲେ। ପିଙ୍କି ଆନନ୍ଦରେ କୁରୁଳି ଉଠିଲା। ସେ ମଧ ନୂଆଲୁଗା ପିନ୍ଧି ସାଙ୍ଗ ପିଲାଙ୍କ ସାଥିରେ ଗାଆଁ ଦାଣ୍ଡକୁ ବାହରି ଆସିଲା। ଗାଆଁରେ ବିଭିନ୍ନ ଗଛ ଡାଳରେ ଦୋଳି ଲାଗିଥାଏ। ସମସ୍ତେ ପାଳି କରି ଝୁଲିବାକୁ ଲାଗିଲେ। ପିଙ୍କିର ଆଗ୍ରହ ଦେଖି ତା' ସାଙ୍ଗମାନେ ତାକୁ ପ୍ରଥମେ ଦୋଳିରେ ବସାଇ ଝୁଲାଇ ଦେଲେ ଏବଂ ତା' ସାଥେ ସାଥେ ରଜଗୀତ ବୋଲିଲେ -

"ବନସ୍ତେ ଡାକିଲା ଗଜ ଲୋ ସଜନୀ,
ବନସ୍ତେ ଡାକିଲା ଗଜ
ଝୁମି ଝୁମି ପରା ଆସିଛି ରଜ ଲୋ
ଆସ ହେବା ସଜବାଜ।"

ଏହିପରି ଅନେକ ଗୀତ ପ୍ରତ୍ୟେକ ପିଲା ଗାଇ ଗାଇ ଦୋଳିରେ ଝୁଲି ଆନନ୍ଦ ଉପଭୋଗ କଲେ। ଦୋଳି ଖେଳ ପରେ ପିଙ୍କିର ସାଙ୍ଗ ରୋଜି, ସମସ୍ତଙ୍କୁ ତାଙ୍କ ଘରକୁ ଡାକିନେଲା। ରୋଜିର ମାଆ ବିଭିନ୍ନ ଦରବ ଯଥା - ମିଠା, ପିଠା, କାକରା ଇତ୍ୟାଦି ସମସ୍ତଙ୍କୁ ଖାଇବାକୁ ଦେଲେ। ପିଙ୍କି ସାଙ୍ଗସାଥି ମେଳରେ ଏସବୁ ଦରବ ଖାଇ ରଜ ପରବର ମଉଜକୁ ବେଶ୍ ଉପଲବ୍ଧି କରି ପାରୁଥାଏ। ଖିଆ ସରିବା ପରେ ସେମାନେ ସବୁ ଗାଆଁ ଦାଣ୍ଡରେ ବୁଲି ଦେଖିଲେ ଯେ ଛୋଟ ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ଦୋଳି ଖେଳରେ ମାତିଛନ୍ତି, ଠାଏ ଠାଏ ଯୁବକମାନେ ବାଗୁଡ଼ି ଖେଳ ଖେଳୁଛନ୍ତି ତ ପୁଣି ଆଉ କେତେକ ତାସ୍, ପଶାପାଲି, ଡୁଡୁ, ଲୁଡୁ, ଚେସ୍ ଇତ୍ୟାଦି ଖେଳ ଖେଳୁଛନ୍ତି। ଏସବୁ ରଜ ପରବର ଦୃଶ୍ୟ ପିଙ୍କି ପ୍ରଥମଥର ଦେଖି ତା' ମନ କୁଣ୍ଢେମୋଟ ହୋଇ ଯାଉଥାଏ। ସଂଧ୍ୟା ସମୟରେ ଗାଆଁରେ ବିଜୁଳୀ ଜଳି ଉଠିଲା। ପୁଣି ସମସ୍ତେ ସେ ଦୋଳି ଖେଳ ଠାରୁ ଆରମ୍ଭ କରି ତାସ୍, ଚେସ୍, ପାଲି ଇତ୍ୟାଦି ଖେଳରେ ମାତିଗଲେ। ପିଙ୍କି ଲକ୍ଷ୍ୟ କରୁଥାଏ ପରସ୍ପର ନିମନ୍ତ୍ରଣ ରକ୍ଷାକରି ଘରେ ଘରେ ବୁଲି ସୁସ୍ୱାଦୁ ଭୋଜନ କରୁଥାଆନ୍ତି। ସେ ମଧ ତା' ସାଙ୍ଗର ନିମନ୍ତ୍ରଣ ରକ୍ଷାକରି ରାତିରେ ତାଙ୍କ ଘରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଖାଇ ବହୁତ ଖୁସି ହେଲା।

ରଜ ପରବ ତିନିଦିନ ଧରି ପାଳିତ ହୁଏ। ରଜ ପରବର ଦ୍ୱିତୀୟ ଦିନରେ ତା' ବାପାମାଆଙ୍କୁ କହି ଭଲ ରକମର ପିଠା, ଆରିସା, ମିଠା, ମାଂସ ଇତ୍ୟାଦି ଖାଦ୍ୟ ପ୍ରସ୍ତୁତ କରି ତା'ର ସବୁ ସାଥିମାନଙ୍କୁ ଡାକିଲା। ସମସ୍ତେ ଖାଇସାରି ପୂର୍ବଦନ ପରି ବିଭିନ୍ନ ଖେଳ ଖେଳିବାକୁ ବାହାରି ପଡ଼ିଲେ। ନିଜ ଗାଆଁର ରଜ ପରବରେ ମଉଜ ଉପଭୋଗ କରି ସାଙ୍ଗସାଥିରେ ପାଖ ଗାଆଁ ଗୁଡ଼ିକୁ ବୁଲିବାକୁ ଗଲା। ନିଜ ଗାଆଁ ପରି ସେସବୁ ପଡ଼ିଶା ଗାଆଁରେ ମଧ ସେଇଭଳି ଦୋଳି ଖେଳ, ବାଗୁଡ଼ି ଖେଳ, ତାସ୍, ପାଲି ଇତ୍ୟାଦି ଖେଳ ଲୋକମାନେ ଖେଳୁଥାନ୍ତି। ବନ୍ଧୁବାନ୍ଧବ, ସାଙ୍ଗସାଥି ମାନଙ୍କୁ ତାଙ୍କ ସୁସ୍ୱାଦୁ ଭୋଜନ ଦେଇ ସମସ୍ତଙ୍କୁ ସନ୍ତୁଷ୍ଟ କରୁଥାନ୍ତି। ଗାଆଁର ପରସ୍ପରକୁ ଡାକି ଆଦରରେ ଖୁଆଇ ପିଆଇ ସମସ୍ତଙ୍କୁ ସନ୍ତୁଷ୍ଟ କରିବାରେ ଯେଉଁ ନିବିଡ଼ ସଂପର୍କ ବଢ଼ିଯାଏ, ତାହା ଏଇ ରଜପର୍ବରେ ହିଁ ପିଙ୍କି ବେଶ୍ ଉପଲବ୍ଧି କରିପାରିଲା। ତହିଁଆରଦିନ ଅର୍ଥାତ୍ ୩ୟ ଦିନ ବା ଶେଷ ରଜଦିନ ବାପାଙ୍କୁ କହି ଏକ ଗାଡ଼ି ରିଜର୍ଭ କରି ୧୦/୧୫ କି.ମି. ଦୂରରେ ଅବସ୍ଥିତ ବିଭିନ୍ନ ଗ୍ରାମ ଓ ଆଦିବାସୀ ବସ୍ତିକୁ ସାଙ୍ଗ ସାଥେ ବୁଲିବାକୁ ଗଲା। ସେସବୁ ଗାଆଁ ମାନଙ୍କରେ ରଜ ପରବର ପାଳନ, ମହୋତ୍ସବ ଦେଖି ପିଙ୍କି ଆନନ୍ଦରେ ବିହ୍ୱଳ ହୋଇ ପଡୁଥାଏ। ତାପରେ ସେ ସାଥିମାନଙ୍କ ସହିତ ଏକ ଆଦିବାସୀ ବସ୍ତିକୁ ବୁଲିବାକୁ ଗଲା। ସେଠି ଆଦିବାସୀମାନଙ୍କର ଦୋଳି ଖେଳ ଦେଖିଲା। ସ୍ତ୍ରୀ ପୁରୁଷମାନେ ଏକାଠି ହାତ ଛନ୍ଦାଛନ୍ଦି ହୋଇ ରଜ ଗୀତ ସୁମଧୁର କଣ୍ଠରେ ଗାଇ ନାଚୁଥାନ୍ତି। ଓଃ, ନାଚ କି ମନମତାଣିଆ ସତେ ! ସିନେମାର ନାଚଗୀତ ମଧ ଏ ନାଚ ସହିତ ସମକକ୍ଷ ହେବ ନାହିଁ। ପିଙ୍କିର ରଜ ପରବର ଅନୁଭୂତି ଏଇଟା ତା' ଜୀବନର ପ୍ରଥମଥର। ସେ ଭାବୁଥାଏ ଗାଆଁର ପ୍ରକୃତି, ପରିବେଶରେ ଯେଉଁ ଆନନ୍ଦ ଅଛି, ତାହା ସହରରରେ ନାହିଁ। ତେଣୁ ସେ ଗାଆଁର ପାଣି ପବନରେ ବଢ଼ି ଏଇଠି ରହି ପଢ଼ିବାକୁ ସ୍ଥିର କଲା। କକା, ଖୁଡ଼ୀ, ଜେଜେ, ଜେଜୀ ଓ ପିଙ୍କିର ସାଥିମାନେ ମଧ ପିଙ୍କିକୁ ଦିଲ୍ଲୀ ନଯିବା ପାଇଁ ଅନୁରୋଧ କଲେ। ପିଙ୍କିର ବାପାମାଆ ତା'ର ଆଗ୍ରହ ଓ ପରିବାର ତଥା ପିଙ୍କିର ସାଥିମାନଙ୍କର ଇଚ୍ଛାକୁ ଦୂରେଇ ଦେଇ ନ ପାରି ପିଙ୍କିକୁ ଗାଆଁରେ ଛାଡ଼ିଦେଇ ସୁଦୂର ଦିଲ୍ଲୀକୁ ଚାକିରି କରିବାକୁ ଚାଲିଗଲେ।

ପ୍ରକୃତରେ ପିଲାମାନେ, ଗାଆଁର ପରିବେଶ, ଲୋକମାନଙ୍କ ମଧରେ ଯେଉଁ ଆଦର, ସହଯୋଗ, ପରସ୍ପରକୁ ସାହାଯ୍ୟ କରିବାର ମନୋବୃତ୍ତି ଥାଏ, ତାହା ସହରରେ ନାହିଁ। ତେଣୁ ଆମେ ଯେତେ ବଡ଼ ହେଲେ ମଧ ନିଜ ଗାଆଁର ଭିଟାମାଟିକୁ ଛାଡ଼ି ସହରରେ ଘରଦ୍ୱାର କରି ସହରୀ ସଭ୍ୟତାରେ ବୁଡ଼ି ରହିବା ଉଚିତ ନୁହେଁ।

ରଜ ପରବରେ ସମସ୍ତଙ୍କର ଖୁସି ଦେଖି ଧରଣୀ ମାଆ ମଧ ଆମର ହସିଉଠେ। ତେଣୁ ଯଥାର୍ଥରେ କୁହାଯାଇଛି -

"ହସେ ଧରଣୀ ହସନ୍ତି ସବୁ,
ଆସିଛି ବୋଲି ରଜ
ସବୁ ପର୍ବଠୁଁ ରଜ ପରବ,
ଲାଗେ ଭାରି ମଉଜ।"

+ଭି.ଆଇ.ପି. କଲୋନୀ,
ଗୋପାଳ ଗାଁ, ବାଲେଶ୍ୱର
ମୋ. ୯୪୩୭୩୪୮୭୯୧,
୮୮୯୫୯୩୧୩୩୫

# ସ୍ୱର୍ଗତ ମାତା-ପିତାଙ୍କ ପବିତ୍ର ସ୍ମୃତିରେ ସେବାର ଅନନ୍ୟ ଉଦାହରଣ : ସହଯୋଗ ଫାଉଣ୍ଡେସନ ମାଧ୍ୟମରେ ୧୦୦୦ରୁ ଅଧିକ ତଉଲିଆ ଏବଂ ଶତାଧିକ ଲୋକଙ୍କୁ ଖାଦ୍ୟ ବଂଟନ

ବଲାଙ୍ଗିର, ୧୨/୦୬ (ନି.ପ୍ର): ମାନବିକତା, କରୁଣା ଏବଂ ସାମାଜିକ ସେବାର ଏକ ପ୍ରେରଣାଦାୟକ ଉଦାହରଣ ସେତେବେଳେ ଦେଖିବାକୁ ମିଳିଲା, ଯେତେବେଳେ ଅଭିଜିତ ସାହୁ ଏବଂ ଶ୍ରୀମତୀ ସୋନମ ଦାସ ପୂଜ୍ୟ ମାତା-ପିତା ସ୍ୱର୍ଗତ ବିଚିତ୍ର କୁମାର ସାହୁ ଓ ସ୍ୱର୍ଗତ ଶ୍ରୀମତୀ କବିତା ସାହୁଙ୍କ ପବିତ୍ର ସ୍ମୃତିରେ ସହଯୋଗ ଫାଉଣ୍ଡେସନର ସହଯୋଗରେ ଏକ ବିଶାଳ ସେବା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ରୋଗୀ ଏବଂ ସେମାନଙ୍କ ପରିଜନଙ୍କ ମଧ୍ୟରେ ୧୦୦୦ରୁ ଅଧିକ ତଉଲିଆ ବଂଟନ କରାଯାଇଥିଲା, ଯାହା ଦ୍ୱାରା ଅନେକ ପରିବାର ସିଧାସଳଖ ଭାବେ ଉପକୃତ ହୋଇଥିଲେ। ଏହି ସେବା କାର୍ଯ୍ୟକ୍ରମ କେବଳ ସାମଗ୍ରୀ ବଂଟନରେ ସୀମିତ ନଥିଲା, ବରଂ ମାନବିକତା ଓ ସମ୍ବେଦନଶୀଳତାର ଏକ ସଶକ୍ତ ସନ୍ଦେଶ ମଧ୍ୟ ସମାଜକୁ ପ୍ରଦାନ କରିଥିଲା। ହସ୍ପିଟାଲରେ ଭର୍ତ୍ତି ରୋଗୀ ଏବଂ ସେମାନଙ୍କ ସହ ଆସୁଥିବା ପରିଜନମାନେ ପ୍ରାୟତଃ ଦୈନନ୍ଦିନ ବ୍ୟବହାରର ଆବଶ୍ୟକ ସାମଗ୍ରୀର ଅଭାବର ସମ୍ମୁଖୀନ ହୁଅନ୍ତି। ଏପରି ପରିସ୍ଥିତିରେ ତଉଲିଆ ବଂଟନ ଅଭିଯାନ ସେମାନଙ୍କ ପାଇଁ ବହୁତ ଉପଯୋଗୀ ଏବଂ ସହାୟକ ସାବ୍ୟସ୍ତ ହୋଇଥିଲା।

କାର୍ଯ୍ୟକ୍ରମ ସମୟରେ ସାମାଜିକ ସେବା କ୍ଷେତ୍ରରେ ସକ୍ରିୟ ସହଯୋଗ ଫାଉଣ୍ଡେସନର ଫୁଡ୍ ଫର ଅଲ୍ – ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ" ଅନ୍ତର୍ଗତ ଏକ ବିଶେଷ ଖାଦ୍ୟ ସେବା ଅଭିଯାନର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ଡା. ସୁମନ ଗର୍ଗ ଏବଂ ଶ୍ରୀମତୀ କେଡିଆ ଗୁରୁତ୍ୱପୂର୍ଣ୍ଣ ସହଯୋଗ କରି ୬୦୦ରୁ ଅଧିକ ଲୋକଙ୍କ ମଧ୍ୟରେ ଇଡଲି-ଚଟଣୀ, ମାଲପୁଆ ଏବଂ କଦଳୀ ବଣ୍ଟନ କରିଥିଲେ। ପୌଷ୍ଟିକ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇ ରୋଗୀଙ୍କ ପରିଜନ ଓ ଅନ୍ୟ ଆବଶ୍ୟକତାରେ ଥିବା ଲୋକମାନେ ବେଶ ଖୁସି ପ୍ରକାଶ କରିଥିଲେ। ସହଯୋଗ ଫାଉଣ୍ଡେସନ ଦ୍ୱାରା ପରିଚାଳିତ "ଫୁଡ୍ ଫର ଅଲ୍ – ଅନ୍ନପୂର୍ଣ୍ଣା କାର୍ଯ୍ୟକ୍ରମ"କ୍ରମାଗତ ଭାବେ ବିସ୍ତାର ଲାଭ କରୁଛି ଏବଂ ପ୍ରତିଦିନ ଅଧିକରୁ ଅଧିକ ଆବଶ୍ୟକତାରେ ଥିବା ଲୋକଙ୍କ ପାଖରେ ସହାୟତା ପହଂଚାଇବାର କାମ କରୁଛି। ସଂସ୍ଥାର ସ୍ୱେଚ୍ଛାସେବୀ ଏବଂ ସମାଜସେବୀମାନଙ୍କର ସମ୍ମିଳିତ ପ୍ରୟାସରେ ଏହି ଅଭିଯାନ ବଲାଙ୍ଗୀର ସହ ବିଭିନ୍ନ ଅଂଚଳରେ ଆଶା ଓ ସହଯୋଗର ପ୍ରତୀକ ଭାବେ ପରିଣତ ହେଉଛି। ଏହି ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷମାନେ ମତ ପ୍ରକାଶ କରିଥିଲେ ଯେ, ନିଜ ମାତା-ପିତାଙ୍କ ସ୍ମୃତିକୁ ଚିରଞ୍ଜୀବୀ ରଖିବାର ସର୍ବୋତ୍ତମ ମାଧ୍ୟମ ହେଉଛି ସମାଜସେବା। ଅଭିଜିତ ସାହୁ ଏବଂ ଶ୍ରୀମତୀ ସୋନମ ଦାସ ଯେପରି ନିଜ ସ୍ୱର୍ଗତ ମାତା-ପିତାଙ୍କ ଆଦର୍ଶକୁ ଆଗକୁ ବଢ଼ାଇ ଆବଶ୍ୟକତାରେ ଥିବା ଲୋକଙ୍କୁ ସହାୟତା କରିଛନ୍ତି, ତାହା ସମାଜ ପାଇଁ ଏକ ଅନୁକରଣୀୟ ଉଦାହରଣ। ସେମାନଙ୍କ ଏହି ଅବଦାନ କେବଳ ଅନେକ ଲୋକଙ୍କୁ ସହାୟତା କରିନାହିଁ, ବରଂ ସମାଜରେ ସେବା ଓ ପରୋପକାରର ଭାବନାକୁ ଆହୁରି ସୁଦୃଢ଼ କରିଛି। ସହଯୋଗ ଫାଉଣ୍ଡେସନର ପ୍ରତିନିଧିମାନେ କହିଛନ୍ତି ଯେ, ଭବିଷ୍ୟତରେ ମଧ୍ୟ ସଂସ୍ଥା ଏଭଳି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ସ୍ତରରେ ପରିଚାଳନା କରିବ, ଯାହା ଦ୍ୱାରା ଅଧିକରୁ ଅଧିକ ଲୋକଙ୍କ ପାଖରେ ସହାୟତା ଏବଂ ସମ୍ମାନପୂର୍ଣ୍ଣ ଜୀବନଯାପନର ବାର୍ତ୍ତା ପହଂଚି ପାରିବ।

# ଫୁଲବାଣୀ ଲ୍ୟାମ୍ପସେସ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ବିପୁଳ ଅବସରକାଳୀନ ସମ୍ବର୍ଦ୍ଧନା

କନ୍ଧମାଳ, ୧୧ ଜୁନ୍(ହି.ସ.) – ଫୁଲବାଣୀ ଲ୍ୟାମ୍ପସେସ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭୀମସେନ ସାହୁଙ୍କୁ ତାଙ୍କର କାର୍ଯ୍ୟାଳୟ ତଥା ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀମାନଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଡିଆରସିଏସ୍ ଶ୍ରୀ ସନ୍ତୋଷ କୁମାର ଦାସ ଯୋଗଦେଇ ଶ୍ରୀ ଭୀମସେନ ସାହୁଙ୍କୁ ତାଙ୍କର ଚାକିରି ଜୀବନର କର୍ତ୍ତବ୍ୟନିଷ୍ଠତା ଓ ଲୋକସମ୍ପର୍କ ତଥା ଲ୍ୟାମ୍ପସେସ୍‌ର ତଥା ଚାଷୀ ମାନଙ୍କ ଉନ୍ନତି ଦିଗରେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ସବୁ ବାବଦରେ କହିଥିଲେ। ସେ ୧୯୮୮ ମସିହାରୁ ୨୦୨୬ ମସିହା ମଧ୍ୟରେ ଦିର୍ଘ ୩୮ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଗୋଟିଏ ଟିଣ ଘରୁ ଆରମ୍ଭ ହୋଇଥିବା ଫୁଲବାଣୀ ଲ୍ୟାମ୍ପସେସ୍‌ର ନିଜସ୍ୱ କୋଠା ଏବଂ ଅନେକ ଦୋକାନ ଗୃହ ନିର୍ମାଣ କରାଇ ଲ୍ୟାମ୍ପସେସ୍‌ର ବାର୍ଷିକ ୮ ଲକ୍ଷ ଟଙ୍କା ରୋଜଗାରକ୍ଷମ କରାଇବା, ଲ୍ୟାମ୍ପସେସ୍‌ର ମେମ୍ବର ସଂଖ୍ୟା ୩ ହଜାର ୨ ଶହରୁ ଅଧିକ ସଦସ୍ୟରେ ପହଂଚେଇବା ଆଦି ତାଙ୍କର ବିଶେଷ ଅବଦାନ ସହିତ ସେ ସମବାୟ ସମିତିଗୁଡିକର ରାଜ୍ୟ ଉପ-ସଭାପତି, ତଥା କନ୍ଧମାଳ ସମେତ ଆଉ ଦୁଇଟି ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି ବୋଲି କହିଥିଲେ। ତାଙ୍କର ଅବସର ଜୀବନ ସୁଖମୟ ହେବା ନେଇ କାମନା କରିଥିଲେ। ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ଓ ବାଲିଗୁଡା ଏଆରସିଏସ୍ ଲଳିତ ମାଝୀ,ସୁକାନ୍ତ କୁମାର ପାଢ଼ୀ,ଏସ୍ ଏଆରସିଏସ୍ ସଞ୍ଜୟ ପଟ୍ଟନାୟକ, ଆଇସିଏସ ସତ୍ୟଜିତ୍ ସେଠୀ ଏବଂ ସମୁଦାୟ ୨୪ ଗୋଟି ଲ୍ୟାମ୍ପସେସ୍‌ର ଏମଡି, ଓ କର୍ମଚାରୀ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ଓ ଲ୍ୟାମ୍ପସେସ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅଟୋ ଓ ବ୍ୟକ୍ତିଗତ ଗାଡ଼ି ଚାଳକଙ୍କ ଅଧିକାର ପାଇଁ ମହାସଂଘର ଦାବି

ଝାରସୁଗୁଡା, ୧୨/୦୬ (ନି.ପ୍ର): ଅଟୋ ଓ ବ୍ୟକ୍ତିଗତ ଗାଡ଼ି ଚାଳକମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା ସହ ବିଭିନ୍ନ ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଗୁରୁବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ଓଡ଼ିଶା ମୋଟର ପରିବହନ ଡ୍ରାଇଭର କଲ୍ୟାଣ ବୋର୍ଡ, ପରିବହନ ମନ୍ତ୍ରୀ ଏବଂ ପରିବହନ କମିଶନରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇନାହିଁ। ଅଟୋ ଓ ବୃତ୍ତିଗତ ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ କରିବା ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ପ୍ରତି ସରକାରଙ୍କ ଉଦାସୀନ ମନୋଭାବ ଯୋଗୁଁ ଚାଳକ ସମାଜ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦର୍ଶାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଡ୍ରାଇଭର ଏକତା ମହାସଂଘ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଆସନ୍ତା ୯୦ ଦିନ ମଧ୍ୟରେ ଡ୍ରାଇଭରମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ସଂଘ ରାଜପଥକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନୂତନ ରାଜ୍ୟ ସରକାର ଡ୍ରାଇଭରମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ମହାସଂଘ ଆଶା ପ୍ରକାଶ କରିଛି।

ଦାବିପତ୍ର ପ୍ରଦାନ ବେଳେ ସଂଘର ସମ୍ପାଦକ ପଂଚାନନ ପ୍ରଧାନ, ସଭାପତି ବିଚିତ୍ର ସେଠୀ, ସୋନୁ ସୁନାଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲାର ବହୁ ସଦସ୍ୟ ଓ ଡ୍ରାଇଭର ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ ଆର୍ଟିଓ ପ୍ରମୟ ମିଶ୍ରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

# ୩୩ ଲିଟର ଦେଶୀ ମଦ ଜବତ, ଦୁଇ ଗିରଫ

ଭୁବନ, ୧୨/୦୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଆଜି ଗୁରୁବାର ୩୩ ଲିଟର ଦେଶୀ ମଦ ଜବତ କରିବା ସହିତ ଦୁଇ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନାନୁଯାୟୀ ଅବକାରୀ ନିରୀକ୍ଷକ ଶ୍ରୀଯୁକ ବୁଲୁ ପାତ୍ର ଗୁରୁବାର ସକାଳ ୭ ଘଟିକା ସମୟରେ ସଦଳ ବଳେ ପାଟ୍ରୋଲିଂ ରେ ଯାଇଥିବା ବେଳେ ଭୁବନ ଥାନା ଅନ୍ତର୍ଗତ କନ୍ହେଇପାଳ ଗ୍ରାମର ଶେଷ ପାତ୍ର ଙ୍କ ଠାରୁ ୧୭ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ । ଅନୁରୂପ ଭାବେ ଗତକାଲି ବୁଧବାର କଂଚନ ବାହାଲି ଗ୍ରାମର ଯମୁନା ମୁଣ୍ଡା ନାମକ ଜନୈକା ମହିଳାଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରାଯାଇଥିଲା। ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ,ଆଲୋକ କୁମାର ଜେନା ଙ୍କ ସହଯୋଗ କରିଥିଲେ । ଏ ସମ୍ପର୍କରେ କେଶ୍ ନଂ ୩୮/୨୦୨୬-୨୭ ଓ ୩୯/୨୦୨୬-୨୭ ରେ ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତ କୁ ଭୁବନ ଜେ ଏମ ଏଫ୍ ସି କୋର୍ଟ କୁ ପଠାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

# ମୃତକଙ୍କ ଜନ୍ମଦିନ ପାଳନରେ ଅଠର ହଜାର ପିକନିକ୍ ସ୍ପଟରେ ସୁରକ୍ଷା ବ୍ୟବସ୍ଥା ଦାବି

ସମ୍ବଲପୁର, ୧୨/୦୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ସ୍ଥିତ ଅଠର ହଜାର ପିକନିକ୍ ସ୍ପଟ୍ ଠାରେ ପ୍ରାଣ ହରାଇଥିବା ୧୬ ବର୍ଷିୟ ନାବାଳକ ସ୍ୱସ୍ତିକ ପାଢ଼ୀଙ୍କ ବୁଧବାର ଜନ୍ମଦିନ ଅବସରରେ ସହଯୋଗ ନଗରପଡାବାସୀ ଏକ ଅଭିନବ ଦାବି କରିଛନ୍ତି। ସମ୍ବଲପୁର ପ୍ରଶାସନକୁ ଭେଟି ଅଠର ହଜାର ପିକନିକ୍ ସ୍ପଟରେ ପର୍ଯ୍ୟଟକଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା ପାଇଁ ଦାବି କରିଛନ୍ତି।

ସୂଚନା ଯୋଗ୍ୟ ଯେ ଗତ ୦୭ ତାରିଖରେ ସ୍ୱସ୍ତିକ ଟିଉସନର କିଛି ସହପାଠୀଙ୍କ ସହ ଭୋଜି କରିବାକୁ ଯାଇ ଅଠର ହଜାର ପାୱାର ଚାନେଲ ପାଣିରେ ବୁଡ଼ି ଆକସ୍ମିକ ମୃତ୍ୟୁବରଣ କରିଥିଲେ। ଏହି ସ୍ପଟ୍ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜୁଥିଲେ ମଧ୍ୟ ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା କିମ୍ବା ପାଣିର ଗଭୀରତା ବିଷୟରେ ସୂଚନା ନଥିବା ଯୋଗୁଁ ଗାଧୋଇବାକୁ ଯାଇ ସ୍ୱସ୍ତିକଙ୍କ ଅକାଳ ମୃତ୍ୟୁ ଘଟିଥିଲା। ତେଣୁ ସେଠାରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଉ ନଚେତ୍ ଅଠର ହଜାର ଠାରେ ବଣଭୋଜିକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ସହଯୋଗ ନଗର ବାସିନ୍ଦା ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେଠାରେ ବିଭିନ୍ନ ସମୟରେ ଅଘଟଣ ଘଟି ଜୀବନ ଯାଉଥିବା ବେଳେ ସ୍ୱସ୍ତିକଙ୍କ ମୃତ୍ୟୁ ଶେଷ ଘଟଣା ହେଉ ବୋଲି ମଧ୍ୟ ପ୍ରଶାସନକୁ ଆଗ୍ରହ ପ୍ରକାଶ କରିଥିଲେ। ସହଯୋଗ ନଗର ରାଧାକୃଷ୍ଣ ମନ୍ଦିର ଠାରେ ପଡ଼ା ବାସିନ୍ଦା ଏକଜୁଟ ହେବା ପରେ ସେଠାରେ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଏହାପରେ ସମସ୍ତେ ଜିଲାପାଳ କାର୍ଯ୍ୟାଳୟ ଯାଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ଜିଲ୍ଲାର ସମସ୍ତ ପିକନିକ୍ ସ୍ପଟ୍ ରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସମ୍ବଲପୁର ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସହଯୋଗ ନଗର କମିଟିର ସମ୍ପାଦକ ରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ସଞ୍ଜୟ ମିଶ୍ର, ଭକ୍ତବନ୍ଧୁ ସାହୁ, ରବିନ୍ଦ୍ର ପାତ୍ର, ସୁକାନ୍ତ ଦାସ , ସଞ୍ଜୟ ବର୍ମନ, ସୁରଜିତ ପଣ୍ଡା, ସୁନିଲ୍ ଦାସ , ଧରଣୀଧର ଦେବତା, ଦେବୀ ପ୍ରସାଦ ଭୋଇ, ନିଳାମ୍ବର ସାହୁ, ଜୟନାରାୟଣ ସାହୁ, ସଦାନନ୍ଦ ପତି, ଯଦୁମଣି ପ୍ରଧାନ, ସୁଧାରାଣୀ ପୁରୋହିତ, ଅନୀତା ପାତ୍ର, ଶାନ୍ତିଲତା ପାତ୍ର, ନିରୁପମା ପ୍ରଧାନ, ସ୍ୱରୁପା ମିଶ୍ର, ସୁମନ ରାଜପୁରୋହିତ, ସିମରନ ପୋପଟାନି, ଲିଜା ପାଢ଼ୀ, ସଂହିତା ବର୍ମନ, କାବ୍ୟା ପୋପଟାନି, ଆରତୀ ପଟେଲ ଓ ସଂଘମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରଟିଙ୍ଗିଆରେ କ୍ଷେତ ବଚାଓ ଅଭିଯାନ, ଘୁ.ଉଦୟଗିରିରେ ଆମ କ୍ଷେତ, ଆମ ଜୀବନ

କନ୍ଧମାଳ, ୧୨/୦୬ (ନି.ପ୍ର): କୃଷି ବିଭାଗ ଘୁ.ଉଦୟଗିରି ଆନୁକୂଲ୍ୟ ରେ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତୀ କନ୍ଧମାଳଙ୍କ ସହଯୋଗରେ ରଟିଙ୍ଗିଆ ଗ୍ରାମପଂଚାୟତ ଡକେଡି ଗ୍ରାମ ଠାରେ ପରବର୍ତ୍ତୀ ପଡ଼ିଆ ଜମି ର ବିସ୍ତୃତ ପରିଚାଳନା(ସିଆର୍ ଏଫ୍ ଏମ୍) ର କ୍ଷେତ୍ର ଦିବସ, ତାଲିମ ଏବଂ ଧଳା ମଟର ଶଷ୍ୟ କାଟ ଦିବସ ପାଳିତ ହୋଇ ଯାଇଅଛି। ଏହି କାର୍ଯ୍ୟକର୍ମରେ ତାଲିମ ର ପ୍ରଶିକ୍ଷକ ହିସାବରେ ଗୋଷ୍ଠି କୃଷିଅଧିକାରି ଶ୍ରୀ ଯୁକ୍ତ ନିରୁନିକୁଞ୍ଜ ବିହାରୀ ନାୟକ ଏବଂ ସହ କୃଷି ଅଧିକାରିଣୀ ପ୍ରିୟଦର୍ଶନୀ ମଲ୍ଲିକ ଙ୍କ ସହିତ କବିରାଜ ଗୌଡ କୃଷି ପରି ଦର୍ଶକ ଡ଼କେଡି ଙ୍କ ସହିତ ୱାଡ ମେମ୍ବର ଏବଂ ଗ୍ରାମ ପ୍ରତିନିଧି ଓ କୃଶକ ସାଥୀ ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମରୁ ୧୧୫ ଜଣ ଚାଷୀ ଯୋଗ ଦେଇ କାର୍ଯ୍ୟ କର୍ମକୁ ଆଗେଇ ନେଇଥିଲେ। ଏହି ବୈଠକକୁ କୃଷି ଆଧିକାରି ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିଭଳି ଭାବରେ ମଟର ଚାଷ କରାଯାଇ ପାରିବ ସେଇ ବିଷୟରେ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଯାହା ଫଳରେ କମ୍ ପାଣିରେ ଭଲ ଅମଳ ହୋଇ ପାରିବ ଏବଂ ଏହାକୁ ଏକ ବର୍ଷ ଯାଏ ଘରେ ରଖି ଖାଦ୍ୟ ରେ ବ୍ୟବହାର କରାଯାଇ ପାରିପା ସହିତ ଆବଶ୍ୟକ ସ୍ଥଳେ ଅଧିକ ଦରରେ ବିକ୍ରି କରାଯାଇ ପାରିବ ବୋଲି ମନ୍ତବ୍ୟ ଦେଇ ଥିଲେ ଏବଂ ଖରିଫ ଚାଷ ଅପେକ୍ଷା ରବି ଚାଷ ରେ କମ ପୋକ ଯୋକ ଲାଗନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହା ପରେ କୃଷି ଅଧିକାରିଣୀ ମହୋଦୟା ଧାନ ପରେ ମଟର ଚାଷ ଦ୍ୱାରା ଯବକ୍ଷାରଜାନ ବିବନ୍ଧନ କରି କିପରି ମାଟିକୁ ଉର୍ବର କରିବା ସହିତ ପରବର୍ତ୍ତୀ ଚାଷ ପାଇଁ କମ ସାର ଖର୍ଚ୍ଚ ହୋଇଥାଏ ତତ୍ ସଙ୍ଗେସଙ୍ଗେ ଗୋଟିଏ ଜମିରୁ ଦୁଇ ଟି ଫସଲ ମିଳିପାରିବ ବୋଲି ବୁଝାଇଥିଲେ ଏବଂ ଡାଲି ଜାତୀୟ ଖାଦ୍ୟ ସବୁବେଳେ ଖାଇବା ଦ୍ୱାରା ଦେହକୁ ଭିଟାମିନ ଓ ପୋଷକ ଶକ୍ତିମିଳିଥାଏ ତତ୍ ସଙ୍ଗେ ସଙ୍ଗେ ପରିବାର ପାଇଁ ମଟର ଚାଷ ଏକ ଖାଦ୍ୟ ସୁରକ୍ଷା ହିସାବରେ ପରିବାର ପାଇଁ ସହଯୋଗ କରିଥାଏ। ଏହା ପରେ ପଂଚାୟତ କୃଷି ପରିଦର୍ଶକ ଆସନ୍ତା ବର୍ଷକୁ କିଭଳି ଭାବରେ ଅଧିକ ଚାଷୀ ମଟର ଓ ବିରି ଚାଷ କରିବେ ସେ ଦିଗରେ ଯୋଜନା ପ୍ରସ୍ତୁତି କରାଯାଇଥିଲା। ଏହା ସହିତ ସ୍ୱାତୀ ସି.ଆର୍.ଏଫ୍.ଏମ୍ ଘୁ .ଉଦୟଗିରି ବ୍ଲକ୍‌ର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ କ୍ଷେତ ବଚାଅ ଅଭିଯାନ ଉପରେ ଚାଷୀମାନଙ୍କୁ ବୁଝାଇ ମାଟିର ସୁରକ୍ଷାର ରାସାୟନିକ ସାର କମ୍ ବ୍ୟାବାହର, ଜୈବିକ ସାରର ଅଧିକ ବ୍ୟବହାର ଏବଂ ବର୍ଷ ସାରା ଜମିକୁ ଫସଲ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକୁ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ସ୍ୱାତୀର ବିଶ୍ୱରଞ୍ଜନ ଦଳବେହେରା ଏବଂ ସ୍ୱଧର୍ମ ରାଉତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହ ଯୋଗ କରିଥିଲେ।

# ଜୁନ୍ ୨୮ରେ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେବ ବ୍ୟାପକ ପଲ୍ସ ପୋଲିଓ ଟୀକାକରଣ

ଝାରସୁଗୁଡ଼ା, ୧୧ ଜୁନ୍ (ହି.ସ.) - ଜିଲ୍ଲାରେ ଆଗାମୀ ଜୁନ୍ ୨୮ ତାରିଖରେ ହେବାକୁ ଥିବା ତୀବ୍ରୀକୃତ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ 'ଜିଲ୍ଲା ଟାସ୍କ ଫୋର୍ସ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଜୁନ୍ ୨୦୨୬ ମାଇକ୍ରୋ ପ୍ଲାନ, ବିଭିନ୍ନ ବିଭାଗର ସହଯୋଗିତା ଏବଂ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। କୌଣସି ବି ଶିଶୁ ଯେପରି ଏହି ଟୀକାକରଣରୁ ବଂଚିତ ନ ହେବେ, ସେଥିପାଇଁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗ ସମେତ ସମସ୍ତ ସଂଶ୍ଳିଷ୍ଟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ତଥ୍ୟ ଅନୁଯାୟୀ, ଚଳିତ ଜୁନ୍ ରାଉଣ୍ଡରେ ଜିଲ୍ଲାର ମୋଟ ୩୮,୦୭୬ ଜଣ ୦ ରୁ ୫ ବର୍ଷ ବୟସର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସମଗ୍ର ଜିଲ୍ଲାରେ ୫୧୭ଟି ପୋଲିଓ ବୁଥ୍ ପ୍ରତିଷ୍ଠା କରାଯାଉଥିବା ବେଳେ ୧୦୯୦ ଜଣ ଟୀକାକରଣ କର୍ମୀ ଏବଂ ୫୯ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଜୁନ୍ ୨୮ ତାରିଖ (ରବିବାର) ଦିନ ବୁଥ୍ ମାଧ୍ୟମରେ ଏବଂ ପରବର୍ତ୍ତୀ ଜୁନ୍ ୨୯ ଓ ୩୦ ତାରିଖରେ ଟୀକାକରଣ ଦଳ ଘରକୁ ଘର ବୁଲି ବଳକା ଶିଶୁଙ୍କୁ ଦୁଇ ବୁନ୍ଦା ଟୀକା ପ୍ରଦାନ କରିବେ। ଏଥିସହିତ ବସଷ୍ଟାଣ୍ଡ ଓ ରେଳଷ୍ଟେସନ ଭଳି ଗହଳି ସ୍ଥାନ ପାଇଁ ୧୨ଟି ଟ୍ରାଞ୍ଜିଟ୍ ଟିମ୍ ଏବଂ ଇଟାଭାଟି, ନିର୍ମାଣ ସ୍ଥଳ ତଥା ଦୁର୍ଗମ ଅଂଚଳରେ ରହୁଥିବା ଅସ୍ଥାୟୀ ବାସିନ୍ଦା ଓ ପ୍ରବାସୀ ଶିଶୁଙ୍କ ପାଇଁ ୭ଟି ମୋବାଇଲ୍ ଟିମ୍ ନିୟୋଜିତ କରାଯାଇଛି।

ଏହି ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଅନ୍ୟ ସମସ୍ତ ସହଯୋଗୀ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗକୁ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି କରିବାକୁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସରକାରୀ ତଥା ବେସରକାରୀ ପ୍ଲେ-ସ୍କୁଲଗୁଡ଼ିକରେ ପୋଲିଓ ଦଳକୁ ଯାଂଚ ସହ ଟୀକାକରଣ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ପୂର୍ବ ରାଉଣ୍ଡରେ ସ୍କୁଲଗୁଡ଼ିକରେ ରହିଯାଇଥିବା ଅଭାବକୁ ସଧାରିବା ପାଇଁ ଏକ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି।

# ବାରପୁଡୁଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପ୍ରଧାନ ଶିକ୍ଷୟିତ୍ରୀ ନିଯୁକ୍ତ

ବଲାଙ୍ଗୀର, ୧୨/୦୬ (ନି.ପ୍ର): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମ ପଂଚାୟତର ବାରପୁଡୁଗିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଶିକ୍ଷୟତ୍ରୀ ଭାବେ ସବିତା ଏକ୍କା ଯୋଗଦାନ କରିଛନ୍ତି। ଏହି ଉନ୍ନିତ ଉଚ୍ଚ ବିଦ୍ୟାଳୟ ହେବା ଦିନଠୁ ଅଭିଭାବକ ଏବଂ ଅଂଚଳବାସୀ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ନିକଟ ଖୁଂଟପାଲି ଉଚ୍ଚ ବିଦ୍ୟାଳୟ ସୁକତେଲ ଜଳସେଚନ ଦ୍ୱାରା ବିସ୍ଥାପିତ ହୋଇଥିବା ଯୋଗୁଁ ଏହି ଅଂଚଳରେ ଶିକ୍ଷାର ବହୁତ ବାଧାପ୍ରାପ୍ତ ହୋଇଥିଲା। ବାରପୁଡୁଗିଆ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ ଉଚ୍ଚ ବିଦ୍ୟାଳୟ କରି ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଯୋଗଦାନ ସହିତ ପ୍ରଧାନ ଶିକ୍ଷୟତ୍ରୀ ମଧ୍ୟ ଇତି ମଧ୍ୟରେ ଯୋଗ ଦେଇଛନ୍ତି। ଏ ଅଂଚଳରେ ଅଭିଭାବକଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଶିକ୍ଷା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଗତକାଲି ସ୍କୁଲ ପରିସରରେ ନୂତନ ଭାବରେ ଯୋଗ ଦେଇଥିବା ପ୍ରଥମ ପ୍ରଧାନ ଶିକ୍ଷୟତ୍ରୀ ସବିତା ଏକ୍କାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ଧରୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ଉମେଶ ନାଗ, ସୁମନ୍ତ ନାଗ, ଯତିନ୍ଦ୍ର କୁମାର ସାହୁ ଏବଂ ବିଦ୍ୟାଳୟର ଉଦ୍ୟୋକ୍ତା ଜୟକୃଷ୍ଣ ମିଶ୍ର, ସଦାନନ୍ଦ ମହଲା, ପରମେଶ୍ୱର ନାଏକ, ରିଙ୍କୁ ନାଏକ, ସଂଜୟ ନାଏକ, ପ୍ରବୀଣ ବରିହା, ବିକାଶ ନାଏକ, କାଲିଆ ମହଲା, ଧ୍ରୁବା ମହଲା ତଥା ବହୁ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ।

# କଥା ଦେଇ କଥା ରଖିଲେ ଅଧ୍ୟକ୍ଷା: ବଂଟନ କଲେ ରାସନ କାର୍ଡ

ନୂଆପଡ଼ା, ୧୨/୦୬ (ନି.ପ୍ର): ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି କଥା ଦେଇ କଥା ରଖିଛନ୍ତି ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ। ଦୀର୍ଘ ଦିନ ଧରି ରାସନ କାର୍ଡ ପାଇବାରୁ ବଂଚିତ ହୋଇଥିବା ଅନେକ ଯୋଗ୍ୟ ପରିବାରଙ୍କୁ ସେ ନିଜେ ପହଂଚି ରାସନ କାର୍ଡ ବଣ୍ଟନ କରିଛନ୍ତି। ଏହା ଦ୍ୱାରା ସମ୍ପୃକ୍ତ ପରିବାରଗୁଡ଼ିକ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଅନୁସାରେ, ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଲଛିପୁର ସତନାମୀପଡାର ଅନେକ ଯୋଗ୍ୟ ହିତାଧିକାରୀ ଅନେକ ସମସ୍ୟାର ଜର୍ଜରିତ ଖବର ପାଇ ଖଡ଼ିଆଳ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସରଜମିମ ତଦନ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ । ୧୫ ରୁ ୨୦ ପରିବାର ଆବାସ ଘର ପାଇବାରୁ ବଂଚିତ ଥିବାବେଳେ ଅନେକଙ୍କ ବର୍ତ୍ତମାନ ରାସନକାର୍ଡ ମଧ୍ୟ ନଥିବା ଜାଣିବାକୁ ପାଇଥିଲେ । ଆସନ୍ତା ଦୁଇ ମାସ ଭିତରେ ସବୁ ସମସ୍ୟାର ସମାଧାନ ହେବାର ପ୍ରତିଶୃତି ଦେଇ ଆସିଥିଲେ ଓ ଆଜି ମାତ୍ର ସାତ ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ତିଆରି କରି ନିଜେ ନିଜ ସମର୍ଥକ ଓ ଯୋଗାଣ ବିଭାଗ କର୍ମଚାରୀଙ୍କ ସହ ଲଛିପୁର ଗାଁ ଯାଇ ରାସନ କାର୍ଡ ବଣ୍ଟନ କରିଛନ୍ତି । ପ୍ରତିଶ୍ରୁତି ଅନୁଯାୟୀ ସେ ସମ୍ପୃକ୍ତ ପଡ଼ାକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ ଏବଂ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଯାଂଚ୍ କରି ରାସନ କାର୍ଡ ବଂଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ଲାଭ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଂଚାଇବା ତାଙ୍କର ପ୍ରାଥମିକତା ଏବଂ କୌଣସି ହିତାଧିକାରୀ ବଂଚିତ ରହିବେ ନାହିଁ। ଆଜି ରାସନ କାର୍ଡ ଦିଆ ହୋଇଛି ଖୁବ ଶୀଘ୍ର ସେମାନଙ୍କୁ ଆବାସ ଘର ମଧ୍ୟ ବଂଟନ କରାଯିବ, ମୋ ଉପରେ ଯେଉଁଭଳି ଭାବରେ ବିଶ୍ୱାସ ରଖିଛନ୍ତି ସେହି ବିଶ୍ୱାସରେ କେବେ ସେମାନଙ୍କୁ ନିରାଶ ହେବାକୁ ଦେବି ନାହିଁ ବୋଲି ଶ୍ରୀମତୀ ନନ୍ଦ କହିଛନ୍ତି । ରାସନ କାର୍ଡ ପାଇବା ପରେ ଲାଭାନ୍ୱିତ ପରିବାରମାନେ ଅଧ୍ୟକ୍ଷାଙ୍କ ପଦକ୍ଷେପକୁ ସ୍ୱାଗତ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେମାନେ କହିଥିଲେ ଯେ, ରାସନ କାର୍ଡ ନଥିବାରୁ ବିଭିନ୍ନ ସରକାରୀ ସୁବିଧା ପାଇବାରେ ଅସୁବିଧା ହେଉଥିଲା, ଯାହା ବର୍ତ୍ତମାନ ଦୂର ହୋଇଛି।

ଅଂଚଳବାସୀଙ୍କ ମତରେ, ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ଏହି ପଦକ୍ଷେପ ଜନସମସ୍ୟା ପ୍ରତି ତାଙ୍କର ଦାୟିତ୍ୱବୋଧ ଓ ଜନସେବା ପ୍ରତି ଥିବା ପ୍ରତିବଦ୍ଧତାର ପରିଚୟ ଦେଇଛି। ତାଙ୍କର ଏହି କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ବ୍ୟାପକ ପ୍ରଶଂସା କରାଯାଉଛି।

# ଯୁବତୀଙ୍କୁ ପ୍ରେମ, ପ୍ରତାରଣା,ଏବେ ଗର୍ଭବତୀ : ଜେଲ୍ ଗଲା ଅଭିଯୁକ୍ତ

ବଲାଙ୍ଗିର, ୧୨/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗାଁରେଇ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ, ପ୍ରତାରଣା ଓ ଧୋକା ଦେବା ଅଭିଯୋଗରେ ଜଣେ ଅଭିଯୁକ୍ତ ପ୍ରେମିକ ଜେଲ୍ ଯାଇଥିବା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜେଲ୍ ଯାଇଥିବା ଅଭିଯୁକ୍ତ ପ୍ରେମିକ ଜଣକ ତୁରେକେଲା ଥାନା ମୁରିବାହାଲ ଗ୍ରାମର ଭିକ ନାଗଙ୍କ ପୁଅ ଡଗ୍ରେଶ୍ୱର ନାଗ(୨୩) ଓରଫ ରଞ୍ଜିତ ବୋଲି ଜଣାପଡିଛି। ସଂପୃକ୍ତ ଯୁବତୀଙ୍କ ଏତଲା ଆଧାରରେ ସେ ନିଜ ପରିବାର ସହ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଅଭିଯୁକ୍ତ ଡଗ୍ରେଶ୍ୱର ମଧ୍ୟ ଦାଦନ ଶ୍ରମିକ ଭାବେ ସେହି ସ୍ଥାନକୁ ଯାଇଥିଲା। ସେଠାରେ ପ୍ରଥମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହେବା ସହ ଉଭୟେ ସେଠାରେ ଗୋଟିଏ ସ୍ଥାନରେ ସ୍ୱାମୀ-ସ୍ତ୍ରୀ ଭାବରେ ରହୁଥିଲେ। ଦାଦନରୁ ଫେରିବା ପରେ ଉଭୟ ଗାଁରେଇ ଗ୍ରାମରେ କିଛି ଦିନ ରହିବା ପରେ ଯୁବତୀଙ୍କୁ ଛାଡ଼ି ଯୁବକ ଜଣକ ପୁଣି କାମ କରି ଯାଉଛି କହି ସେଠାରୁ ଫେରାର ହୋଇଯାଇଥିଲା। ଯୁବତୀ ଜଣକ ଯୁବକଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ଫୋନ୍ ଉଠାଇନଥିଲେ କି ଧରା ଛୁଆଁ ଦେଉନଥିଲେ। ଶେଷରେ ଗତ ୨୧/୫/୨୬ ଦିନ ସେ ଯୁବକଙ୍କ ନାମରେ ମୁରିବାହାଲ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଯୁବତୀଙ୍କ ଏତଲା ଆଧାରରେ ପୁଲିସ କେସ ନମ୍ବର ୯୭/୨୬ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ଡଗ୍ରେଶ୍ୱର ସେହି ଦିନଠାରୁ ଫେରାର ଥିଲା। ସଂପୃକ୍ତ ଯୁବତୀ ଜଣକ ଏବେ ଗର୍ଭବତୀ ଥିବା ଜଣାପଡିଛି। ଅଭିଯୁକ୍ତ ପ୍ରେମିକ ପ୍ରବର ଡଗ୍ରେଶ୍ୱରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି ଭାରାପ୍ରାପ୍ତ ଥାନା ଓଆଇସି ଅଭୟ କୁମାର ପଧାନ ପ୍ରକାଶ କରିଛନ୍ତି ।

# ଆଞ୍ଚଳିକ ବିକାଶ ମଞ୍ଚର ପାଞ୍ଚ ଦଫା ସମ୍ବଳିତ ଦାବି ପ୍ରଦାନ: ଆଞ୍ଚଳିକ ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଥମିକତା




ଖୋରଧା , ୧୨/୬ (ନି.ପ୍ର): ବୋଲଗଡ଼ ତହସିଲ ଅନ୍ତର୍ଗତ ଗେଡିଆପଲ୍ଲୀ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ମେସର୍ସ ଶ୍ରୀ ବଜରଙ୍ଗ ପାୱାର ଏବଂ ମେଟାଲିକ୍ ଲିମିଟେଡ୍ ପକ୍ଷରୁ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଂଚଳ ରେ ପ୍ରଚାର ପ୍ରସାର ନକରି ହାତଗଣତି ଦୁଇଟି ସମ୍ବାଦ ପତ୍ର ରେ ବିଜ୍ଞାପନ ଦେଇ କାମ ସାରିଦେଲେ କମ୍ପାନୀ କର୍ତ୍ତୃପକ୍ଷ। ସର୍ବସାଧାରଣ ଜନଶୁଣାଣୀ ପାଲଟିଲା ପ୍ରହସନ। କମ୍ପାନୀର କିଛି ଦଲାଲ ବିଭିନ୍ନ ପ୍ରଲୋଭନ ଦେଖେଇ ଆଣିଲେ ଶୁଣାଣି ସ୍ଥଳ କୁ ଲୋକ ମାନଙ୍କୁ, ସୁଚନା ଅନୁଯାୟୀ ବୋଲଗଡ଼ ତହସିଲ ଅନ୍ତର୍ଗତ ସାହାସପୁର ଗ୍ରାମଠାରେ ୪୦,୦୦୦ ଟିପିଏ ଟାଇଟାନିୟମ ଡାଇଅକ୍ସାଇଡ୍ ପିଗ୍ମେଣ୍ଟ ପ୍ଲାଣ୍ଟ ସହିତ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟ (୧,୨୦,୦୦୦ ଟି ପି ଏ), ପ୍ରଡ୍ୟୁସର ଗ୍ୟାସ ପ୍ଲାଣ୍ଟ (୧୬,୦୦୦ ଏନ. ଏମ/ଘଣ୍ଟା), ବ୍ରିକ୍ସ ପ୍ଲାଣ୍ଟ (୪୦,୦୦୦ ବ୍ରିକ୍ସ/ଦିନ) ଏବଂ କୋ - ଜେନେରେସନ ପାୱାର ପ୍ଲାଣ୍ଟ (୧୨,୭୫ ମେଗାୱାଟ୍) ସ୍ଥାପନ ପାଇଁ ଉପଜିଲ୍ଲାପାଳ, ଖୋରଧା, ତହସିଲଦାର, ବୋଲଗଡ଼ ଏବଂ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଙ୍କୁ ନେଇ ଆବଶ୍ୟକୀୟ ପରିବେଶ ମଞ୍ଜୁରୀ ନିମନ୍ତେ ହୋଇଥିବା ଜନଶୁଣାଣୀ କାର୍ଯ୍ୟକ୍ରମ ପାଲଟିଥିଲା ପ୍ରହସନ। ଲୋକଙ୍କର କମ୍ପାନୀକୁ ବିରୋଧ ହେତୁ କମ୍ପାନୀ ତରଫରୁ ବିଭିନ୍ନ ଗ୍ରାମର କୁଜି ନେତା ଓ ଦଲାଲଙ୍କୁ ମୋଟାଅଙ୍କର ଟଙ୍କା ଦେଇ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଲୋଭନ ଓ ମିଛ କହି କମ୍ପାନୀ ଗାଡ଼ିରେ ସଭା ସ୍ଥଳକୁ ଅଣାଯାଇଥିଲା। ଏମିତିକି ଲୋକମାନଙ୍କର ବ୍ୟକ୍ତିଗତ କାମ ଯଥା ଘରବାଡ଼ି ପଟ୍ଟା, ଭତ୍ତା, ରାସନ କାର୍ଡ ଆଦି ପାଇଁ ଅଭିଯୋଗ କରାଯିବ ବୋଲି ବିଭିନ୍ନ ଲୋକଙ୍କୁ କୁହାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ କେବଳ କମ୍ପାନୀର ଦଲାଲ ମାନଙ୍କ ଛାଡ଼ି ଅନ୍ୟ ମାନଙ୍କୁ ନିଜସ୍ୱ ମତ ପ୍ରକାଶ କରିବାକୁ ସୁଯୋଗ ନମିଳିବାରୁ ଲୋକଙ୍କ ମନରେ ଅସନ୍ତୋଷ ଦେଖା ଦେଇଥିଲା। ଆଞ୍ଚଳିକ ବିକାଶ ମଞ୍ଚ ତରଫରୁ ପାଞ୍ଚ ଦଫା ଦାବି ସମ୍ବଳିତ ଯଥା, ଅଞ୍ଚଳର ଯୁବକମାନଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ଅଞ୍ଚଳର ବ୍ୟବସାୟ ପ୍ରତିଷ୍ଠାନ ତଥା ପରିବହନ କ୍ଷେତ୍ରରେ ଅଞ୍ଚଳ ବାସୀଙ୍କୁ ପ୍ରାଧାନ୍ୟ, ଅଞ୍ଚଳର ଉନ୍ନତି ପାଇଁ କମ୍ପାନୀ ତରଫରୁ ପ୍ରତି ଗ୍ରାମରେ ଗ୍ରାମ୍ୟ କମିଟି ଗଠନ କରାଯାଇ ପ୍ରସ୍ତାବ ଗ୍ରହଣ ଓ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ପ୍ରଦାନ, ଜନଶୁଣାଣି ପୂର୍ବରୁ କମ୍ପାନୀ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ମନଇଚ୍ଛା ଅଞ୍ଚଳର ବିଭିନ୍ନ ସ୍ଥାନରେ କରିଥିବା ଜନବିରୋଧୀ କାର୍ଯ୍ୟ ଏବଂ ମିଛ ପ୍ରତିଶ୍ରୁତି ଦେଇ ଜନଶୁଣାଣୀକୁ ନିଜ ସପକ୍ଷ ରେ ଆଣିବା ପାଇଁ କରିଥିବା କାର୍ଯ୍ୟ ଯଥା ଗ୍ରୀଷ୍ମ ଦିନରେ ହୁଡ଼ାହାଣି ପୋଖରି ସୁଖେଇବା, ରାସ୍ତା,ମନ୍ଦିର ଆଦି କରିବା ପାଇଁ ୪ମାସଧରି ଗାଁ ଦାଣ୍ଡକୁ ଖୋଳି ଜନସାଧାରଣଙ୍କୁ ପ୍ରଲୋଭନ ବୁମେରାଂ ହୋଇଛି ଏହାର ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବା, କମ୍ପାନୀ କିଛି ଅସାମାଜିକ ଯୁବକଙ୍କୁ ନେଇ ଅଞ୍ଚଳରେ ଭୟ ସୃଷ୍ଟି କରିବା ଆଦିକୁ ବନ୍ଦ କରିବା ପାଇଁ ଉପଜିଲ୍ଲାପାଳଙ୍କ ମଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲା ଯଦି ଏହି ଦାବିଗୁଡିକ ବିଚାରକୁ ନିଆଯାଇ ଶୀଘ୍ର ଉପଯୁକ୍ତ ପଦକ୍ଷେପ ନିଆନଯାଏ ତାହେଲେ ଆଗାମୀ ଦିନରେ ଅଂଚଳ ବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ବିକାଶ ମଞ୍ଚ ର ଆବାହକ ବିରଞ୍ଚି ନାରାୟଣ ସାମଲ ସୂଚନା ଦେଇଛନ୍ତି ।

# ମତ୍ସ୍ୟ ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ



ବାସୁଦେବପୁର, ୧୨/୬ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ମତ୍ସ୍ୟ ବିଭାଗ ପକ୍ଷରୁ ବ୍ଲକ୍ ସ୍ତରୀୟ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଡକ୍ଟର ବିଶ୍ୱ ରଞ୍ଜନ ସାମନ୍ତ ରାୟ,ଏ ଏଫ୍ ଓ ଲକ୍ଷ୍ମୀ ରାଣୀ ମାରାଣ୍ଡି, ଜେ ଏଫ୍ ଟି ଓ କାର୍ତ୍ତିକ ଦାସ, ପ୍ରାଣୀ ସମ୍ପଦ ଅଧିକାରୀ ସୁଦିପ୍ତା ଜେନା, ସହ କାରୀ କୃଷି ଅଧିକାରୀ ପ୍ରୀତି ପଲ୍ଲବୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଭିନ୍ନ ଅତ୍ୟାଧୁନିକ ମତ୍ସ୍ୟ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ସ୍ୱୟଂ ପ୍ରଭା ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ମତ୍ସ୍ୟ ଚାଷୀ ଭାଇ ମାନେ ଯୋଗ ଦେଇଥିଲେ। ସାଗର ମିତ୍ର ଚନ୍ଦନ ମହାକୁଡ଼, ସାଗର ମିତ୍ର ଶ୍ରୀକାନ୍ତ ଜେନା ପ୍ରମୁଖ ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଗଞ୍ଜେଇ ଓ କଫ ସିରଫ ଜବତ: ଜଣେ ଗିରଫ ଓ କୋର୍ଟ ଚାଲାଣ

ନୂଆପଡ଼ା, ୧୨/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ଆଜି ଅବକାରୀ ବିଭାଗ ଚଢଉ କରି ଗଞ୍ଜେଇ ସହ କଫ ସିରଫ ଜବତ କରିଥିବା ସୂଚନା ମିଳିଛି। ଖଡ଼ିଆଳ ସହର ୱାର୍ଡ ନଂ ୫ ସାହୁପଡାରେ ଆଜି ସକାଳ ସମୟରେ ଅବକାରୀ ବିଭାଗ ଚଢ଼ଉ କରି ୧୨ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨୦୦ ଗୋଟି (୧୦୦ ଏମ ଏଲ) ବୋତଲ କଫ ସିରଫ ଜବତ କରଯାଇଛି। ସଂପୃକ୍ତ ଯୁବକ ନିତେଶ ସାହୁ(୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଆଜି ସକାଳ ସମୟରେ ସାହୁପଡା ସ୍ଥିତ ନିତେଶ ସାହୁଙ୍କ ଦୋକାନରେ ଚଢ଼ଉ କରିଥିଲେ। ଏଥିରେ ବେଆଇନ ଭାବରେ ଗଞ୍ଜେଇ ଓ କଫ ସିରଫ ରଖି ବିକ୍ରି କରୁଥିବା ଅଭିଯୋଗରେ ନିତେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଆଜିର ଏହି ଚଢ଼ଉରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ହୀରାବତୀ ଥାଟି, ଖଡ଼ିଆଳ ଅବକାରୀ ଅଧିକାରୀ ଅଲେଖ ପୁଟେଲ, ବୃନ୍ଦାବତୀ ଭୁଆ, ଦେବାଶିଷ, ଶ୍ରୀଧର ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ୍ ଥିଲେ।

# ଧୂଷୁରୀରେ ଅନୁଷ୍ଠିତ ହେଲା ଧାମନଗର ବ୍ଲକସ୍ତରୀୟ ମେଧାବୀ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଉତ୍ସବ



ଭଦ୍ରକ , ୧୨/୬ (ନି.ପ୍ର): ପୂଜ୍ୟପୂଜା ସଂସଦ, ଧୂଷୁରୀର ଆନୁକୂଲ୍ୟରେ ଧୂଷୁରୀ ଠାରେ ଧାମନଗର ବ୍ଲକ ସ୍ତରୀୟ ମେଧାବୀ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଉତ୍ସବ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ପୂଜ୍ୟପୂଜା ସଂସଦର ସଭାପତି ବାବାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା, ସଂସ୍କାର ଓ ଜୀବନରେ ସଫଳତା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଭଦ୍ରକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଦୁର୍ଗାଶଙ୍କର ଦାସ, ଧୂଷୁରୀ ଜୋନର ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ ନାୟକ ଏବଂ ଖଡ଼ିମରା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକରମାକାନ୍ତ ପରିଡା ଧୂଷୁରୀ ମୁରଲୀଧର ହାଇସ୍କୁଲ ର ପୂର୍ବତନ ପ୍ରଧାନ ଶିକ୍ଷକ ତଥାପୂଜ୍ୟ ପୂଜା ସଂସଦ ସମ୍ପାଦକ ଅକ୍ଷୟ କୁମାର ହୋତା ଉପସ୍ଥିତ ରହି ମେଧାବୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଅଧିକ ସଫଳତା ହାସଲ ପାଇଁ ପ୍ରେରଣା ଦେଇଥିଲେ।ଏହି ଅବସରରେ ସାହସପୁର ମଧ୍ୟ ଇଂରାଜି ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ସାମଲ ଙ୍କ ରଚିତ କବିତା ସଂକଳନ ଆମ ଯୁଗ ଗୀତିକା ଉନ୍ମୋଚନ ହୋଇଥିଲା ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଜିର ମେଧାବୀ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ସମାଜ ଓ ରାଜ୍ୟର ଭବିଷ୍ୟତ ଗଢ଼ିବେ। ତେଣୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ଏହି ଅବସରରେ ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ଓ ସ୍ମାରକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଏବଂ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଅନ୍ତର୍ଜାତୀୟ ନିଶା ନିରୋଧ ଦିବସ ଓ ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଦିବସ ପାଳନ ପାଇଁ 'ମନା'ର ଜରୁରୀ ବୈଠକ



ବାଲେଶ୍ୱର, ୧୨/୬ (ନି.ପ୍ର): 'ଅନ୍ତର୍ଜାତୀୟ ନିଶା ନିରୋଧ ଦିବସ' ପ୍ରତିବର୍ଷ ଭଳି ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ଚଳିତମାସ ୨୬ ତାରିଖ ଦିନ ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍ ପରିସରରେ ପାଳିତ ହେବ ଏବଂ ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଆସନ୍ତା ୨୪ ତାରିଖ ଦିନ ନେଳିଆବାଗସ୍ଥିତ 'ମନା' କାର୍ଯ୍ୟାଳୟରେ ପାଳିତ ହେବ। ଶୁକ୍ରବାରଦିନ ଅପରାହ୍ନରେ 'ମନା'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। 'ମନା'ର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ସନ୍ଦିପ କୁମାର ସିଂହ ଓ ଜଗନ୍ନାଥ ସାହୁଙ୍କୁ ବୈଠକରେ ସ୍ୱାଗତ କରାଯାଇଥିଲା। ଏହି ବୈଠକରେ ଜିଲ୍ଲା କମିଟିର ବରିଷ୍ଠ ଉପଦେଷ୍ଟା ସୁବ୍ରତ କର, ତ୍ରିଦୀବ କୁମାର ନାୟକ, ଭାରତୀ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ସଂଜୟ କୁମାର ପଣ୍ଡା, ଶଶାଙ୍କ ଶେଖର ଦତ୍ତ, ଯୋଗେଶ ଚନ୍ଦ୍ର ପ୍ରଧାନ, ଭାସ୍କର ମିଶ୍ର, ରମେଶ ଚନ୍ଦ୍ର ଜେନା, ଶଚୀନ୍ଦ୍ର ଦାସ, ବେଣୁଧର ସାହୁ, ମୀନା ସେଠୀ, ବସନ୍ତ ପ୍ରଧାନ, ଶ୍ୟାମସୁନ୍ଦର ଜେନା, ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ ଓ ଅନନ୍ତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ସଂପାଦିକା ମମତା ମହାପାତ୍ର ବୈଠକର ଉଦ୍ଦେଶ୍ୟ ଓ ଗତ ବୈଠକର ବିବରଣୀ ଉପସ୍ଥାପିତ କରିଥିଲେ। କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଶେଷରେ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାରେ ମୌସୁମୀ...

ମେ ମାସରେ ୭୮.୩ ମିଲିମିଟର ବର୍ଷା ହୋଇଥିବା ବେଳେ ୨୪ ପ୍ରତିଶତ କମ୍ ବର୍ଷା ହୋଇଛି । ଜୁନ୍ ୧ ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୩୪ ପ୍ରତିଶତ କମ୍ ବର୍ଷା ହୋଇଛି । ଦ୍ୱିତୀୟ ସପ୍ତାହ ଶେଷ ଆଡ଼କୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ରହିଛି। ଯଦି ଲଘୁଚାପ କ୍ଷେତ୍ର ସୃଷ୍ଟି ହୁଏ ତେବେ ଏହା ମୌସୁମୀକୁ ଅଧିକ ସକ୍ରିୟ କରିବ। ଫଳରେ ରାଜ୍ୟକୁ କିଛି ଭଲ ବର୍ଷା ମିଳିବାର ସମ୍ଭାବନା ରହିଛି। ଆସନ୍ତାକାଲି ପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡା ଓ ଗଜପତି ରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଦୁଇ ଦିନ ପରେ ପାଗରେ ପରିବର୍ତ୍ତନ ଆସିବା ସହ ତିନି ଡିଗ୍ରି ତାପମାତ୍ରା କମିବ । ଯାହାଫଳରେ ଗରମ, ଗୁଳୁଗୁଳି କମିବା ସହ ପାଗ ମେଘୁଆ ରହିବ।

### ଚାମେଲି ମାଗିଲେ ନ୍ୟାୟ...

ମହାକାଳପଡ଼ା ଥାନା ଏସ୍‌ଆଇ ତପସ୍ୱିନୀ ବିଶ୍ୱାଳଙ୍କ ଅଭିଯୋଗ ଅନୁସାରେ, ଚାମେଲି ପୁଲିସ ଅଧିକାରୀଙ୍କ ଆଙ୍ଗୁଠି କାମୁଡ଼ିଦେଇଥିଲେ! ଏଥିସହ ଥାନା ପୋଡ଼ିଦେବା ପାଇଁ ଧମକ, ଜଣେ ଗୃହରକ୍ଷୀଙ୍କ ତଣ୍ଟି ଚିପିବା ପାଇଁ ଉଦ୍ୟମ ଆଦି ଏତଲାରେ ଉଲ୍ଲେଖ ଅଛି । ଏଭଳି ଅଭିଯୋଗକୁ ନେଇ ଚାମେଲିଙ୍କ ବିରୁଦ୍ଧରେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଏବେ ଚାମେଲି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବା ବେଳେ, ବିଡିଓଙ୍କ ଅଭିଯୋଗ ଆଧାରରେ ତାଙ୍କ ଭାଇଙ୍କୁ ଗତକାଲି ଗିରଫ କରିଛି ପୁଲିସ । କେନ୍ଦ୍ରାପଡ଼ା ଏସ୍‌ପି କହିଛନ୍ତି, ସିସିଟିଭି ଫୁଟେଜରେ ଚାମେଲିଙ୍କୁ ମାଡ଼ ମାରିବାର କୌଣସି ପ୍ରମାଣ ନାହିଁ । ଏସବୁ ଭିତରେ ଚାମେଲିଙ୍କ ବିରୁଦ୍ଧରେ ବିଭିନ୍ନ ଥାନାରେ ପୂର୍ବରୁ ୧୧ଟି ମାମଲା ଥିବା ସୂଚନା ମିଳିଛି । ଚାମେଲିଙ୍କୁ ପୁଲିସର ଦୁର୍ବ୍ୟବହାର ପ୍ରତିବାଦରେ ରାଜ୍ୟ ସରପଞ୍ଚ ସଂଘ ଆନ୍ଦୋଳନ ଚେତାବନୀ ଦେଇଥିବା ବେଳେ, ବିଜେଡି ପ୍ରେସମିଟ୍ କରି ସରକାରଙ୍କୁ ଘେରିଛି ।

### ଆଖିବୁଜିଲେ ଏମଭି ...

କିନ୍ତୁ ଜୀବନ ଥିଲା, ଆଉ ଆଜି ଜୀବନ ଶୂନ୍ୟ ହୋଇଯାଇଛି ସେଦିନର ସେହି ପୋଡ଼ା ଶରୀର। ଯେଉଁ ପୁଅ ମା'ର ଅନ୍ଧ ଲଉଡ଼ି ଥିଲା, ଆଜି ସେହି ମା'ର ଚତୁର୍ଦ୍ଦିଗ ଅନ୍ଧାର। ମା ଆଜି ପୁଅର ଜୀବନ ଫେରାଇଦେବାକୁ ବିକଳ ହେଉଛି, ନଚେତ ମନ୍ଦିରକୁ ନେଇ ଶିବଙ୍କୁ ପୂଜି ପୁଅକୁ ବଞ୍ଚାଇଦେବାକୁ ନିବେଦନ କରୁଛି। (ଆମ୍ବିଆନ୍ସ) କାରଣ ଲକ୍ଷେ ଶିବ ପୂଜି ପାଇଥିବା ପୁଅ ଆଜି ଯେତେବେଳେ ସପ୍ତାହେର ସଂଘର୍ଷ ପରେ ନୀରବି ଯାଇଛି ଭୁବନେଶ୍ୱର ଏମ୍ସର ବର୍ଣ୍ଣ ୱାର୍ଡରେ ସେତେବେଳେ କୋଉ ମା' ବା ନିଜକୁ ସମ୍ଭାଳିପାରିବ। ଅତି ରହସ୍ୟଜନକ ଭାବେ ନିଆଁରେ ୮୦ % ପୋଡ଼ି ଯାଇ ବ୍ରହ୍ମପୁର ଗଠ କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆଙ୍କ ଆଜି ସକାଳେ ଜୀବନ ଚାଲିଯାଇଛି ଏମ୍ସରେ। ୨ ଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଭେଣ୍ଟିଲେଟରରେ ଥିଲେ। କିନ୍ତୁ ହାରିଗଲେ ଆଶୁତୋଷ। ଯେଉଁ ଆଶୁତୋଷ ପୋଲିସ କନେଷ୍ଟବଳ ଥିବା ପତ୍ନୀ ସଂଧ୍ୟା ଏବଂ ଶାଳକ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ଆଣିଥିଲେ ମୃତ୍ୟୁ ପୂର୍ବରୁ ଦୁଇ ଦୁଇ ଥର ବୟାନ ବି ରେକର୍ଡ କରିଥିଲା ପୋଲିସ। ସେହି ଆଶୁତୋଷ ଆଜି ସକାଳେ ଆଖିବୁଜିଛନ୍ତି। ୨ ବର୍ଷ ତଳେ ପ୍ରେମ ବିବାହ କରିଥିଲେ ଆଶୁତୋଷ ଓ ସନ୍ଧ୍ୟା। ସ୍ୱାମୀ ମଟର ଭେହିକିଲ୍ କନେଷ୍ଟବଳ, ପତ୍ନୀ ଓଡ଼ିଶା ପୋଲିସ କନେଷ୍ଟବଳ। ଦୁହେଁ ଖାକି ପିନ୍ଧୁଥିଲେ, ଆଇନର ସୁରକ୍ଷା କରୁଥିଲେ। କିନ୍ତୁ ନିଜ ସଂସାରକୁ ଦେଇପାରିଲେନି ସୁରକ୍ଷା। ଜୁନ୍ ୫ ତାରିଖ। ଆଶୁତୋଷ କହିଥିଲେ, ସନ୍ଧ୍ୟା ରହୁଥିବା ବ୍ରହ୍ମପୁର ପୋଲିସ କଲୋନୀ କ୍ୱାର୍ଟର୍ସଙ୍କୁ ଯାଇଥିଲେ। ଆଉ ସେହି ସମୟରେ ହିଁ ହଠାତ୍ କ'ଣ ଘଟିଲା କେଜାଣି, ସ୍ତ୍ରୀ ଓ ଶାଳକ ମିଶି ପେଟ୍ରୋଲ ପକାଇ ସିଧା ନିଆଁ ଲଗାଇ ଦେଇଥିଲେ ଆଶୁତୋଷଙ୍କ ଉପରକୁ। ଏ ସଂପର୍କରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଶୁତୋଷଙ୍କ ବୟାନ ରେକର୍ଡ ସହ ପତ୍ନୀ, ଶାଳକଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ବି ରୁଜୁ କରିଛି ପୋଲିସ। କିନ୍ତୁ ଆଶୁତୋଷ ଆଖିବୁଜିଲେ ସିନା କୌଣସି ଆକ୍ସନ ନେଇନି। ପୋଲିସର ଏଭଳି ଆଭିମୁଖ୍ୟ ଓ ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇବା ସହ ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ଆଶୁତୋଷଙ୍କ ଭଉଣୀ।

### ଆମେରିକାର ଅନୁରୋଧରେ...

ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ବଜାରକୁ ସ୍ଥିର ରଖିବା ପାଇଁ ୱାଶିଂଟନ୍ ନିଜ ଆଡୁ ପ୍ରତିବନ୍ଧକ କୋହଳ କରିଥିଲା। ଭାରତୀୟ ପେଟ୍ରୋଲିୟମ ମନ୍ତ୍ରାଳୟର ସୁଜାତା ଶର୍ମାଙ୍କ କହିବା ଅନୁଯାୟୀ, ଆମେରିକାର ରିହାତି ଥାଉ ବା ନଥାଉ, ଭାରତ ନିଜର ଶକ୍ତି ସୁରକ୍ଷା ଓ ବ୍ୟବସାୟିକ ଲାଭକୁ ଦୃଷ୍ଟିରେ ରଖି ରୁଷିଆଠାରୁ ତେଲ କିଣିବା ଜାରି ରଖିଛି। ଜୟଶଙ୍କର ୟୁରୋପର ନୈତିକ ଆଭିମୁଖ୍ୟକୁ ମଧ୍ୟ ନିନ୍ଦା କରି କହିଛନ୍ତି ଯେ କୌଣସି ୟୁରୋପୀୟ ଦେଶ ଉପରେ ଭାରତୀୟ ଅସ୍ତ୍ରରେ ଆକ୍ରମଣ ହୋଇନାହିଁ, କିନ୍ତୁ ଭାରତ ଉପରେ ଆକ୍ରମଣ ପାଇଁ ୟୁରୋପର ଅସ୍ତ୍ରଶସ୍ତ୍ର ବହୁ ବର୍ଷ ଧରି ବ୍ୟବହାର କରାଯାଇ ଆସୁଛି।

### ସରକାରୀ ବିଲଡିଂରେ...

ହେଲେ ବିଲଡିଂର ୬ଷ୍ଠ, ୭ମ ଓ ୮ମ ମହଲା ସଂପୂର୍ଣ୍ଣ ସୁରକ୍ଷିତ ରହିଛି। ନିଆଁ ଏହି ୩ ମହଲାକୁ ଡେଇଁ କେମିତି କେବଳ ୮ମ ଓ ୯ମ ଫ୍ଲୋରକୁ କ୍ଷତି ପହଞ୍ଚାଇଲା, ସେକଥା ଆମେ ଭାବୁଛୁ।" କୋଲକାତାର ଅଲୀପୁର ଅଞ୍ଚଳରେ ଦକ୍ଷିଣ ୨୪ ପ୍ରଗଣାର ୧୦ ମହଲା ବିଶିଷ୍ଟ ଜିଲ୍ଲା ପରିଷଦ ବିଲଡିଂ ରହିଛି। ସେଠାରେ ସକାଳ ୯.୫୦ରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ପୁଲିସ୍ ଟିମ ସହ ୧୦ଟି ଅଗ୍ନିଶମ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବିଲଡିଂର ୮ମ ଓ ୯ମ ମହଲାରେ ଥିବା ପ୍ରାୟ ୪ ହଜାର ଇଭିଏମ ଏବଂ କାଗଜପତ୍ର ଧ୍ୱଂସ ହୋଇ ସାରିଥିଲା। ଅଧିକାରୀଙ୍କ କହିବା କଥା ଯେ ଉକ୍ତ ବିଲଡିଂରେ ଏକାଧିକ ସରକାରୀ ବିଭାଗର ଅଫିସ ରହିଛି। ଗିରଫ ହୋଇଥିବା ଟିଏମସି ନେତା ଜାହାଙ୍ଗୀର ଖାନଙ୍କ ଅଫିସ ମଧ୍ୟ ସେହି ବିଲଡିଂରେ ରହିଥିଲା। ଜାହାଙ୍ଗୀର ଖାନ ଜିଲ୍ଲା ପରିଷଦର କର୍ମଦକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଜିଲ୍ଲା ପରିଷଦକୁ ଟିଏମସି ଦ୍ୱାରା ପରିଚାଳିତ ହେଉଥିଲା ଓ ଦକ୍ଷିଣ ୨୪ ପ୍ରଗଣା ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ଗଡ଼ ଭାବେ ପରିଚିତ। ବିଜେପି କ୍ଷମତାକୁ ଆସିବା ପରେ କୌଶିକ ଚୌଧୁରୀ ବେଙ୍ଗଲର ମନ୍ତ୍ରୀ ହୋଇଛନ୍ତି। ସେ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସେ କହିଛନ୍ତି, "ଅଗ୍ନିକାଣ୍ଡ ଯୋଗୁ ଏକାଧିକ ସରକାରୀ ଅଫିସ ସମେତ ୪ ହଜାର ଇଭିଏମ ନଷ୍ଟ ହୋଇଛି। ଇଭିଏମ ଓ ସରକାରୀ ଅଫିସ ଗୁଡ଼ିକ ୮ମ ଓ ୯ମ ମହଲାରେ ରହିଥିଲା। ସେଠାରେ ପ୍ରାୟ ୧୦ଟି ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ଇଭିଏମକୁ ରଖାଯାଇଥିଲା।

### ପୁଲିସ ଦେଉଛି ନିର୍ଯାତନା: ...

ଆତ୍ମାହୁତି ଉଦ୍ୟମ କରିଥିଲେ। ତେବେ କାର୍ଯ୍ୟାଳୟ ପରିସରରେ ଥିବା କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁଁ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ଉଭୟ। ସେମାନଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

### ମହାପ୍ରଭୁଙ୍କ ନୀତି ...

ପହଣ୍ଡିର ଉତ୍ତମ ତଦାରଖ ପାଇଁ ପ୍ରତ୍ୟେକ ବିଗ୍ରହଙ୍କ ପାଇଁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ଭୋଇ ସେବକ, ରଥ ତତ୍ତ୍ୱାବଧାରକ ଚାରମାଳ ସମୀକ୍ଷା ଓ ନିରୀକ୍ଷଣ ଦାୟିତ୍ୱରେ ରହିବେ। ଆସନ୍ତା ୨୯ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବିଶେଷ ନୀତି ଥିବାରୁ ଏହାକୁ କିଭଳି ଶୃଙ୍ଖଳିତ ଭାବେ ପରିଚାଳିତ କରାଯିବ ସେନେଇ ଗୁରୁତ୍ୱାରୋପ କରାଯାଇଛି। ଏଥର ଶୃଙ୍ଖଳିତ ନୀତିକାନ୍ତି ଓ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଦିଆଯାଇଛି ଗୁରୁତ୍ୱ। ସ୍ନାନ ପୂର୍ଣ୍ଣିମାରେ ଶୃଙ୍ଖଳିତ ଜଳଲାଗି ଉପରେ ରହିଛି ଫୋକସ୍। ସମସ୍ତଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ନୀତି କରାଯିବ ବୋଲି କହିଛନ୍ତି ସେବାୟତ। ସମସ୍ତ ପରିଚାଳନାଗତ ନିଷ୍ପତ୍ତି କରାଯାଉଛି, ହେଲେ ଏହା କେତେ ଦୂର କାର୍ଯ୍ୟକାରୀ କରିବେ ସେବାୟତ ତା' ଉପରେ ସମସ୍ତଙ୍କ ନଜର।

# ଶିଶୁ ଶ୍ରମ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୧୨/୬ (ନି.ପ୍ର): ଶିଶୁ ଅଧିକାର ସୁରକ୍ଷା ଏବଂ ନାଲସା (ଶିଶୁଙ୍କ ଉପଯୋଗୀ ଆଇନଗତ ସେବା ଏବଂ ସେମାନଙ୍କ ସୁରକ୍ଷା) ଯୋଜନା, ୨୦୨୪ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସହିତ ' ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ' କାଞ୍ଚିଆପାଳ ଅନ୍ତର୍ଗତ ମହାପୁରୁଷ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଏବଂ ଆଜିର ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ ଶିଶୁ ଶ୍ରମିକ ପ୍ରଥା ହେଉଛି ଜାତୀୟ ବିକାଶର ମୁଖ୍ୟ ପ୍ରତିବନ୍ଧକ। ଶିଶୁଟିଏ କାମ କରିବା ପାଇଁ ନୁହେଁ, ବରଂ ପାଠ ପଢ଼ି ଦେଶର ଭବିଷ୍ୟତ ଗଢ଼ିବା ପାଇଁ ଜନ୍ମ ହୋଇଥାଏ । ମୁଖ୍ୟ ବକ୍ତା ଭାବେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ଆଲୋଚନା କରିଥିଲେ ଯେ ଭାରତରେ ଶିଶୁ ଶ୍ରମିକ ପ୍ରସଙ୍ଗ, ଆଇନ ଏବଂ ନୀତି ଅନୁଯାୟୀ, ପିଲାମାନଙ୍କୁ ନିଯୁକ୍ତି ଦେବା ଏକ କଠୋର ଅପରାଧ। ନିଯୁକ୍ତିଦାତାମାନଙ୍କୁ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ତଥା ଜୋରିମାନା ଦେବାକୁ ପଡିପରେ । ପୁନରାବୃତ୍ତି ଅପରାଧୀମାନଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଅଧିକ ଜେଲଦଣ୍ଡ ହୋଇପାରେ। ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଭଦ୍ରକ, ଆଶ୍ରମର, ସମ୍ପାଦକ, ନକୁଳ ଚରଣ ପାତ୍ର, ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ଏକ ବିତର୍କ ପ୍ରତିଯୋଗିତା -ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି ଉପରେ ପିଲାମାନଙ୍କର ବକ୍ତବ୍ୟ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା ଶେଷରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ପିଲାମାନଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ ପ୍ରଦାନ କରାଯାଇ ସେମାନଙ୍କ ମନୋବଳକୁ ସାହସ ଯୋଗାଇବା ପାଇଁ ଏକ ପ୍ରୟାସ କରାଯାଇଥିଲା ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାରିପଦାରେ 'ବିଶ୍ୱ ରକ୍ତଦାତା ଦିବସ-୨୦୨୬' ପାଳିତ

ବାରିପଦା, ୧୨/୬ (ନି.ପ୍ର): ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ବିଶ୍ୱ ରକ୍ତଦାତା ଦିବସ - ୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି ଓ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାରସକଣା ବିଧାୟକ ଭାଦବ ହାଁସଦା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣନନ୍ଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନୁର୍ଜୟ ମହାନ୍ତ ଯୋଗଦେଇ ଉଦ୍‌ଘାଟନ କରିଥିଲେ ଓ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶଶିକାନ୍ତ ସେଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁନନ୍ଦା ମିଶ୍ର ଓ ଡାକ୍ତର ବିଜୟ କୁମାର ଦାସ ଏବଂ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ଓ ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଏବଂ ଜୀବନ ରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ଜିଲ୍ଲାରେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିରନ୍ତର ସହଯୋଗ କରିଆସୁଥିବା ୩୫ ଜଣ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜକଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଏହି ଦିବସ ପରିପ୍ରେକ୍ଷୀରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ ଆୟୋଜିତ ହୋଇଥିଲା ଓ ସମାଜକୁ ଏକ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଂଜନ ନାୟକଙ୍କ ସମେତ ଡାକ୍ତରଖାନା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ଉତ୍ସାହର ସହିତ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିରରୁ ସର୍ବମୋଟ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ଲଡ୍ ବ୍ୟାଙ୍କର ମେଡିକାଲ ଅଫିସର ଡାକ୍ତର ନିଲେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ରକ୍ତ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ସୁପରିଚାଳନାରେ ଏହି ରକ୍ତଦାନ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ଶିଶୁ ଶ୍ରମିକ ନିରାକରଣ ପାଇଁ ଭଦ୍ରକରେ ୧୫ ଦିନିଆ ସଚେତନତା ଅଭିଯାନ ଆରମ୍ଭ




ଭଦ୍ରକ, ୧୨/୬ (ନି.ପ୍ର): ଆନ୍ତର୍ଜାତୀୟ ଶିଶୁ ଶ୍ରମିକ ବିରୋଧୀ ଦିବସ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଶିଶୁ ଶ୍ରମିକ ନିରାକରଣ ଏବଂ ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ୧୨ ଜୁନରୁ ୨୬ ଜୁନ ୨୦୨୬ ପର୍ଯ୍ୟନ୍ତ ୧୫ ଦିନିଆ "ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ" ଆରମ୍ଭ ହୋଇଛି। ଏହି ଅବସରରେ ଆଜି ଭଦ୍ରକ କଲେକ୍ଟରେଟ ପରିସରରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ"ର ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ ଶ୍ରୀ ଦିଲୀପ ରାଉତରାଏ ଏହି ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦଉଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଆରଏମସି, ଭଦ୍ରକ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ, ଆଶିଆନା ସଂସ୍ଥାର ପ୍ରତିନିଧି, ଶିକ୍ଷକ, ଫେଲୋ, ଓ୍ୱାନ୍ ଷ୍ଟପ୍ ସେଣ୍ଟର, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବିଭିନ୍ନ ବଣିକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଚାଇଲ୍ଡଲାଇନ୍, ପୋଲିସ, ସ୍ୱାସ୍ଥ୍ୟ କର୍ମଚାରୀ, ଶ୍ରମିକ ସଂଗଠନ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବା ପାଇଁ କଲେକ୍ଟରେଟ ପରିସରରେ ଏକ ସେଲ୍‌ଫି ଷ୍ଟଲ୍ ମଧ ସ୍ଥାପନ କରାଯାଇଥିଲା।ରଥ ଶୁଭାରମ୍ଭ ପରେ କଲେକ୍ଟରେଟରୁ ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା" ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସାମାଜିକ ସଂଗଠନର ପ୍ରତିନିଧିମାନେ ସାମିଲ ହୋଇ ଶିଶୁ ଶ୍ରମ ବିରୋଧୀ ବାର୍ତ୍ତା ପ୍ରଚାର କରିଥିଲେ।ପରବର୍ତ୍ତୀ ସମୟରେ ଶ୍ରମ କାର୍ଯ୍ୟାଳୟ ନିକଟରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଏକ "ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ପଥପ୍ରାନ୍ତ ସଭା" ଆୟୋଜିତ ହୋଇଥିଲା। ସଭାରେ ସିଡିଓ, ବିଭାଗୀୟ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ଜିଲ୍ଲା ଶ୍ରମ ଅଧିକାରୀ (ଏନଫୋର୍ସମେଣ୍ଟ), ଏଡିଇଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଶିଶୁ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ପ୍ରତିନିଧିମାନେ ଯୋଗ ଦେଇଥିଲେ।ବକ୍ତାମାନେ ଶିଶୁ ଶ୍ରମ ଉଚ୍ଛେଦ ପାଇଁ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ନିଯୁକ୍ତିଦାତା, ସାମାଜିକ ସଂଗଠନ ଏବଂ ସାଧାରଣ ଜନତାଙ୍କ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଶିଶୁ ଶିକ୍ଷା, ସୁରକ୍ଷା ଓ ଏକ ମର୍ଯ୍ୟାଦାପୂର୍ଣ୍ଣ ଶୈଶବ ପାଇବାର ଅଧିକାରୀ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ ରଥର ଶୁଭ ଉଦ୍ଘାଟିତ



ବାଲେଶ୍ୱର , ୧୨/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଏବଂ ଏହି ସମ୍ବନ୍ଧିତ ଆଇନଗତ ବ୍ୟବସ୍ଥା ବିଷୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଏକ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ଏକ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ' ଏବଂ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରାଲି'ର ଶୁଭ ଉଦ୍ଘାଟନ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସଞ୍ଜୟ ଶେଖର ପ୍ରଧାନ, ଅତିରିକ୍ତ ଶ୍ରମ ଅଧିକାରୀ ସୁଶ୍ରୀ ସୈଳସୁତା ଦାସ, ରଶ୍ମି ରଂଜନ ସ୍ୱାଇଁ, ବାସୁଦେବ ପଣ୍ଡା,, ସାହେବାଙ୍ଗି ହେମ୍ବ୍ରମ, ଆଇନଜୀବୀ ତଥା ଜୁଭେନାଇଲ ସଦସ୍ୟ ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ରଥ, ଭାର ପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ, ବିଭାଗୀୟ କର୍ମକର୍ତ୍ତା, ସେଚ୍ଛାସେବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖଙ୍କ ଉପସ୍ଥିତିରେ ଶିଶୁ ଶ୍ରମିକ ନିଷେଧ ଆଇନ ଓ ଶୃଙ୍ଖଳା ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଛି । ଏହି ସଚେତନତା ରାଲିଟି ପୂର୍ବାହ୍ନ ୧୦ଘଟିକା ସମୟରେ ବାଲେଶ୍ୱର ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଶ୍ରମିକ କ୍ଷତି ପୂରଣ ଆୟୁକ୍ତ କାର୍ଯ୍ୟାଳୟ ଙ୍କ ପରିସରରୁ ବାହାରି ସହର ପରିକ୍ରମା କରିବା ସହ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଉଦ୍‌ଯାପିତ ହୋଇଛି । ଶିଶୁଙ୍କ ଅଧିକାର ଶିକ୍ଷା ଶ୍ରମ ନୁହେଁ 'ଶିଶୁ ଶ୍ରମ ମୁକ୍ତ ଓଡ଼ିଶା - ଆମର ସଂକଳ୍ପ'ପାଇଁ ଏହି ପକ୍ଷ ଜନ ସଚେତନତା ଅଭିଯାନ ଜାରି ରହିଛି। ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଏହି ଜନହିତକର କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ସମାଜରେ ଏହାର ବ୍ୟାପକ ପ୍ରଭାବ ସମାଜରେ ଶିଶୁ ଶ୍ରମିକ ପ୍ରଥା ଏକ ସାମାଜିକ ବ୍ୟାଧି ଏହାର ବିଲୋପ ପାଇଁ ସମସ୍ତେ ଉଦ୍ୟମ କରିବା ସହ ଉଭୟ ବୈଦ୍ୟୁତିକ ଏବଂ ମୁଦ୍ରିତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏହି ସଚେତନତା ଅଭିଯାନର ବ୍ୟାପକ ପ୍ରଚାର ଓ ପ୍ରସାର କରିବାକୁ ବିନମ୍ର ନିବେଦନ ଯେପରି ଏହି ଆଇନଗତ ସଚେତନତା ବାର୍ତ୍ତା ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚିପାରିବ।

# ବିଶ୍ୱ ବିଖ୍ୟାତ ଭାରତୀୟ ବନ୍ଧୁକଚାଳକ ଯଶପାଲ ରାଣାଙ୍କ ପରଲୋକ

ନୂଆଦିଲ୍ଲୀ,୧୨/୬ : କିମ୍ବଦନ୍ତୀ ବନ୍ଧୁକଚାଳକ ତଥା ପ୍ରଶିକ୍ଷକ ଯଶପାଲ ରାଣାଙ୍କ ଦେହାନ୍ତ ହୋଇଛି। କିଛି ସମୟ ପୂର୍ବରୁ ସେ ହୃଦଘାତର ଶିକାର ହୋଇଥିଲେ, ଯେଉଁଥିପାଇଁ ସେ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତ ଖବର ସମଗ୍ର କ୍ରୀଡ଼ା ଜଗତ ଏବଂ ଉତରାଖଣ୍ଡକୁ ସ୍ତବ୍ଧ କରିଦେଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି, 'ଦେବଭୂମି ଉତରାଖଣ୍ଡର ସୁପୁତ୍ର ପଦ୍ମଶ୍ରୀ, ଭାରତୀୟ ବନ୍ଧୁକଚାଳନା ଜଗତର ଗୌରବ ଯଶପାଲ ରାଣାଙ୍କ ଆକସ୍ମିକ ଦେହାନ୍ତ ଖବର ଅତ୍ୟନ୍ତ ଯନ୍ତ୍ରଣାଦାୟକ। ବନ୍ଧୁକ ଚାଳନା କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ, ଐତିହାସିକ ସଫଳତା ଏବଂ ଯୁବ କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ବିଶ୍ୱ ମଂଚରେ ଭାରତକୁ ଗର୍ବିତ କରିଥିଲା। ତାଙ୍କର ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କ ବିୟୋଗ କ୍ରୀଡ଼ା ଜଗତ, ଉତରାଖଣ୍ଡ ଏବଂ ସମଗ୍ର ଦେଶ ପାଇଁ ଏକ ଅପୂରଣୀୟ କ୍ଷତି।ଯଶପାଲ ରାଣା ଉତରାଖଣ୍ଡର ଉତରକାଶୀ ଜିଲ୍ଲାରେ ୧୯୭୬ ମସିହା ଜୁନ୍ ୨୮ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ମୂଳତଃ ନୈନବାଗ ଚିଲାମୁର ନିବାସୀ ଥିଲେ। ତାଙ୍କ ପିତା ନାରାୟଣ ସିଂହ ରାଣା ଉତରାଖଣ୍ଡ ସରକାରରେ କ୍ରୀଡ଼ା ମନ୍ତ୍ରୀ ଥିଲେ। ୧୯୯୪ ମସିହା ହିରୋଶିମା ଏସୀୟ କ୍ରୀଡ଼ାରେ ୨୫ ମିଟର ସେଂଟର ଫାୟାର ପିସ୍ତଲ ଇଭେଂଟରେ ସ୍ୱର୍ଣ୍ଣ ପଦକ ଜିତି ସେ ଆନ୍ତର୍ଜାତୀୟ ସ୍ତରରେ ଚମତ୍କାର ପ୍ରଦର୍ଶନ କରିଥିଲେ। ମାତ୍ର ୧୮ ବର୍ଷ ବୟସରେ ଏସୀୟ କ୍ରୀଡ଼ାରେ ଦେଶକୁ ଗର୍ବିତ କରିଥିବା ଯଶପାଲଙ୍କୁ ଭାରତୀୟ ସୁଟିଂ ଦଳର 'ମଶାଲ ବାହକ' ଭାବରେ ବିବେଚନା କରାଯାଉଥିଲା। ତାଙ୍କର ସଫଳତାର ତାଲିକା ଅତ୍ୟନ୍ତ ଲମ୍ବା। ଏସୀୟ କ୍ରୀଡ଼ା ବ୍ୟତୀତ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ଅନେକ ସ୍ୱର୍ଣ୍ଣ ଏବଂ ଅନ୍ୟାନ୍ୟ ପଦକ ମଧ ଜିତିଥିଲେ। ୧୯୯୫ ମସିହାରେ ଚେନ୍ନାଇ ଏବଂ ୧୯୯୯ ରେ କାଠମାଣ୍ଡୁରେ ଅନୁଷ୍ଠିତ ଏସଏଆଇଏଫ ଖେଳ ଗେମ୍ସରେ ସେ ୮-୮ ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ ସ୍ଥାପନ କରିଥିଲେ। ୨୫ ମିଟର ପିସ୍ତଲ ଇଭେଂଟରେ ତାଙ୍କର ଦକ୍ଷତା ଆଜି ମଧ ଅନୁକରଣୀୟ ଭାବରେ ଦେଖାଯାଉଛି ।

# ଇଣ୍ଡିଆନ୍ ଅଏଲ୍ ପାରଦୀପ ରିଫାଇନରୀରେ ସ୍ତର ଓ ଆପାତ୍‌କାଳୀନ ମକ୍‌ଡ୍ରିଲ୍



ପାରାଦୀପ, ୧୨/୬ (ନି.ପ୍ର): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ଏହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିବା ପାଇଁ ଆଜି ଏକ ସ୍ତର । ଆପାତ୍‌କାଳୀନ ମକ୍‌ଡ୍ରିଲ୍ (ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍) ଆୟୋଜନ କରିଥିଲା । ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ୍ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ERDMP ଅଡିଟରଙ୍କ ଉପସ୍ଥିତିରେ ଏହି ମକ୍ ଡ୍ରିଲ୍‌ଟି କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନରୀର ପଲିପ୍ରୋପିଲିନ (ପିପି) ୟୁନିଟରୁ ପ୍ରୋପିଲିନ ଲିକେଜ ହୋଇ ଅଗ୍ନିକାଣ୍ଡ ଘଟିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍ ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।

# ରାଜ୍ୟ ସ୍ତରୀୟ ଜନକଲ୍ୟାଣ ଯୋଜନାରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



ବାଲେଶ୍ୱର , ୧୨/୬ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଜନକଲ୍ୟାଣ ଯୋଜନା ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ର ଶୁଭାରମ୍ଭ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ,ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ସିମୁଳିଆର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା, ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ବାଲେଶ୍ୱର ମ୍ୟୁନିସିପାଲଟି ଅଧକ୍ଷା ଶ୍ରୀମତୀ ସବିତା ସାହୁ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ ନାୟକ (ଜିଲ୍ଲା ପରିଷଦ) ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ମଞ୍ଚାସିନ ଥିଲେ।ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ଜଗନ୍ନାଥ ଙ୍କ ନିକଟରେ ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ ।ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା, ଓଡ଼ିଶା ସାରା କ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୁବନେଶ୍ୱର ଇଡକୋ ପଡିଆ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଜନକଲ୍ୟାଣ ଯୋଜନାର ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା। ଯୋଜନାର ଶୁଭାରମ୍ଭ କରିବା ଅବସରରେ ବରେଣ୍ୟ ଅତିଥି ଗଣ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ, ଜନ ହିତକାରୀ ଯୋଜନାର ସୁଫଳ ଉପରେ ଆଲୋକପାତ କରିଥିଲେ। ସମଗ୍ର ରାଜ୍ୟ ରେ ଜଣେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପ୍ରସାଶନ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ପ୍ରତି ହିତାଧିକାରୀଙ୍କୁ ୧୦କିଲୋ ସଂପୂର୍ଣ୍ଣ ମାଗଣା ପାଇ ପାରିବେ।ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଖାଦ୍ୟ ସୁରକ୍ଷାର ସୁନିଶ୍ଚିତ ।ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଜିଲ୍ଲା ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟୀ କାର୍ଡ ବଣ୍ଟନ ସହ ଅଙ୍ଗନୱାଡି କର୍ମୀ ଙ୍କୁ ମୋବାଇଲ ଫୋନ ମଧ ବିତରଣ କରିଥିଲେ। ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ (ଜିଲ୍ଲା ପରିଷଦ) ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ ନାୟକ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ

ଭଦ୍ରକ , ୧୨/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ହୋଇଛି।ଏହି ଅବସରରେ ଭଦ୍ରକ ସହିଦ ସ୍ମୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ଉପସ୍ଥିତ ରହି ଜିଲ୍ଲାର ପ୍ରାୟ ୧୧ ଲକ୍ଷ ୮୭ ହଜାର ହିତାଧିକାରୀଙ୍କ ପାଇଁ ଅତିରିକ୍ତ ୫ କେଜି ଚାଉଳ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇ ଗରିବ କଲ୍ୟାଣ ଓ ଖାଦ୍ୟ ସୁରକ୍ଷା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ।

# ବାସୁଦେବପୁର ଥାନାରେ ରକ୍ତଦାନ ଶିବିର ଅନୁଷ୍ଠିତ




ବାସୁଦେବପୁର, ୧୨/୬ (ନି.ପ୍ର): ବାସୁଦେବପୁର ଥାନାର ଥାନା ଅଧିକାରୀ ନିରଜ କୁମାର ସାମଲ ଙ୍କ ଜନ୍ମଦିନ ଅବସରରେ ବାସୁଦେବପୁର ଥାନା ପକ୍ଷରୁ ସମସ୍ତଙ୍କର ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ ଏବଂ ବୃକ୍ଷ ରୋପଣ କରିଥିଲେ। ଏହି ଶିବିରରେ ଏସ ଡି ପି ଓ ବିଚିତ୍ରା ନନ୍ଦ ସେଠୀ, ବିଜେପିର ଯୁବ ନେତା ଉଦୟ ନାରାୟଣ ମଲ୍ଲିକ, ଜଗବନ୍ଧୁ ଦାସ, ସୁବ୍ରତ ଧଳ, ଜୟ ପ୍ରକାଶ ମଲ୍ଲିକ,ସାମ୍ବାଦିକ ରଞ୍ଜନ କୁମାର ମଲ୍ଲିକ ମାନସ କୁମାର ସାହୁ, ବିଜୟ କୁମାର ମିଶ୍ର, ସାମନ୍ତ ନାୟକ, କବି ରଞ୍ଜନ ନାୟକ,ସାମ୍ବାଦିକ ଓ ସମାଜସେବୀ କୈଳାସ ଚନ୍ଦ୍ର ସାହୁ, କଂଗ୍ରେସ ଦଳର ବରିଷ୍ଠ ନେତା ବିଜୟ କୁମାର ମହାନ୍ତି, ତୁହିଦ୍ ଖାଁ, ସୁରେଶ ଚଣ୍ଡ, ଦୀପକ ନାୟକ ପ୍ରମୁଖ ଯୋଗ୍ ଦେଇଥିଲେ। ବାସୁଦେବପୁର ଥାନାର ପୋଲିସ ଷ୍ଟାଫ୍ ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର, ମୀନ କେତନ ସିଂହ, ବିନୋଦ ସାହୁ, ଭାଗ୍ୟଜିତ ନାୟକ, ପୁନମ ଦେବୀ ବେହେରା, ସଞ୍ଜୟ କୁମାର ଲେଙ୍କା, ସଞ୍ଜୟ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। ବାସୁଦେବପୁର ବରିଷ୍ଠ ନାଗରିକ ଏହି ଶିବିରରେ ଯୋଗ ଦେଇଥିଲେ। ସମୁଦାୟ ୧୧୨ ୟୁନିଟ ରକ୍ତ ସଂଗୃହୀତ ହୋଇ ଥିଲା। ସମସ୍ତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା।

# ବିଧବା ମା'ଙ୍କ ଅଭିଯୋଗ : ମୋର ଭତ୍ତା ଟଙ୍କା ଯାଉଛି ଅନ୍ୟ ଜଣଙ୍କ ଆକାଉଂଟକୁ

ଉଦଳା, ୧୨/୬ (ନି.ପ୍ର): ବଡ଼ସାହି ବ୍ଲକର ସୁହାଗପୁରା ପଂଚାୟତ ଅନ୍ତର୍ଗତ କଉଡ଼ିଖଣି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ରାଜୁ ମାର୍ଣ୍ଡିଙ୍କର ସହଧର୍ମିଣୀ ଝାନ ମାର୍ଣ୍ଡି ସାମାଜିକ ସୁରକ୍ଷା ଯୋଜନାରେ ସରକାର ତାଙ୍କୁ ଯେଉଁ ଭତା ପ୍ରଦାନ କରୁଛନ୍ତି ତାହା ଅନ୍ୟ ଜଣଙ୍କ ଆକାଉଂଟକୁ ଚାଲି ଯାଉଛି ବୋଲି ଅଭିଯୋଗ କରିଛନ୍ତି । ଫଳରେ ଆଜକୁ ୨ ବର୍ଷ ଧରି ସେ ଭତା ପାଇପାରୁ ନଥିବାର କଥା କହିଛନ୍ତି । ଆଜକୁ ୧୦ ବର୍ଷ ପୁର୍ବେ ରାଜୁ ମାର୍ଣ୍ଡିଙ୍କ ଦେହାନ୍ତ ହେଲା । ସେ ସମୟରେ ବିଧବା ମା' 'ଝାନ'



ହାତା ହାତି ଭତା ଟଙ୍କା ଆଣୁଥିଲେ । ପରେ ପଂଚାୟତରେ କାର୍ଯ୍ୟରତ ସରକାରୀ ବାବୁ ମାନେ ଏଣିକି ତୁମର ବ୍ୟାଙ୍କ ପାସବୁକକୁ ଭତା ଟଙ୍କା ଯିବ ବୋଲି କହିଲେ । ତହିଁ ପରଠାରୁ ଆଉ ଟଙ୍କା ମିଳିଲା ନାହିଁ । ପଚାରି ବୁଝିବାରୁ ତୁମର ଭତା ଟଙ୍କା ଅନ୍ୟ ଜଣଙ୍କ ଆକାଉଂଟକୁ ଚାଲି ଯାଉଛି ବୋଲି ସଫେଇ ଦେଇ ନିରବ ବସିଲେ । ଏହିପରି ସରକାରୀ ବାବୁ ମାନେ ବିଧବା ମା' ମାନଙ୍କୁ ବିଭିନ୍ନ ପ୍ରକାର ଅସୁବିଧାରେ ପକାଇବା କାର୍ଯ୍ୟରେ ଲାଗିଛନ୍ତି । ପରେ ସବୁ ଠିକ୍ ଠାକ୍ କରି ଦିଆଯିବ ବୋଲି କହି ବେଶ ଭଲ ଉପୁରି ରୋଜଗାର କରୁଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida